# ଧରିତ୍ରୀ
DHARITRI


ପୃଷ୍ଠା–୧୨+୮

ଭୁବନେଶ୍ୱର, ରବିବାର, ଜାନୁଆରୀ ୫/୨୦୨୫ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, January 5/2025 Page 20 ₹ 7.00 | DHENKANAL

୫୧ଶ ଭାଗ ୪୩ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 51 ISSUE 43 ମୂଲ୍ୟ₹୭/-






DSPL-293
ଓଡ଼ିଶା ଶାସନ
ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ପ୍ରତିଶ୍ରୁତି ପୂରଣ ହେଲା
ଜନଜାତି ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ଶିକ୍ଷା ବର୍ଷରେ ଏକକାଳୀନ
୫୦୦୦ ଟଙ୍କା
ପ୍ରୋତ୍ସାହନ ରାଶି ପ୍ରଦାନ
ଶୁଭାରମ୍ଭ
ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା
୫ ଜାନୁଆରୀ ୨୦୨୫
ଭୁବନେଶ୍ୱର
OIPR-26001/13/0009/2425
କଥା ଦେଇ କଥା ରଖିଲେ ଆମ ସରକାର
ଜନଜାତି କଲ୍ୟାଣ ପାଇଁ
ପ୍ରତିବଦ୍ଧ ଲୋକଙ୍କ ସରକାର
ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ ସହ
ବିକଶିତ ଓଡ଼ିଶାର ସ୍ୱପ୍ନ ହେବ ସାକାର
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାର

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜାନୁଆରୀ ୫/୨୦୨୫ | Bhubaneswar, Sunday, January 5/2025 | ପୃଷ୍ଠା-୧

# ଲୁଟ୍ ପାଇଁ ଗୁଳି: ୨ ମୃତ



ମୃତ ସୁନୀଲ ରାୟ

ମୃତ ନୀଳମାଧବ ପଣ୍ଡା

ଲୁଟେରାଙ୍କୁ କାବୁ କରିବା ପାଇଁ ପାଣିକୋଇଲିର ପଣ୍ଡା ଅଳଙ୍କାର ଦୋକାନ ଆଗରେ ଲୋକଙ୍କ ଭିଡ଼ ।

**■ ୨ ଦୁର୍ବୃତ୍ତ ଗିରଫ, ଜଣେ ଫେରାର**

**■ ବନ୍ଧୁକ, ସୁନା ଅଳଙ୍କାର ଜବତ**

**ଯାଜପୁର/ ପାଣିକୋଇଲି (ହର୍ଷବର୍ଦ୍ଧନ ବେହେରା/ ବିକାଶ ଚନ୍ଦ୍ର ମଲ୍ଲିକ), ୪।୧**

ଯାଜପୁର ଜିଲା ପାଣିକୋଇଲି ଥାନା ଅଧୀନ ପଣ୍ଡା ଅଳଙ୍କାର ଦୋକାନରେ ଶନିବାର ଅପରାହ୍ଣ ପ୍ରାୟ ୨ଟା ସମୟରେ ଲୁଟ୍ ଉଦ୍ୟମ ହୋଇଛି। ଏହି ସମୟରେ ଦୁର୍ବୃତ୍ତଙ୍କ ଗୁଳିରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଅଳଙ୍କାର ଦୋକାନ କର୍ମଚାରୀ ତଥା କୋରେଇ ବ୍ଲକ ଭୁବନେଶ୍ୱର ଗ୍ରାମର ସୁନୀଲ ରାୟ(୩୫)ଓ ସ୍ଥାନୀୟ ଯୁବକ ତଥା ସୋତି ଗ୍ରାମର ବିଦ୍ୟୁତ୍ ବିଭାଗ କର୍ମଚାରୀ ନୀଳମାଧବ ପଣ୍ଡା(୨୫)। ଏଥିରେ ଅନ୍ୟଜଣେ ଆହତ ମଧ୍ୟ ହୋଇଛନ୍ତି। ଦୁର୍ବୃତ୍ତଙ୍କ ମଧ୍ୟରୁ ୨ଜଣଙ୍କୁ ଲୋକମାନେ କାବୁ କରି ନିହୁକ ମାଡ଼ ମାରିଥିଲେ। ସେମାନଙ୍କୁ ପୋଲିସ ହେପାଜତକୁ ନେଇ ଗୁରୁତର ଜଣଙ୍କୁ ଚିକିତ୍ସା ପାଇଁ ଯାଜପୁର ସଦର ଡାକ୍ତରଖାନାରେ ଭର୍ତ୍ତି କରିଛି।

ମିଳିଥିବା ସୂଚନା ଅନୁସାରେ, ୩ ଜଣ ଯୁବକ ଏକ ବାଇକ୍ (ଓଡି ୧୭ -ଏକ୍ସ-୭୯୬୫) ଯୋଗେ ଆସି ପଣ୍ଡା ଅଳଙ୍କାର ଦୋକାନ ସମ୍ମୁଖ ରାସ୍ତାରେ ଛିଡ଼ା ହୋଇ ଦୋକାନର କର୍ମଚାରୀ ଓ ଗ୍ରାହକଙ୍କ ଗତିବିଧିକୁ ଲକ୍ଷ୍ୟ କରିଥିଲେ। ତେବେ ଦୋକାନର କର୍ମଚାରୀମାନେ ମଧ୍ୟାହ୍ନଭୋଜନ ଯୋଗୁ ଦୋକାନ ବନ୍ଦ କରୁଥିବା ଦେଖି ପୂର୍ବରୁ ସେଠାରେ ଜଗି ରହିଥିବା ୩ ଜଣ ସଶସ୍ତ୍ର ଦୁର୍ବୃତ୍ତ ଦୋକାନ ଉପରକୁ ୩ ରାଉଣ୍ଡ ଗୁଳି ଚାଳନା କରିଥିଲେ। ପ୍ରଥମ ଗୁଳିଟି ଦୋକାନରେ ବାଜିଥିବା ବେଳେ ଦ୍ୱିତୀୟ ଓ ତୃତୀୟ ଗୁଳି ଯଥାକ୍ରମେ ☞ପୃଷ୍ଠା-୫

**ଆଜିର ସମ୍ପାଦକୀୟ** ଅସ୍ପଷ୍ଟ ଆଭିମୁଖ୍ୟ









# ପ୍ରବାସୀ ଭାରତୀୟ: ବିକଶିତ ଭାରତର ନବସୃଜନର ପରିଭାଷା

## ୧୮ତମ ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ

■ ଅଭୟ ଦ୍ୱିବେଦୀ



"ଆପଣମାନଙ୍କ ସହଯୋଗ ଏବଂ ପ୍ରବାସୀ ଭାରତୀୟଙ୍କ ଅଂଶଗ୍ରହଣ ବିନା 'ବିକଶିତ ଭାରତ'ର ଯାତ୍ରା ଅସମ୍ପୂର୍ଣ୍ଣ ରହିବ। ବିକଶିତ ଭାରତ ସଂକଳ୍ପରେ ଯୋଗ ଦେବାପାଇଁ ମୁଁ ଆପଣମାନଙ୍କୁ ଆମନ୍ତ୍ରଣ କରୁଛି। ନୂତନ ବର୍ଷର ପ୍ରଥମ ମାସ, ଅର୍ଥାତ୍ ୨୦୨୫ ମସିହା ଜାନୁଆରୀ ମାସରେ ଅନେକ ଜାତୀୟ ଉତ୍ସବ ପାଳନ କରାଯାଉଛି। ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ 'ପ୍ରବାସୀ ଭାରତୀୟ ଦିବସ' ସମାରୋହ ଅନୁଷ୍ଠିତ ହେବ, ଯେଉଁଥିରେ ବିଶ୍ୱର କୋଣ ଅନୁକୋଣରୁ ବହୁ ବ୍ୟକ୍ତିବିଶେଷ ଯୋଗଦାନ କରିବେ। ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ମୁଁ ଆପଣମାନଙ୍କୁ ଆମନ୍ତ୍ରଣ କରୁଛି। ଏହି ଅବସରରେ ଆପଣମାନେ ପୁରୀରେ ପ୍ରଭୁ ଜଗନ୍ନାଥଙ୍କର ଆଶୀର୍ବାଦ ଲାଭ କରିପାରିବେ। ଏହା ପରେ ଜାନୁଆରୀ ୧୩ ତାରିଖରୁ ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ଦେଢ଼ମାସ କାଳ ପ୍ରୟାଗରାଜରେ ଅନୁଷ୍ଠିତ ହେଉଥିବା ମହାକୁମ୍ଭ ମେଳାରେ ଭାଗ ନିଅନ୍ତୁ। ଜାନୁଆରୀ ୨୬ ତାରିଖରେ ସାଧାରଣତନ୍ତ୍ର ଦିବସ ସମାରୋହ ଦେଖିବା ପରେ ହିଁ ଫେରନ୍ତୁ। ସବୁଠାରୁ ବଡ଼ କଥା, ଆପଣମାନଙ୍କ କୁଏଟ୍ ବନ୍ଧୁମାନଙ୍କୁ ସାଥିରେ ଆଣନ୍ତୁ ଏବଂ ସେମାନଙ୍କୁ ଭାରତର ମହକ ଅନୁଭବ କରିବାର ସୁଯୋଗ ଦିଅନ୍ତୁ। ଅତୀତରେ ଦିଲ୍ଲୀପ କୁମାର ସାହେବ ଏଠାରେ ପ୍ରଥମ ଭାରତୀୟ ରେସ୍ତୋରାଁ ଉଦ୍‌ଘାଟନ କରିଥିଲେ। ଭାରତର ଅସଲ ସ୍ୱାଦ ସେହିଠାରେ ହିଁ ଅନୁଭବ କରିହୁଏ। ସେହି ସ୍ୱାଦ ପରଖିବା ପାଇଁ କୁଏଟ୍ ବନ୍ଧୁମାନଙ୍କୁ ଆପଣମାନେ ଆମନ୍ତ୍ରଣ କରନ୍ତୁ।" ଗତ ଡିସେମ୍ବର ମାସ ୨୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୁଏଟ୍‌ରେ ବସବାସ କରୁଥିବା ଭାରତୀୟମାନଙ୍କୁ ଏହି ଉଦ୍‌ବୋଧନ ଦେଇଥିଲେ ହେଁ, ବାସ୍ତବରେ ଏହି ଆମନ୍ତ୍ରଣ ସାରା ବିଶ୍ୱର ତିନି କୋଟି ପଚାଶ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀ ଭାରତୀୟଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ। ଦେଶର ବିକାଶ ଓ ସମୃଦ୍ଧିରେ ପ୍ରବାସୀ ଭାରତୀୟଙ୍କ ଅବଦାନ ଓ ଭୂମିକାକୁ ଶ୍ରଦ୍ଧା ଓ ସମ୍ମାନର ସହିତ ସ୍ମରଣ କରିବା ଉଦ୍ଦେଶ୍ୟରେ ୨୦୦୩ ମସିହାରୁ ପ୍ରତିବର୍ଷ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଆନୁକୂଲ୍ୟରେ ଜାନୁଆରୀ ୯ ତାରିଖ 'ପ୍ରବାସୀ ଭାରତୀୟ ଦିବସ' ଭାବେ ପାଳନ କରାଯାଉଛି। କିନ୍ତୁ ୨୦୧୭ ମସିହାରୁ ଏହା ଦ୍ୱିବାର୍ଷିକ ସମାରୋହରେ ପରିଣତ ହୋଇଯାଇଛି।

ଜାନୁଆରୀ ୯ ତାରିଖ ଭାରତ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ। ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରେ ଦୀର୍ଘ ୨୧ ବର୍ଷର ରହଣି ମଧ୍ୟରେ 'ସତ୍ୟାଗ୍ରହ'କୁ ଅସହାୟ ଜନତାଙ୍କ ଅମୋଘ ଅସ୍ତ୍ର ଭାବେ ବିଶ୍ୱବନ୍ଦିତ କରିବା ପରେ ୧୯୧୫ ମସିହା ଏହି ଦିନ ସ୍ୱଦେଶ ଫେରି ଦେଶର ମୁକ୍ତି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ବିଂଶ ଶତାବ୍ଦୀର ଆଦ୍ୟ ସୋପାନରେ ସାରା ଭାରତ ବର୍ଷରେ ଏକତାର ନାଁ ନ ଥିଲା। ଜାତିକୁ ନେଇ କେତେ ଶ୍ରେଣୀ। ଗୋଟିଏ ଜାତି ଭିତରେ ବି 'ବଡ଼ ଜାତି, ସାନ ଜାତି'ର ଫରକ। ବଡ଼ ଜାତି ସାନ ଜାତି ଭିତରେ ବି କେତେ ଉପଜାତି। ଜାତି–ଜାତି ଭିତରେ ଏକାଠି ବସି ଖାଇବା ସମ୍ଭବ ନ ଥିଲା। ସବୁବେଳେ ନଜରରେ ଥିଲେ 'ଅଛବ' ଜାତି। ଛୁଇଁ ପଡ଼ିଲେ ମାରା। ସବର୍ଣ୍ଣଙ୍କ ଆଖିରେ ସେମାନେ ଥିଲେ ଘୃଣ୍ୟ, ହୀନ, ଅପବିତ୍ର। ସେମାନଙ୍କ ପାଇଁ କୂଅ, ପୋଖରୀ, ଦେବଶାଳା, ଶ୍ମଶାନ ସବୁ ମନା ଥିଲା। ସମାଜରେ ଥୋକେ ଥିଲେ ସାମନ୍ତବାଦୀ–ଜମିଦାର, ସାଆନ୍ତ। ସେମାନଙ୍କ ଆଗରେ ସମସ୍ତେ ଥିଲେ ଯୋଡ଼ହସ୍ତ ସେବକ, ବେଠିଆ। ନାରୀମାନଙ୍କର ସ୍ଥାନ ଥିଲା ଆହୁରି ତଳେ। ମୁଣ୍ଡରେ ହାତେ ଲମ୍ବର ଓଢ଼ଣି ଟାଣି ଘର କୋଣରେ ରହି ପିଲା ପାଳିବା, ଘରକାମ କରିବାରେ ସାରା ଜୀବନ ବିତି ଯାଉଥିଲା। ସେମାନଙ୍କ ଦ୍ୱାରା ଆଉ କିଛି ହେଇପାରିବ, ଏକଥା ସେମାନଙ୍କୁ ମଧ୍ୟ ଜଣା ନ ଥିଲା। ବହୁ ଶତାବ୍ଦୀ ଧରି ଏହି ବ୍ୟବସ୍ଥା ଓ ଚଳଣି ଆମ ସମାଜର ଅଙ୍ଗ ପାଲଟି ଯାଇଥିଲା। ହଠାତ୍ ମାତ୍ର କେଇ ବର୍ଷ ଭିତରେ ସବୁ କିଛି ବଦଳିଗଲା– କେମିତି? କିଏ ବଦଳାଇଲେ? – ଏ ପ୍ରଶ୍ନର ଉତ୍ତର ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମହାତ୍ମା ଗାନ୍ଧିଜୀଙ୍କର କୁହୁକ ଆହ୍ୱାନରେ ସେହି ସାଧାରଣ ଗାଁ ଲୋକ, ସ୍ତ୍ରୀ ପୁରୁଷ ଉଭୟ, ସ୍ୱାଧୀନତା ସଂଗ୍ରାମରେ ଲୀନ ହୋଇ ଯେଉଁ ଅସୀମ ସାହସ, ତ୍ୟାଗ, ତିତିକ୍ଷା ଓ ସର୍ବୋପରି ଦେଶପ୍ରେମର ଉତ୍ତୁଙ୍ଗ ପରାକାଷ୍ଠା ପ୍ରଦର୍ଶନ କଲେ, ତାହାର ତୁଳନା ନାହିଁ। ହଠାତ୍ ସବୁ ଭେଦଭାବ ଦୂର ହୋଇଗଲା। ସଂଭ୍ରାନ୍ତ ଜମିଦାରଙ୍କ ଉଚ୍ଚଶିକ୍ଷିତ ସନ୍ତାନମାନେ ଅଛବମାନଙ୍କ ପିଣ୍ଡାରେ ବସି ସେମାନଙ୍କ ସହ ଭୋଜନ କଲେ, ସେମାନଙ୍କ ହାନିଲାଭ ବୁଝିଲେ। ସମସ୍ତେ ଗାନ୍ଧିଜୀଙ୍କ ଆହ୍ୱାନରେ ମନ୍ତ୍ରମୁଗ୍ଧ ହୋଇ ଏକ ହୋଇଗଲେ। ଗାନ୍ଧିଜୀଙ୍କ ଏହି ଅବଦାନକୁ ସ୍ମରଣ କରି ଏକତା ସୂତ୍ରରେ ଦେଶକୁ ଆଗେଇ ନେବା ହିଁ ପ୍ରବାସୀ ଭାରତୀୟ ଦିବସର ଅନ୍ୟତମ ଆଭିମୁଖ୍ୟ।

ପ୍ରବାସୀ ଭାରତୀୟଙ୍କୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇପାରେ। ପ୍ରଥମତଃ: ନନ୍ ରେସିଡେଣ୍ଟ ଇଣ୍ଡିଆନ୍ (Non Resident Indian–NRI)– ବିଦେଶରେ ଚାକିରି ଅବା ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷ, ଅଧ୍ୟୟନରତ ଛାତ୍ର/ଛାତ୍ରୀ ଏବଂ ସେମାନଙ୍କ ଜୀବନସାଥୀ ଏହି ଶ୍ରେଣୀର ପର୍ଯ୍ୟାୟଭୁକ୍ତ। ଭାରତୀୟ ପାସ୍‌ପୋର୍ଟ ହିଁ ଏମାନଙ୍କର ପରିଚୟ। ଭାରତ ସହିତ ଏମାନଙ୍କର ଅନ୍ତରଙ୍ଗ ଆତ୍ମୀୟତା ତିଷ୍ଠି ରହିଥାଏ। ବିଦେଶରେ ଏହିମାନେ ହିଁ ଭାରତୀୟ ଜୀବନଚର୍ଯ୍ୟା, ସଂସ୍କୃତି ଓ ଐତିହ୍ୟର ପ୍ରତିନିଧିତ୍ୱ କରିଥାନ୍ତି। ଦ୍ୱିତୀୟତଃ: ଭାରତୀୟ ବଂଶୋଦ୍ଭବ (Person of Indian Origin–PIO) ସୁଦୀର୍ଘ ଅତୀତରେ ଏମାନଙ୍କ ପିତାମାତା, ଜେଜେବାପା–ଜେଜୀମା କିମ୍ବା ପୂର୍ବଜ ଭାରତରେ ଜନ୍ମଗ୍ରହଣ କରିଥିଲେ। କୌଣସି କାରଣରୁ ଏମାନେ ବିଦେଶ ଆସି ସେଠାରେ ସ୍ଥାୟୀ ବାସିନ୍ଦା ପାଲଟିଗଲେ। ଆଇନର ପରିଭାଷାରେ ଏମାନେ ଭାରତୀୟ ନୁହନ୍ତି, କିନ୍ତୁ ଭାରତୀୟ ଭାବେ ନିଜର ପରିଚୟକୁ ନେଇ ବେଶ୍ ଗର୍ବ ଅନୁଭବ କରନ୍ତି। ଇଂଲଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଋଷି ସୁନକ ଏହି ପର୍ଯ୍ୟାୟର। ଋଷି ସୁନକଙ୍କ ପିତାମାତା ୧୯୬୬ ମସିହାରେ ଇଂଲଣ୍ଡ ଆସିଥିଲେ। ତୃତୀୟତଃ: ଭାରତର ବିଦେଶୀ ନାଗରିକ (Overseas Citizen of India –OCI), ଏମାନେ ବାସ୍ତବରେ ବିଦେଶୀ ନାଗରିକ। କିନ୍ତୁ ଭାରତରେ ଜୀବନବ୍ୟାପୀ କାମ କରିବା ପାଇଁ ଏମାନଙ୍କୁ ଭିଜା ଅନୁମତି ମିଳିଥାଏ। ଏମାନେ ଭାରତକୁ ନିଜର କର୍ମଭୂମି ଭାବେ ଆଦରି ନେଇଥିବାରୁ ଦେଶ ପ୍ରତି ଏମାନଙ୍କର ବନ୍ଧନ ଅତୁଟ ରହିଥାଏ।

ଚଳିତ ବର୍ଷ ୧୮ତମ ପ୍ରବାସୀ ଭାରତୀୟ ଦିବସର ପ୍ରସଙ୍ଗ ହେଉଛି 'ବିକଶିତ ଭାରତ ଗଠନରେ ପ୍ରବାସୀ ଭାରତୀୟଙ୍କ ଅବଦାନ'। ବିକଶିତ ଭାରତର ପୂର୍ବାଭାସ ସମ୍ପର୍କରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ କୁଏଟ୍ ଉଦ୍‌ବୋଧନରେ କହିଥିଲେ–"ବିଗତ ଦଶବର୍ଷ ମଧ୍ୟରେ ଭାରତରେ ବିଛାଯାଇଥିବା ଅପ୍‌ଟିକାଲ ଫାଇବରର ଲମ୍ବ ପୃଥିବୀ ଓ ଚନ୍ଦ୍ର ମଧ୍ୟରେ ଥିବା ଦୂରତାଠାରୁ ଆଠଗୁଣ ଅଧିକ। ଆଜି ଭାରତ ବିଶ୍ୱର ସବୁଠାରୁ ଅଧିକ ଡିଜିଟାଲ ସଂଯୋଗକାରୀ ଦେଶଗୁଡ଼ିକ ମଧ୍ୟରୁ ଅନ୍ୟତମ। ଆଗାମୀ ଦିନରେ ଭାରତ ବିଶ୍ୱ–ବିକାଶ–କେନ୍ଦ୍ରରେ ପରିଣତ ହେବ।" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ଓ ସଂକଳ୍ପର ଫଳପ୍ରସୂ ପରିଣତି ସ୍ୱରୂପ ୨୦୪୭ ମସିହାରେ ଭାରତ ବିକଶିତ ରାଷ୍ଟ୍ରରେ ପରିଣତ ହେବ। ସୁଦୃଢ଼ ଅର୍ଥନୀତି ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସୁଦୂରପ୍ରସାରୀ ପ୍ରଭାବ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ସମର୍ଥ ହେବ। ଏହି ଦୁଇଟି କ୍ଷେତ୍ରରେ ପ୍ରବାସୀ ଭାରତୀୟ ବିଶ୍ୱରେ ନେତୃତ୍ୱ ନେଇଛନ୍ତି। ସଦ୍ୟତମ ତଥ୍ୟ ଅନୁଯାୟୀ ଷୋହଳଟି ଫର୍ଚ୍ଚୁନ ୫୦୦ କମ୍ପାନୀର ମୁଖ୍ୟ ହେଉଛନ୍ତି ଭାରତୀୟ ବଂଶୋଦ୍ଭବ। ମାଇକ୍ରୋସଫ୍ଟର ସତ୍ୟ ନାଡେଲାଙ୍କଠାରୁ ଆଲ୍‌ଫାବେଟ୍‌ର ସୁନ୍ଦର ପିଚାଇଙ୍କ ପର୍ଯ୍ୟନ୍ତ ସମସ୍ତେ ବିଶ୍ୱ ନେତୃତ୍ୱର ପରିଭାଷା ପୁନଃ ନିର୍ଦ୍ଧାରଣ କରିବାରେ ସଫଳ ହୋଇଛନ୍ତି। କର୍ପୋରେଟ୍ ଆମେରିକାରେ ପ୍ରବାସୀ ଭାରତୀୟଙ୍କ ପ୍ରଭାବଶାଳୀ ଉପସ୍ଥିତି କେବଳ ପରିସଂଖ୍ୟାନ ଦୃଷ୍ଟିକୋଣରୁ କୌତୂହଳପୂର୍ଣ୍ଣ ନୁହେଁ, ଆଧୁନିକ ବ୍ୟବସାୟ ଜଗତର ବିଶ୍ୱସ୍ତରୀୟ ନେତୃତ୍ୱ ସମ୍ପର୍କରେ ଏହା ଦମ୍ଭୋକ୍ତିପୂର୍ଣ୍ଣ ବିବୃତି ଭାବେ ଗ୍ରହଣ କରାଯାଇପାରେ। ୨୦୨୩ ମସିହା ତଥ୍ୟ ଆଧାରରେ ପ୍ରାୟ ୭୮% ଭାରତୀୟ–ଆମେରିକୀୟ ଅନ୍ୟୂନ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି, ଯାହା ଆମେରିକାର ଜାତୀୟ ହାର ୩୭%ଠାରୁ ଦୁଇଗୁଣରୁ ଅଧିକ। ଏହା ହିଁ ହେଉଛି ସେମାନଙ୍କ ସଫଳତାର ମଞ୍ଜକଥା।

ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବାରେ ପ୍ରବାସୀ ଭାରତୀୟଙ୍କ ପ୍ରମୁଖ ଅବଦାନ ରହିଛି। ୨୦୨୩ ମସିହାରେ ପ୍ରବାସୀ ଭାରତୀୟମାନେ ଯେଉଁ ୧୨୫ ବିଲିୟନ ଡଲାର ଅର୍ଥ ଦେଶକୁ ପଠାଇଥିଲେ, ତାହା ବିଶ୍ୱରେ ସର୍ବାଧିକ ଏବଂ ଦେଶର ଜିଡିପିର ୩.୪%। ସେମାନେ ମଧ୍ୟ ଦେଶରେ ପ୍ରତ୍ୟକ୍ଷ ପୁଞ୍ଜି ନିବେଶର ପ୍ରମୁଖ ଉତ୍ସ। ତିନି କୋଟି ପଚାଶ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀ ଭାରତୀୟଙ୍କ ସଂଖ୍ୟା ଅନ୍ୟ ସମସ୍ତ ଦେଶ ତୁଳନାରେ ସର୍ବାଧିକ। କିନ୍ତୁ ବୃହତ୍ତର ଦୃଷ୍ଟିକୋଣରୁ ବିଚାର କଲେ ଏହା କେବଳ ସଂଖ୍ୟାରେ ସୀମିତ ନୁହେଁ, ପ୍ରବାସୀ ଭାରତୀୟ ହେଉଛନ୍ତି ଏକ ଗତିଶୀଳ ଶକ୍ତି, ଯାହା ବିଶ୍ୱ ଏବଂ ଭାରତର ଭବିଷ୍ୟତକୁ ନୂତନ ରୂପରେ ଉଦ୍‌ଭାସିତ କରିବା ପାଇଁ ସମର୍ଥ। ସିଲିକନ୍ ଭ୍ୟାଲି ଟେକ୍‌ନୋଲୋଜି କ୍ଷେତ୍ରରୁ ଇଂଲଣ୍ଡର ନୀତି ନିର୍ଦ୍ଧାରକ; ମଧ୍ୟପ୍ରାଚ୍ୟର ନର୍ସମାନଙ୍କଠାରୁ ଅଷ୍ଟ୍ରେଲିଆ ଓ କାନାଡାର ଛାତ୍ର ସମାଜ, ଏହି ପ୍ରବାସୀ ଭାରତୀୟମାନେ କେବଳ ପ୍ରବାସର କାହାଣୀ ନୁହନ୍ତି, ଏମାନେ ସମସ୍ତେ ସହଯୋଗ ଓ ନବସୃଜନର ପ୍ରତିଶ୍ରୁତି ବହନ କରନ୍ତି।

ଆନନ୍ଦର କଥା, ଭାରତ ସରକାରଙ୍କର ଏହି ପ୍ରମୁଖ କାର୍ଯ୍ୟକ୍ରମ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଛି, ଯେଉଁଥିରେ ଦେଶର ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ନେତୃବୃନ୍ଦ ପ୍ରାୟ ଆଠ ହଜାର ପ୍ରବାସୀ ଭାରତୀୟଙ୍କୁ ଉଦ୍‌ବୋଧନ ଦେବେ। ବିଦେଶରେ ରହୁଥିବା ଆମ ରକ୍ତ ସମ୍ପର୍କୀୟଙ୍କୁ ସ୍ୱାଗତ କରିବା ସହିତ ସେମାନଙ୍କୁ ଅବିସ୍ମରଣୀୟ ଅନୁଭୂତି ପରଖିବା ପାଇଁ ଭୁବନେଶ୍ୱର ଅପରୂପ ଶୋଭାରେ ସଜ୍ଜିତ ହୋଇଛି। ଭୁବନେଶ୍ୱର କେବଳ ଐତିହ୍ୟ ଓ ସଂସ୍କୃତିର ମନ୍ଦିରମାଳିନୀ ସହର ନୁହେଁ, ଆତିଥ୍ୟ ପ୍ରଦାନ କ୍ଷେତ୍ରରେ ଏହାର ଯଥେଷ୍ଟ ସୁନାମ ରହିଛି। ସମସ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ଲାଭ କରନ୍ତୁ।

ଭଦ୍ରାଣୀ, ସାଲନ୍ଦୀ ନଗର,
ଭଦ୍ରକ–୭୫୬୧୦୦
ମୋ–୯୪୩୭୧୯୧୩୫୦
email : saiabhay19@gmail.com

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭୁବନେଶ୍ୱର ପଥ ଉତ୍ସବ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ, ସମୟ: ସକାଳ ୬ଟା ୩୦।
- ୟୁଥ୍ ଫର୍ ସେବା ସାମାଜିକ ସଙ୍ଗଠନ ପକ୍ଷରୁ 'ଅଙ୍କୁର ଶିଶୁ ମହୋତ୍ସବ', ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ୍–୯, ସମୟ: ସକାଳ ୯ଟା ୧୫।
- ଶ୍ରୀ ଶ୍ରୀମତ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ ଅବସରରେ ସମବେତ ଉପାସନା, ସ୍ଥାନ: ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ୍ ନଂ. ୧୭୮, ୟୁନିଟ୍–୯, ସମୟ: ସକାଳ ୯ଟା ୩୦।
- ଜ୍ଞାନ ଓ ବିଜ୍ଞାନ ସମ୍ବଳିତ ପଞ୍ଚଦିବସୀୟ ଗୀତା କଥା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଆଡେଡ କଲେଜ (୪୮୮ କାଟେଗୋରି) ଟିଚର୍ସ ଆଣ୍ଡ ଏମ୍ପ୍ଲୋଇଜ୍ ଆସୋସିଏଶନ ପକ୍ଷରୁ କାର୍ଯ୍ୟକ୍ରମ, ସ୍ଥାନ: ମା' ସୁନାଦେଈ ମନ୍ଦିର, ନିକୋ ପାର୍କ ରୋଡ଼, ପୁରୁଣା ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟସ୍ତରୀୟ ସାଂସ୍କୃତିକ ଓ ଲୋକନୃତ୍ୟ ମହୋତ୍ସବ, ସ୍ଥାନ: ଏକାମ୍ର ହାଟ, ସମୟ: ଅପରାହ୍ନ ୨ଟା।
- ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ଇଂଲିଶ ନୂତନ ବର୍ଷର ବନ୍ଧୁ ମିଳନ ଓ କ୍ୟାଲେଣ୍ଡର ଉନ୍ମୋଚନ ଉତ୍ସବ, ସ୍ଥାନ: ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ଡି.ଏଲ୍ କଲୋନୀ, ବୀର ସୁରେନ୍ଦ୍ର ସାଏ ନଗର, ସମୟ: ଅପରାହ୍ନ ୪ଟା।
- ପ୍ରଜ୍ଞାନ ମିଶନ ପକ୍ଷରୁ ଜ୍ଞାନ ଯଜ୍ଞ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।

## କଟକ

- ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଅବସରରେ ପଥ ଉତ୍ସବ, ସ୍ଥାନ: ବାରବାଟୀ ଦୁର୍ଗ ପରିସରସ୍ଥ ସତ୍ୟବ୍ରତ ଷ୍ଟାଡିୟମ ସମ୍ମୁଖ, ସମୟ: ସକାଳ ୭ଟା ୩୦।
- ଚିନ୍ମୟ ମିଶନ କଟକ ଓ ଜଗତପୁର ମିଳିତ ଆନୁକୂଲ୍ୟରେ ଗୀତା ଜ୍ଞାନ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସକାଳ ୭ଟା ୩୦।
- ବିଜ୍ଞାନ ପ୍ରଚାର ସମିତିର ୭୫ତମ ବାର୍ଷିକୋତ୍ସବ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ବକ୍ତୃତା କକ୍ଷ, ସମୟ: ସକାଳ ୯ଟା।
- ପ୍ରଥମ ସର୍ବଭାରତୀୟ ବିଚାରପତିମାନଙ୍କ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନସିପ୍ ଦ୍ୱିତୀୟ ଦିବସ, ସ୍ଥାନ : ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୧୬ତମ କଟକ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ସାରଳା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସୁରେଶ ସ୍ମାରକୀ ରାଜ୍ୟସ୍ତରୀୟ କପ୍ କ୍ରିକେଟ୍ ୨୦୨୫ ଆରମ୍ଭ, ସ୍ଥାନ: ସୋମପଡା ଖେଳ ପଡ଼ିଆ,ତିଗିରିଆ,ସମୟ: ପୂର୍ବାହ୍ନ ୧୦ଟା।
- ସୁଶ୍ରୀ ଜୟାକିଶୋରୀଙ୍କ ତିନିଦିନିଆ ପ୍ରବଚନର ଉଦ୍‌ଯାପନୀ ଦିବସ, ସ୍ଥାନ: ସିଡିଏ ମିନି ଷ୍ଟାଡିୟମ, ବିଡ଼ାନାସୀ, ସମୟ: ଅପରାହ୍ନ ୪ଟା।
- ଗୁରୁ ଧୋବି ବେହେରା କଳା ସାହିତ୍ୟ ସଂସଦର ପଞ୍ଚଦଶତମ ବାର୍ଷିକ ଉତ୍ସବ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

୩୫ତମ ରାଜ୍ୟସ୍ତରୀୟ ମଙ୍ଗଳା କ୍ରିକେଟର ଫାଇନାଲ ମ୍ୟାଚ୍, ସ୍ଥାନ: ହାଇସ୍କୁଲ ପଛପଡ଼ିଆ, ମିନି ଷ୍ଟାଡିୟମ୍ କାକଟପୁର, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ହଳଦୀପଦା ପ୍ରଗତି ମଞ୍ଚର ବନ୍ଧୁମିଳନ ଉତ୍ସବ, ସ୍ଥାନ: ଷ୍ଟେଶନ ପରିସର, ହଳଦୀପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ରାଜ୍ୟ ସରକାରୀ କର୍ମଚାରୀ ସଂଘର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଉଦ୍ୟୋଗ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ସପ୍ତଦଶ ବାର୍ଷିକ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ହଳଦୀପଦା, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- 'ଦୁବଲାଗଡ଼ି ବିଚ୍ ମହୋତ୍ସବ', ସ୍ଥାନ: ଦୁବଲାଗଡ଼ି ବେଳାଭୂମି, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଜାମୁନିଆ ଆଞ୍ଚଳିକ ମହୋତ୍ସବ ତୃତୀୟ ସନ୍ଧ୍ୟା, ସ୍ଥାନ: ଜାମୁନିଆ ଖେଳ ପଡ଼ିଆ, ରୂପସା, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ରାଣୀତାଲ ସାହିତ୍ୟ ସଂସଦର ୪୧ତମ ବାର୍ଷିକୋତ୍ସବ, ସ୍ଥାନ: ରାଣୀତାଲ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ସକାଳ ୯ଟା।
- ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ଚୁଡ଼ାକୁଟି, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଆଲୁମ୍‌ନି ମିଟ୍, ସ୍ଥାନ: ଚାନ୍ଦିମାଳ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଭିନ୍ନ ସମବାୟ ସମିତିରେ ଧାନ ସଂଗ୍ରହ ଶୁଭାରମ୍ଭ, ସ୍ଥାନ: ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ବନ୍ଧୁମିଳନ, ସ୍ଥାନ: ମୁକୁନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଧାନ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ଆରସା, ଭାଟପଡ଼ା, ଅଣ୍ଡରାଇ, ବାମନବିନ୍ଧା, ଚରିତରଫ ଓ ବାରସର ସମବାୟ ସମିତି, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ସତ୍ୟସାଇ ସମିତି ତରଫରୁ ବାଲ୍ ବିକାଶ ଶିକ୍ଷା ଏବଂ ଆଧ୍ୟାତ୍ମିକ ଆଲୋଚନା, ଭଜନ ସମ୍ମିଳନୀ, ସ୍ଥାନ: ମରୈଗାଁ, ଡଅଁର, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଏବଂ ସନ୍ଧ୍ୟା ୬ ଟା।
- ଜାତୀୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା, ସ୍ଥାନ: ପାଟଣା ବ୍ଲକ୍ କାଠବାଉଁଶୁଳି, ସମୟ: ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ

- ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- କୃଷକମାନଙ୍କ ପାଠଶାଳା କାର୍ଯ୍ୟକ୍ରମ, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା ୩୦।
- ସରୋଜ ନାୟକ ମେମୋରିଆଲ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ,ଆରପଟା, ବଡ଼ସାହି,ସମୟ: ଅପରାହ୍ନ ୨ଟା।
- ବୈଶିଙ୍ଗା ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ବୈଶିଙ୍ଗା ମହୁରୀ ପଡ଼ିଆ,ସମୟ: ସନ୍ଧ୍ୟା ୬ଟା।

ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର

ଜାତୀୟ ପକ୍ଷୀ ଦିବସ ପାଳନ
ସ୍ଥାନ: ବଛପଲୀ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଗଞ୍ଜାମ

- ସଉପାନ୍ତ ସାଂସ୍କୃତିକ ସାହିତ୍ୟ ସେବା ସଂସଦର କବିତା ଆସର, ସ୍ଥାନ: ସୁରଙ୍ଗି ବନଦୁର୍ଗା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲାସ୍ତରୀୟ ଯୋଗାସନ ଓ ବ୍ୟାୟାମ ପ୍ରତିଯୋଗିତା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆସିକା,ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧୯୯୫ ମ୍ୟାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ, ସ୍ଥାନ: କରଚୁଲି ଶକୁନ୍ତଳା ବିଦ୍ୟାପୀଠ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡ଼ା ଅନ୍ତରପଡ଼ା, ଶାଙ୍କୁଳେଇ ପୀଠ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଭଗବତ ଶୋଭାଯାତ୍ରା ଓ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ, ସ୍ଥାନ: ଦକ୍ଷିଣକାଳୀ, ଢେଙ୍କାନାଳ, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର

- ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍)ର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ରିଫାଇନାରୀ ଟାଉନସିପ, ପାରାଦୀପ, ସମୟ: ସକାଳ ୯ଟା।
- ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଗଣପତି ଶିଶୁ ବିଦ୍ୟାମନ୍ଦିର, ବାଲିଝରା, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା ସଡ଼କ ସଚେତନତା ରଥର ପଥପ୍ରାନ୍ତ ନାଟକ ଓ ସଚେତନତା, ସ୍ଥାନ: ଆଦର୍ଶ ଥାନା ଛକ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ଲଳିତ କଳା ସଂସଦ ଦ୍ୱାରା ୫ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଳାଇ କପ୍ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଅଙ୍ଗୁଳାଇ ହାଇସ୍କୁଲ ଖେଳ ପଡ଼ିଆ, ମାର୍ଶାଘାଇ, ସମୟ:ସକାଳ ୯ଟା।
- କେନ୍ଦ୍ରାପଡ଼ା ଜିଲା ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ଉଦୟପୁର, ଡେରାବିଶ, ସମୟ: ସକାଳ ୯ଟା।
- ବିପ୍ଳବୀ କବି ଆନନ୍ଦଚନ୍ଦ୍ର କ୍ରିକେଟ୍ କପ୍ ଟୁର୍ନାମେଣ୍ଟ, ସ୍ଥାନ: ଡାଳିକାଏନ୍ଦା, ସିକୋ, ରାଜକନିକା, ସମୟ: ସକାଳ ୯ଟା।

## ନୟାଗଡ଼

- ରଣପୁର ମହୋତ୍ସବ ଅର୍ଜୁନ ୨୦୨୫ର ଉଦ୍‌ଘାଟନ ପାଇଁ ପ୍ରଭାତ ଫେରି ଓ ରାମ ଧୂନ, ସ୍ଥାନ: ରଣପୁର, ସମୟ: ପ୍ରାତଃ ୫ଟା।
- ରଣପୁର ମହୋତ୍ସବ ଅର୍ଜୁନ ୨୦୨୫ର ଉଦ୍‌ଘାଟନ ଉତ୍ସବରେ ଗଣଦୌଡ଼, ସ୍ଥାନ: ରଣପୁର ମା'ମଣିନାଗ ପୀଠରୁ ଶହୀଦ ମଣ୍ଡପ ପର୍ଯ୍ୟନ୍ତ, ସମୟ:ସକାଳ ୮ଟା।
- ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ସଡ଼କ ସୁରକ୍ଷା ଉପରେ ଫିଲ୍ମ ପରିବେଷଣ, ସ୍ଥାନ:ନୟାଗଡ଼ ପଠାଣି ସାମନ୍ତ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ରଣପୁର ମହୋତ୍ସବ ଅର୍ଜୁନ ୨୦୨୫ର ଉଦ୍‌ଘାଟନ ଉତ୍ସବରେ ଶହୀଦ ଜ୍ୟୋତି ଯାତ୍ରା, ସ୍ଥାନ: ରଣପୁର ଶହୀଦ ମଣ୍ଡପରୁ ମହୋତ୍ସବ ପରିସର ବାଘ ସାମନ୍ତ ପଡିଆ, ସମୟ:ପୂର୍ବାହ୍ନ ୧୧ଟା।
- ରଣପୁର ମହୋତ୍ସବ ଅର୍ଜୁନ ୨୦୨୫ର ଉଦ୍‌ଘାଟନ ଉତ୍ସବର ମଞ୍ଚ ପୂଜା, ସ୍ଥାନ: ରଣପୁର ବାଘ ସାମନ୍ତ ପଡିଆ, ସମୟ:ଅପରାହ୍ନ ୨ଟା।

## ନବରଙ୍ଗପୁର

- ସିଆରପିଏଫ୍ ୧୨ ବାଟାଲିୟନ ପକ୍ଷରୁ ଫିଟ ଇଣ୍ଡିଆ ସାଇକେଲ ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁର ରିଜର୍ଭ ପୋଲିସ ପଡ଼ିଆ ନିକଟ, ସମୟ: ସକାଳ ୯ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ଦାନିପାଲି ଶ୍ରୀଲଡ୍ଡୁ ଗୋପାଳ ସେବା ସମିତି ପକ୍ଷରୁ ନବ କୁଣ୍ଡିୟ ଶତଚଣ୍ଡି ମହାଯଜ୍ଞ, ସ୍ଥାନ : ମନ୍ଦଲିଆ ପଡିଆ, ସମୟ : ସକାଳ ୯ଟା।
- ସମ୍ବଲପୁର ଲୋକ ମହୋତ୍ସବ ଆଲୋଚନା ଚକ୍ର ଉପସମିତି ପକ୍ଷରୁ ପଶ୍ଚିମ ଓଡ଼ିଶା–ଲୋକ ସଙ୍ଗୀତର ସ୍ଥିତି ଓ ପ୍ରକୃତି ବିଷୟରେ ଆଲୋଚନା, ସ୍ଥାନ : ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୦ଟା।
- ଫଟୋ, ଚିତ୍ର ଓ ହସ୍ତକଳା ପ୍ରଦର୍ଶନୀ, ସ୍ଥାନ : ଅଇଁଠାପାଲି ନିକଟସ୍ଥ ପିଏଚଡି ପଡିଆ ପରସରସ୍ଥ ପ୍ରଦର୍ଶନୀ କକ୍ଷ, ପୂର୍ବାହ୍ନ ୧୦ଟା ୩୦ ରୁ ରାତି ୯ଟା ୪୫।
- କୁଚିଣ୍ଡା ବ୍ଲକ ହାଡିପାଲି ଗ୍ରାମ ପଞ୍ଚାୟତ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ ସ୍ଥାନ: ହାଇସ୍କୁଲ ପରିସର, ସମୟ: ଅପରାହ୍ନ ୨ଟା।
- ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଫଟୋ, ଚିତ୍ର ଓ ହସ୍ତକଳା ପ୍ରଦର୍ଶନୀର ଉଦ୍‌ଘାଟନ ଉତ୍ସବ, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୫ଟା।
- ଦାନିପାଲି ଶ୍ରୀଲଡ୍ଡୁ ଗୋପାଳ ସେବା ସମିତି ପକ୍ଷରୁ ଶ୍ରୀମଦ୍ ଭାଗବତ କଥା ମହୋତ୍ସବରେ ଭକ୍ତ ପ୍ରହଲ୍ଲାଦ ବିଷୟରେ ପ୍ରବଚନ , ସ୍ଥାନ : ମନ୍ଦଲିଆ ପଡିଆ, ସମୟ : ଅପରାହ୍ନ ୫ଟା।
- ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଲୋକ ନୃତ୍ୟ ଆସର, ସ୍ଥାନ : ପିଏଚ୍‌ଡି ପଡିଆ ସ୍ଥିତ ଲୋକ ମହୋତ୍ସବ ମଞ୍ଚ, ସମୟ : ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା ୪୫।

## ବଲାଙ୍ଗୀର

- ମଠଖାଇ ମହୋତ୍ସବ ଉପଲକ୍ଷେ ନାଟ୍ୟଜ୍ୟୋତି ସ୍ଥାପନ, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ତୃତୀୟ ବେଣୁଧର ମେମୋରିଆଲ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ହାଇସ୍କୁଲ ପଡିଆ, ଚନ୍ଦନଭାଟି, ସମୟ: ସକାଳ ୯ଟା।
- ମଠଖାଇ ମହୋତ୍ସବ ଉପଲକ୍ଷେ ପଥୋତ୍ସବ, ସ୍ଥାନ: ବଲାଙ୍ଗୀର ସହରର ବିଭିନ୍ନ ମୁଖ୍ୟ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ମାହେଶ୍ୱରୀ ପକ୍ଷରୁ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ରାଧାରମଣ ଅନାଥାଶ୍ରମ ପରିସର, ଗନ୍ଧରେଲ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା।
- ୧୬ତମ ମଠଖାଇ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ୪ର୍ଥ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ବରଘାଟ ଖେଳ ପଡିଆ,ବୀରମହାରାଜପୁର ବ୍ଲକ ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜିର ଏକାଦଶରେ ତିନୋଟି ଗ୍ରହ ଥିବାରୁ ସମ୍ମାନ, କାର୍ଯ୍ୟସାଧନ, ମିତ୍ରତା ବୃଦ୍ଧି ସାଙ୍ଗକୁ ବିବାଦର ସମାଧାନ ହେବ। ନୀଚ ରାଶିରେ ମଙ୍ଗଳଜନିତ ଅସୁସ୍ଥତାର ସୂଚନା ରହିଛି। ଘର ଲୋକଙ୍କ ଅପେକ୍ଷା ପର ଲୋକଙ୍କ ସାହାଯ୍ୟ, ସହଯୋଗ ବିଶେଷଭାବେ ଅନୁଭୂତ ହେବ। ନିରପେକ୍ଷ ନ୍ୟାୟ ପ୍ରଦାନ କରି ବନ୍ଧୁଗହଣରେ ବହୁ ଚର୍ଚ୍ଚିତ ହୋଇପାରନ୍ତି।

**ବୃଷ**
ତୃତୀୟାଧିପ ଭାଗ୍ୟସ୍ଥ ହେତୁ ସ୍ୱଜନ, ସମ୍ପର୍କୀୟ ଏବଂ ଭାଇବନ୍ଧୁଙ୍କ ସୁସମ୍ପର୍କ ପୁନଃ ସ୍ଥାପିତ ହେବ। କର୍ମକ୍ଷେତ୍ରରେ ଫାଇଲ୍ କାମକୁ ନେଇ ସହକର୍ମୀଙ୍କ ସହ ବାକ୍‌ଯୁଦ୍ଧ ଲାଗିପାରେ। ବ୍ୟୟବୃଦ୍ଧି କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ବୃଥା ଭ୍ରମଣ ଓ ଅଯଥା ଗୁଡ଼ାଏ ମୂଲ୍ୟହୀନ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି।

**ମିଥୁନ**
ରାଶ୍ୟାଧିପତିଙ୍କ ସ୍ୱଗୃହକୁ ଦୃଷ୍ଟି ଯୋଗୁ ଆରୋଗ୍ୟ ଲାଭ, ବନ୍ଧୁଙ୍କ ସ୍ନେହ ଲାଭକରି ଖୁସି ହେବେ। ପରିବାରରେ ସୁଖ, ଶାନ୍ତି ଫେରି ଆସିବ। ସରକାରୀ ସ୍ତରରୁ ଅର୍ଥ ସାହାଯ୍ୟ ଲାଭ କରି ଋଣ ପରିଶୋଧରେ ସଫଳ ହେବେ। ବାଣିଜ୍ୟ, କୁଟୀର ଶିଳ୍ପ, କଳା, ସାହିତ୍ୟରେ ସମସ୍ୟା ସମାଧାନ ପୂର୍ବକ ଆଶା ପୂରଣ ହୋଇପାରେ।

**କର୍କଟ**
ଲାଭ ଭାବରେ ବୃହସ୍ପତି ଉଚ୍ଚାସନ, ନୂତନ କର୍ମନିଯୁକ୍ତି, ଶୁଭଖବର ଏବଂ ଆତ୍ମୀୟଙ୍କ ଆଦର ଗୌରବ ପ୍ରାପ୍ତ କରାଇବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ଅସନ୍ତୋଷ ସୃଷ୍ଟି କରିପାରେ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ମନସ୍ଥ କରିପାରନ୍ତି। ସହକର୍ମୀଙ୍କ ସହାନୁଭୂତି ସାଙ୍ଗକୁ ଅଧସ୍ତନଙ୍କ ଆନୁଗତ୍ୟ ଯୋଗୁ ଖୁସି ରହିବେ।

**ସିଂହ**
କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ ସଦ୍‌ବ୍ୟବହାର କରିବା ମୁସ୍କିଲ୍ ହେବ। ପୂର୍ବରୁ ସମସ୍ୟା ରହିଥିଲେ ମଧ ପରିବାରର ସହମତିରେ କାମ କଲେ ଉପକୃତ ହେବେ। ଲୋକ ସମ୍ପର୍କ ବଢ଼ିବ, କିନ୍ତୁ ପ୍ରଶାସନିକ ସ୍ତରରେ ସମସ୍ୟା ସୁଧୁରିବା କଷ୍ଟ। ପ୍ରତିଯୋଗିତା, ମାଲିମକଦ୍ଦମା, ଜମି କିଣାବିକାରେ ସଫଳତା ମିଳିବ।

**କନ୍ୟା**
ଚତୁର୍ଥ କେନ୍ଦ୍ରରେ ରବି ଓ ବୁଧ ଥିବାରୁ ପୁରାତନ ଗୃହ କିମ୍ବା ଜମି କିଣାବିକା କରିପାରନ୍ତି। ଶତ୍ରୁତା, ରୋଗପୀଡ଼ା କିମ୍ବା ଧାର କରଜଜନିତ ମାନସିକ ଅସ୍ଥିରତା ଦେଖାଦେବ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି, ତାହା ବହୁତ ବିଳମ୍ବରେ ପାଇବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ରାଜନୀତି କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ତୁଳା**
ଆର୍ଥିକ ଦୁରବସ୍ଥା ସାଙ୍ଗକୁ କର୍ମଜଞ୍ଜାଳ ଯୋଗୁ ବ୍ୟସ୍ତତା ବଢ଼ିଯିବ। ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ଭଲ ସମ୍ପର୍କ ଥିବା ବନ୍ଧୁମାନେ ଭୁଲ୍ ବୁଝିପାରନ୍ତି। ବ୍ୟବସାୟ ଓ ପରିବହନରେ ସଂକଟ ଦୂରେଇଯିବ, କିନ୍ତୁ ଆଶାଜନକ ଲାଭ ନ ହୋଇପାରେ। ଦୀର୍ଘ ଦିନରୁ ସମ୍ପର୍କରେ ଭଙ୍ଗା ପଡ଼ିଯାଇଥିବା ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବାର ଆଶା ରହିଛି।

**ବିଛା**
ଆଜି ମୁଖ ଭାବରେ ବୁଧାଦିତ୍ୟ ଆପଣଙ୍କୁ ଅପ୍ରିୟସତ୍ୟ ଭାଷଣ ଦ୍ୱାରା ସମ୍ପର୍କହାନି କରାଇପାରନ୍ତି। ଆଶା ଓ ଅଭିଳାଷ ପୂରଣ ଦିଗରେ ବନ୍ଧୁମାନେ ଆବଶ୍ୟକ ସାହାଯ୍ୟ, ସହଯୋଗ କରିବେ। କୃଷି, ବ୍ୟବସାୟ, ପରିବହନ, ପ୍ରଶାସନ, ସାମ୍ବାଦିକତାରେ ଚେଷ୍ଟା ସଫଳ ହେବେ। ଶତ୍ରୁମାନଙ୍କ ଦ୍ୱାରା ସୁଯୋଗ ହରାଇବାର ଆଶଙ୍କା ରହିଛି।

**ଧନୁ**
ଆଜି ଚନ୍ଦ୍ରଙ୍କ ସହ ଶୁକ୍ର ଓ ଶନିଙ୍କ ସ୍ଥିତି ବିଭିନ୍ନ ସମସ୍ୟାକୁ ଆବାହନ କରିପାରନ୍ତି। ବିଚାରଧାରାର ପରିବର୍ତ୍ତନ ନ କଲେ ପ୍ରତ୍ୟେକ କ୍ଷେତ୍ରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ଅବଶ୍ୟ ମୂଳା ନକ୍ଷତ୍ର ପାଇଁ ଅର୍ଥ ସମ୍ପର୍କୀୟ ସମସ୍ୟା ସୁଧୁରି ଯାଇପାରେ। ରାଜନୀତି, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ ଚର୍ଚ୍ଚା ପାଇଁ ଦିନଟି ବହୁତ ଭଲ।


**ମକର**
ପ୍ରିୟଜନଙ୍କ ସାନ୍ନିଧ ଲାଭକରି ଖୁସି ରହିବା ସହ ଯାହା ଆଶା କରୁଛନ୍ତି ଅବଶ୍ୟ ପାଇବେ। ଯିଏ ଯେତେ ପ୍ରତିବନ୍ଧକ ସୃଷ୍ଟି କଲେ ମଧ ଆପଣଙ୍କର କୌଣସି କ୍ଷତି ହେବନାହିଁ। ଆଜି କାମରେ ତାଳମେଳ ଅଭାବରୁ ସମାଲୋଚିତ ହେବେ। ବ୍ୟବସାୟ ବାଧାପ୍ରାପ୍ତ ହେବ। ପ୍ରଶାସନିକ ଓ ରାଜନୈତିକ କ୍ଷେତ୍ର ଉନ୍ନତ ରହିବ।

**କୁମ୍ଭ**
ସ୍ୱଗୃହୀ ଶନିଙ୍କ ସୁପ୍ରଭାବରେ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ଚିନ୍ତା କରୁଥିବା କାର୍ଯ୍ୟରେ ବିଘ୍ନ ଦୂରେଇଯିବ। ବନ୍ଧୁଙ୍କୁ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସଜାଡ଼ି ନେବେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହୋଇପାରିବେ। କଚେରି ମାମଲା, ନୂତନ ପ୍ରକଳ୍ପାରମ୍ଭ, ଜମିଜମା ସମସ୍ୟା ସମାଧାନ ହେବାର ସୂଚନା ରହିଛି।

**ମୀନ**
ନୀଚସ୍ଥ ଧନାଧିପ କୋଣଭାବସ୍ଥ ଯୋଗୁ ସନ୍ତାନଙ୍କ ପାଇଁ ଅର୍ଥ ସଂଟର ସମ୍ମୁଖୀନ ହୋଇପାରନ୍ତି। କୌଣସି କାମ ଅଟକିବ ନାହିଁ କିମ୍ବା ବ୍ୟବସାୟ ପରିବହନରେ କ୍ଷତି ମଧ ନ ହୋଇପାରେ। ପାରିବାରିକ, କର୍ମକ୍ଷେତ୍ର, ସାମାଜିକ ସ୍ତର ପ୍ରାୟ ପ୍ରତ୍ୟେକ ଦିଗ ଭଲ ରହିବ। ଆତ୍ମୀୟଙ୍କ ମିଥ୍ୟା ଗୁଜବ ସାମୟିକ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ।

ଆଜି ଜାନୁୟାରୀ ୫ ତାରିଖ, ପୌଷ ଶୁକ୍ଳ ଷଷ୍ଠୀ ରବିବାର, ରାଶିନକ୍ଷତ୍ର–ପୂର୍ବଭାଦ୍ର/କୁମ୍ଭ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୦୯ ଗତେ ଘ.୦୯।୨୦ ମଧ୍ୟେ, ଘ.୦୧।୧୩ ଗତେ ଘ.୦୩।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୫୬ ଗତେ ଘ.୦୫।୧୭ ମଧ୍ୟେ ରାହୁକାଳ ॥




**ବରଗଡ଼ ଧନୁଯାତ୍ରା**

# ରଙ୍ଗମହଲ ଉଦ୍‌ଘାଟିତ

ମଥୁରାନଗରୀ,୪।୧(ପ୍ରେମାନନ୍ଦ ଖମାରୀ)

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ଶନିବାର ଦ୍ୱିତୀୟ ଦିବସରେ ମଥୁରାନଗରୀସ୍ଥିତ ନିଶାମଣି ସ୍କୁଲ ସମ୍ମୁଖ ଲୋକମଣ୍ଡପ ପଡ଼ିଆରେ ରଙ୍ଗମହଲ ଉଦ୍‌ଘାଟିତ ହୋଇଯାଇଛି। କଂସ ମହାରାଜା ମଥୁରା ଭ୍ରମଣ ସାରି ସେଠାରେ ପହଞ୍ଚିବା ପରେ ଧନୁଯାତ୍ରା ମହୋତ୍ସବ ସଭାପତି ତଥା ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ କଂସ ମହାରାଜାଙ୍କ ସମେତ ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଧନୁଯାତ୍ରା ମହୋତ୍ସବ ସମିତି ଆବାହକ ତଥା ସମ୍ପାଦକ ସୁରେଶ୍ୱର ଶତପଥୀଙ୍କ ସମେତ ରଙ୍ଗମହଲ କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ରଙ୍ଗମହଲ ଉଦ୍‌ଘାଟନ ପରେ ବିଭିନ୍ନ ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ। କଳାକାରଙ୍କ ନୃତ୍ୟ ପରିବେଷଣ ପରେ କଂସ ମହାରାଜା ହାତୀ ପିଠିରେ ବସି ହାଟପଦାସ୍ଥିତ ରାଜ ଦରବାରକୁ ଯାଇଥିଲେ। ସେଠାରେ ପୁଣି ଦୈବବାଣୀ ଶୁଣି କଂସ ବିଚଳିତ ହୋଇ ପଡ଼ିଥିଲେ। ଅନ୍ୟପଟେ କାରାଗାର (ସମଲେଶ୍ୱରୀ ମଣ୍ଡପ)ରେ ବନ୍ଦୀ ଦେବକୀଙ୍କ କୋଳରେ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ। ବସୁଦେବ ଶ୍ରୀକୃଷ୍ଣଙ୍କୁ ଧରି ଗୋପପୁର ଯାଇଥିଲେ ଏବଂ ସେଠାରେ ନନ୍ଦରାଣୀ, ନନ୍ଦରାଜାଙ୍କ କୋଳରେ ଶ୍ରୀକୃଷ୍ଣଙ୍କୁ ଛାଡ଼ିଥିଲେ। ଅପରପକ୍ଷେ ସେଠାରୁ ବିଜୁଳିକନ୍ୟାଙ୍କୁ ଧରି ବସୁଦେବ ନିଶାର୍ଦ୍ଧରେ କାରାଗାର ପ୍ରତ୍ୟାବର୍ତ୍ତନ କରିଥିଲେ।



ବରଗଡ଼ ଜିଲାପାଳ ରଙ୍ଗମହଲକୁ ଉଦ୍‌ଘାଟନ କରୁଛନ୍ତି।

# ଟ୍ରକ୍ ଧକ୍କାରେ ୨ ନାବାଳକ ବାଇକ୍ ଆରୋହୀଙ୍କ ମୃତ୍ୟୁ

ସମ୍ବଲପୁର,୪।୧(ପ୍ରମୋଦ ବହିଦାର)

ସମ୍ବଲପୁରର ବରେଇପାଲି ଥାନା ୫୩ନଂ. ଜାତୀୟ ରାଜପଥର ଗୋପାଲପାଲି ଛକରେ ଶନିବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ୨ ନାବାଳକ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ସେମାନେ ହେଲେ ଗୋପାଲପାଲି ଶୋଭାରାମ ବୁଢ଼ିଆ ସ୍କୁଲର ଛାତ୍ର କପିଳେଶ୍ୱର ନାଏକ (୧୫), ଶମ୍ଭୁ ନାଏକ (୧୫)। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସ୍କୁଲରେ ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶେଷ ହେବା ପରେ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ସମୟରେ ଉକ୍ତ ଛାତ୍ରମାନଙ୍କ ସହ ସ୍କୁଲର ଅନ୍ୟଜଣେ ଛାତ୍ର ମିଶି ଗୋଟିଏ ବାଇକ୍‌ରେ ଘରକୁ ଫେରୁଥିଲେ। ସେମାନେ ଗୋପାଲପାଲି ଛକରେ ଜାତୀୟ ରାଜପଥ ପାରି ହେଉଥିବା ସମୟରେ ହଠାତ୍ ଏକ ମାଲବାହୀ ଟ୍ରକ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କପିଳେଶ୍ୱର ଓ ଶମ୍ଭୁଙ୍କ ମୃତ୍ୟୁ ଘଟିଥିଲା। ତେବେ ବାଇକ୍‌ରେ ଥିବା ଅନ୍ୟ ଛାତ୍ର ଅଳ୍ପକେ ବର୍ତ୍ତିଯାଇଛନ୍ତି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇ ଟ୍ରକ୍‌ଟି ଫେରାର ହୋଇଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାତ୍ର ଦ୍ୱୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।






ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡିକୁ ମାନିବାକୁ ତତ୍ପର ହେଉଥାଅ– ଜାଣିରଖ ଯେ, ତୁମେ ତତ୍‌କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ। –ଶ୍ରୀମା



# ଅସ୍ପଷ୍ଟ ଆଭିମୁଖ୍ୟ



ଆକାର ପଟେଲ

ପୂଜାସ୍ଥଳ(ବିଶେଷ ପ୍ରାବଧାନ) ଅଧିନିୟମ, ୧୯୯୧ ଯେକୌଣସି ପୂଜାସ୍ଥଳୀର ରୂପାନ୍ତରଣକୁ ବାରଣ କରେ। ୧୫ ଅଗଷ୍ଟ ୧୯୪୭ରେ ପୂଜାସ୍ଥଳର ଧର୍ମୀୟ ସ୍ଥିତି ଯାହା ରହିଥିଲା ତାହାକୁ ପରିବର୍ତ୍ତନ ନ କରିବା ଲାଗି ଏହି ଆଇନରେ କୁହାଯାଇଛି। ଭିନ୍ନ ଭାବରେ ଲେଖାଯାଇଥିବା ଏହି ଆଇନ କହେ, ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, ସ୍ତୁପ, ଗୁରୁଦ୍ୱାର ଇତ୍ୟାଦି ୧୯୪୭ରେ ଯେପରି ସ୍ଥିତିରେ ଥିଲା ତାହା ସେଭଳି ରହିବ। ଅର୍ଥାତ୍ ଏହିସବୁ ପୂଜାସ୍ଥଳରେ ଯେଉଁ ଧର୍ମ ପାଳନ କରାଯାଉଥିଲା ତାହା ଜାରି ରହିବ। ବାବ୍ରି ମସ୍‌ଜିଦ ଭାଙ୍ଗିବା ଭଳି ଘଟଣାକୁ ଭବିଷ୍ୟତରେ ରୋକିବା ପାଇଁ ସମ୍ଭବତଃ ଏହି ଆଇନ ଅଣାଯାଇଥିଲା। ହେଲେ ଏହାକୁ ଠିକ୍ ଭାବେ ଗଢ଼ାଯାଇ ପାରିଲା ନାହିଁ କିମ୍ବା ଏହାର ଉଦ୍ଦେଶ୍ୟ ଅଧିକ ସ୍ପଷ୍ଟ ହୋଇପାରିଲା ନାହିଁ। ତେବେ ଭାରତରେ ଆଇନ ଏପରି କି କୋର୍ଟ ଏଭଳି ଘଟଣାକୁ ରୋକିବା କ୍ୱଚିତ ଦେଖାଯାଏ। ୨୦୧୯ରେ ସୁପ୍ରିମକୋର୍ଟ ବାବ୍ରି ମସ୍‌ଜିଦ ସ୍ଥାନକୁ ମନ୍ଦିରକୁ ହସ୍ତାନ୍ତର କରିବା ପାଇଁ ରାୟ ଦେବା ପରେ ବାରାଣସୀର ଜ୍ଞାନବାପି ମସ୍‌ଜିଦ ସମ୍ପର୍କରେ ଉତ୍ତରପ୍ରଦେଶ ଏକ କୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ସର୍ଭେ କରିବା ପାଇଁ କୋର୍ଟ ଭାରତର ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣକୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୨ରେ ଏହି ମାମଲା ସୁପ୍ରିମକୋର୍ଟକୁ ଯାଇଥିଲା। ସେଠାରେ ଡି. ୱାଇ. ଚନ୍ଦ୍ରଚୂଡ଼ କହିଥିଲେ ଯେ, ପୂଜାସ୍ଥଳ ଅଧିନିୟମରେ କୌଣସି ସ୍ଥାନର ଧର୍ମୀୟ ସ୍ଥିତି ନିଶ୍ଚିତ କରିବା ବା ସାମ୍ନାକୁ ଆଣିବା ପାଇଁ ନିଷେଧ କରାଯାଇ ନାହିଁ। ସମ୍ଭବତଃ ଏହାର ଅର୍ଥ ହେଉଛି ଲୋକମାନେ ଏହି କାରଣରୁ କୋର୍ଟରେ ମକଦ୍ଦମା ଦାଏର କରିବାକୁ ସ୍ୱାଧୀନ ହୋଇଗଲେ। ଅଦାଲତ ସର୍ଭେ ଜାରି ରଖିବାକୁ ଅନୁମତି ଦେଇଥିଲେ। ୨୦୨୩ରେ ମସଜିଦ୍ ଏକ ହିନ୍ଦୁ ମନ୍ଦିରର ପୁରାତନ ଢାଞ୍ଚା ଉପରେ ନିର୍ମିତ ହୋଇଥିଲା କି ନାହିଁ ତାହା ଅନୁଧ୍ୟାନ କରିବା ପାଇଁ ବାରାଣସୀ ଜିଲା କୋର୍ଟ ଏଏସ୍‌ଆଇକୁ କହିଥିଲେ।

ସମ୍ଭବତଃ ଏହି ଘଟଣାଗୁଡ଼ିକ ଉତ୍ତରପ୍ରଦେଶ, ରାଜସ୍ଥାନ ଏବଂ ଅନ୍ୟ ରାଜ୍ୟଗୁଡ଼ିକରେ ବିଚାରପତିମାନେ ଭାରତରେ ନିର୍ମିତ ମଧ୍ୟଯୁଗୀୟ ମସ୍‌ଜିଦଗୁଡ଼ିକର ଧର୍ମୀୟ ସ୍ଥିତି ଜାଣିବା ତଥା ସର୍ଭେ ନିର୍ଦ୍ଦେଶ ଦେବା ପାଇଁ କରାଯାଇଥିବା ଆବେଦନକୁ ବିଚାର ଲାଗି ଗ୍ରହଣ କରିଥିଲେ। ୧୧୯୯ରେ କୁତୁବୁଦ୍ଦିନ ଆଇବାକ (ଯିଏ ଦିଲ୍ଲୀରେ କୁତବ ମୀନାର ମଧ୍ୟ ନିର୍ମାଣ କରିଥିଲେ)ଙ୍କ ଦ୍ୱାରା ନିର୍ମିତ ରାଜସ୍ଥାନ ଆଜ୍‌ମେରର ଅଢ଼ାଇ ଦିନ କା ଝୋଁପଡ଼ା ମସ୍‌ଜିଦ ଏବଂ ମୋଇନୁଦ୍ଦିନ ଚିସ୍ତି ନିର୍ମାଣ କରିଥିବା ଆଜମେର ଦର୍ଗା ଉପରେ ସର୍ଭେ କରିବାକୁ ଦାବି ଉଠିଥିଲା। ଏହି ମସ୍‌ଜିଦ ଏକ ସଂରକ୍ଷିତ ସ୍ଥାନ ଭାବେ ଏଏସ୍‌ଆଇ ଅଧୀନରେ ରହିଛି। କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଉଠୁଥିବା ଦାବିକୁ ଲକ୍ଷ୍ୟ କରି ରାଜ୍ୟ ବିଧାନସଭାରେ ବାଚସ୍ପତି ଏହି ସ୍ଥାନରେ ପୂର୍ବରୁ ଏକ ସଂସ୍କୃତ ମହାବିଦ୍ୟାଳୟ ଥିଲା ବୋଲି ହେଉଥିବା ଦାବି ସତ୍ୟ କି ନୁହେଁ ତାହା ଜାଣିବାକୁ ଏଏସ୍‌ଆଇ ସର୍ଭେ କରିବାକୁ ଚାହିଁଥିଲେ। ଶାହାଜାହାନଙ୍କ ଦ୍ୱାରା ନିର୍ମିତ ଲକ୍ଷ୍ନୌର ସବୁଠାରୁ ବଡ଼ ଟିଲେୱାଲି ମସ୍‌ଜିଦକୁ ଲକ୍ଷ୍ମଣଙ୍କ ନାମରେ ନାମିତ ଏକ ପ୍ଲାଟଫର୍ମ ବା ଚୌତରା ଉପରେ ନିର୍ମାଣ କରାଯାଇଥିଲା ବୋଲି ଦାବି ଉଠିଥିଲା। ବାଦାଉଁରେ ଇଲତୁତ୍‌ମିଶଙ୍କ ଦ୍ୱାରା ନିର୍ମିତ ଜାମା ମସ୍‌ଜିଦ ଶାମସି ଉପରେ ଅଖିଳ ଭାରତୀୟ ହିନ୍ଦୁ ମହାସଭା ଦାବି ଉତ୍‌ଥାପନ କରିଥିଲା। ଏହା ବ୍ୟତୀତ ଉତ୍ତରପ୍ରଦେଶ ଜୌନପୁରର ଅଟାଲା ମସ୍‌ଜିଦ ଭିତରେ ପୂଜା କରିବାର ଅଧିକାର ଦାବି କରି ସ୍ୱରାଜ ବାହିନୀ ଆସୋସିଏଶନର ଏକ ଗୋଷ୍ଠୀ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି।

ନିକଟରେ ମାର୍ଚ୍ଚ ୨୦୨୪ରେ ମଧ୍ୟପ୍ରଦେଶ ହାଇକୋର୍ଟ ନିର୍ଦ୍ଦେଶ କ୍ରମେ ଧର୍ ଜିଲାର ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ଭୋଜଶାଳା–କମଲ ମୌଲା କମ୍ପ୍ଲେକ୍ସ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ବୈଜ୍ଞାନିକ ସର୍ବେକ୍ଷଣର ସ୍ଥଳ ପାଲଟିଗଲା। ଗତ ବର୍ଷ ନଭେମ୍ବରରେ ପଶ୍ଚିମ ୟୁପିର ଏକ କୋର୍ଟ ସମ୍ଭଲ ଜାମା ମସ୍‌ଜିଦ ଉପରେ ଏକ ପିଟିଶନର ଶୁଣାଣି କରି ମସ୍‌ଜିଦ ପରିସରରେ ସର୍ଭେ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ଓ ସେହିଦିନ ତାହା କରାଯାଇଥିଲା। ସର୍ଭେ କରୁଥିବା ଟିମ୍ ରବିବାର ସକାଳୁ ଦ୍ୱିତୀୟ ଥର ମସ୍‌ଜିଦରେ ପହଞ୍ଚିଥିଲା ଏବଂ ଏହା ମସ୍‌ଜିଦ ତଳ ଖୋଳୁଥିବା ଗୁଜବ ପ୍ରଚାରିତ ହୋଇଥିଲା। ବିକ୍ଷୋଭକାରୀଙ୍କ ଭିଡ଼ ଜମିଥିଲା ଏବଂ ପୋଲିସ ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ଗୁଳିକରି ହତ୍ୟା କରିଥିଲା। ଏହି ଦୁଃଖଦ ଘଟଣାକୁ କୋର୍ଟରେ ଦିଆଯାଇଥିବା ମନ୍ତବ୍ୟ ସହିତ ସିଧାସଳଖ ଦର୍ଶାଇ ପାରିବା। ବାସ୍ତବରେ ସୁପ୍ରିମକୋର୍ଟରେ ଦିଆଯାଇଥିବା ଏହି ମନ୍ତବ୍ୟର କୌଣସି ବାଇଣ୍ଡିଂ ଅଥରିଟି ବା କାର୍ଯ୍ୟକାରିତାର ବୈଧତା ନାହିଁ ବୋଲି ବିଶେଷଜ୍ଞମାନେ ସୂଚିତ କରିଛନ୍ତି। ନିର୍ଦ୍ଦେଶରେ ଲିପିବଦ୍ଧ ହୋଇ ନ ଥିବା ଶବ୍ଦଗୁଡ଼ିକ ଜଣାପଡ଼ିବାର ଏକମାତ୍ର କାରଣ ହେଉଛି ସେଗୁଡ଼ିକ ଉଚ୍ଚାରଣ କରାଯିବା ସମୟରେ ରିପୋର୍ଟ କରାଯାଇଥିଲା। ସୁପ୍ରିମକୋର୍ଟ ପୂଜାପାଠ ଅଧିନିୟମକୁ ସ୍ଥଗିତ କିମ୍ବା ରଦ୍ଦ କରି ନ ଥିଲେ। ଏଣୁ ଏବେ ଏହା ବଳବତ୍ତର ରହିଛି ଏବଂ ଯଦି ୧୫ ଅଗଷ୍ଟ ୧୯୪୭ରେ ଏକାଧିକ ଧର୍ମ ଦ୍ୱାରା କୌଣସି ଏକ ପୂଜାପୀଠ ସକ୍ରିୟ ଭାବରେ ବ୍ୟବହୃତ ହୋଇ ନ ଥିବ, ତେବେ ଏହାକୁ ବିବାଦ ଭାବେ କୋର୍ଟକୁ ଅଣାଯାଇପାରିବ ନାହିଁ। ତଥାପି ଆମେ ଦେଖିପାରୁଛୁ, ସପ୍ତମ ଶତାବ୍ଦୀର ପୁରୁଣା ସ୍ଥଳିକୁ ନେଇ ସମ୍ପତ୍ତିଗତ ବିବାଦୀୟ ମାମଲା ସଂଖ୍ୟା ବଢୁଛି। ଅଯୋଧ୍ୟା ବିବାଦ ବଡ଼ି ବିସ୍ଫୋରକ ସ୍ଥିତି ଉପୁଜିଲା ପରେ ତିନି ଦଶନ୍ଧି ଧରି ରାଜନୀତିରେ ଏହା ମୂଳ ପ୍ରସଙ୍ଗ ହୋଇ ରହିଥିଲାବେଳେ ଏବେ ଏହିସବୁ ଘଟଣାରୁ ଅତ୍ୟନ୍ତ ଉଦ୍‌ବେଗଜନକ ସ୍ଥିତି ଉପୁଜୁଛି। ଏଥିପାଇଁ ଅତ୍ୟଧିକ ଜାତୀୟ ଶକ୍ତି ଏବଂ ରକ୍ତପାତ ଘଟୁଛି।

ଗତ ମାସରେ ସୁପ୍ରିମକୋର୍ଟ ଅଦାଲତମାନଙ୍କୁ ଏଭଳି ନୂତନ ମକଦ୍ଦମା ପଞ୍ଜୀକରଣରୁ ନିବୃତ୍ତ କରିଥିଲେ। ଏହା ମଧ୍ୟ କହିଥିଲେ ଯେ, ପୂଜାସ୍ଥଳ ଅଧିନିୟମର ବୈଧତା ଉପରେ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ବିଚାରାଧୀନ ମକଦ୍ଦମାଗୁଡ଼ିକ କ୍ଷେତ୍ରରେ କୌଣସି ମଧ୍ୟବର୍ତ୍ତୀକାଳୀନ କିମ୍ବା ଚୂଡ଼ାନ୍ତ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ। ଖୁବ୍‌ଶୀଘ୍ର କୋର୍ଟ ଏହି ମାମଲାର ଶୁଣାଣି କରିବେ, ଯେଉଁଥିରୁ ଆମେ ଜାଣିପାରିବା ଯେ ଏହି ଆଇନ ଉପରେ ମୋଦି ସରକାରଙ୍କ ଆଭିମୁଖ୍ୟ କ'ଣ ରହିଛି। ସମସ୍ତ ସରକାର ଏହି ଆଇନକୁ ରକ୍ଷା କରିବେ ବୋଲି ଆଶା କରାଯାଉଛି, କିନ୍ତୁ ପୂଜାସ୍ଥଳ ଆଇନ ପ୍ରଣୟନ କରି ସେଥିରୁ ଉପକୃତ ହୋଇଥିବା ଦଳର ନେତୃତ୍ୱରେ ଚାଲିଥିବା ଏହି ସରକାରଙ୍କ ଆଭିମୁଖ୍ୟ କ'ଣ ତାହା ସ୍ପଷ୍ଟ ହୋଇନାହିଁ।

Email:aakar.patel@gmail.com

# ହିଂସା ଉଦ୍ରେକକାରୀ ଜିନ୍



ସହଦେବ ସାହୁ

ସଂସଦରେ କଳିଝଗଡ଼ା ହେଲେ ସବୁ ରାଜନେତା ଭାଗ ନିଅନ୍ତି ନାହିଁ, କେତେକ ସଂସଦର କୂଅ ଭିତରକୁ ଯାଆନ୍ତି ତ କେତେକ ବାଚସ୍ପତିଙ୍କ ପାଖକୁ ଯାଇ ପାଟି କରନ୍ତି, ଅଳ୍ପ କେତେ ଜଣ ମାଇକ୍ ଫୋପଡ଼ାଫୋପଡ଼ି କରନ୍ତି ତ ଜଣେ ଅଧେ ପ୍ରତିପକ୍ଷର ଜଣେ ଅଧେଙ୍କୁ ଲହୁଲୁହାଣ କରିପକାନ୍ତି। ବହୁତଳ କୋଠାରେ ଡକାୟତି, ରାସ୍ତାରେ ଛିନ୍ତାଇ ବା ଘରେ ପଶି ମାରଣାସ୍ତ୍ର ବ୍ୟବହାର କରି ଲୁଟ୍ କରିବା ବା ବଳାତ୍କାର କରିବା ଭଳି ବଦମାସି କାମ ସେମିତି ଜଣେଅଧେ କରନ୍ତି। ବୈଜ୍ଞାନିକମାନେ କହିଲେଣି ଯେ, ଏହାର କାରଣ ଶିଶୁକୁ ତା' ମର୍ଜି ଉପରେ ଛାଡ଼ିଦେବା (ଗରିବ ପରିବାରରେ) ଅଥବା ପ୍ରତିପାଳନରେ ଅବହେଳା କରି ମା'ବାପାମାନେ ପିଲାକୁ ବାହାରର ପ୍ରଭାବରେ ଛାଡ଼ିଦେବା (ସ୍ୱଚ୍ଛଳ ପରିବାରରେ ଆଉଟ୍‌ସୋର୍ସିଂ କରିବା)। ଫଳରେ ଶିଶୁର ଜିନ୍ (ବଂଶଗୁଣ)ର ଖରାପ କ୍ରିୟାଗୁଡ଼ିକୁ ମାତାପିତାମାନେ ପ୍ରତିପାଳନ ସମୟରେ ଯେଭଳି ରୋକିପାରନ୍ତେ ତାହା ହୋଇ ପାରେନାହିଁ, ପିଲାମାନଙ୍କଠାରେ ବଦମାସି ଗୁଣ ବଢ଼ାଉଥିବା ଜିନ୍‌ର ଅଂଶ ବିକଶିତ ହୁଏ, ଯୁବା ସମୟରେ ହିଂସ୍ର ଚରିତ୍ର/ଆଚରଣ ଆପେ ଆପେ ବାହାରିପଡ଼େ।

ପାଠକମାନେ ଜାଣନ୍ତି ମଣିଷର ଲିଙ୍ଗ ତିଆରି କରେ ହଳେ କ୍ରମୋଜୋମ୍: ଗୋଟିଏ ଏକ୍ସ ଓ ଗୋଟିଏ ୱାଇ କ୍ରମୋଜୋମ୍ ମିଶି ପୁରୁଷ ତିଆରି କରେ, କିନ୍ତୁ ଦୁଇଟି ଏକ୍ସ କ୍ରମୋଜୋମ ଏକାଠି ହେଲେ ନାରୀ ତିଆରି ହୁଏ: ତେଣୁ ପୁଅ ହେବ କି ଝିଅ ତା' ସ୍ୱାମୀ ଉପରେ ନିର୍ଭର କରେ, କାରଣ ସେ ହିଁ ଏକ୍ସ ଦେବ କି ୱାଇ ଦେବ ନିର୍ଣ୍ଣୟ କରେ ; ସ୍ତ୍ରୀ କେବଳ ଏକ୍ସ ଦେଇଥାଏ। ଏକ୍ସ ଓ ୱାଇ ଦୁହେଁଯାକ ଏକ ବୃହତ୍ ଡିଏନ୍ଏ କଣିକାର ଅଂଶ, ଯେଉଁ ଡିଏନ୍ଏ ବଂଶଗୁଣର ସବୁ ପାଠ ଭ୍ରୂଣ ଦେହରେ ଛାଡ଼ିଦିଏ। ଏକ୍ସ କ୍ରମୋଜୋମ ୱାଇ କ୍ରମୋଜୋମ୍‌ଠାରୁ ବଡ଼, ବହୁତ ବେଶି ଜିନ୍ ବହନ କରିଥାଏ। ଡିଏନ୍ଏ/ଚରରେଣୁ ଭିତରେ 'ମନୋଆମିନ ଅକ୍ସିଡେଜ୍ ଏ', ସଂକ୍ଷେପରେ 'ଏମ୍ଏଓଏ' monoamine oxidase A, MAOA ବା 'ମାଓଆ' ନାମରେ ଗୋଟିଏ ଜିନ୍ ଅଛି। ଏହି ଜିନ୍‌ର ଉପଜ, ଇଂଲିଶ୍‌ରେ ତାକୁ ଆଲେଲେ କୁହାଯାଏ, ଏକା ବେଳକେ ୩ଟି ସୂତା ଭଳି ଗଜୁରି ଗୁଡ଼େଇ ତୁଡ଼େଇ ହୋଇ ମାଓଆ ଜିନ୍ ଭିତରେ ଧୀରେ ଧୀରେ ବଢ଼େ। ଏକ୍ସ କ୍ରମୋଜୋମ ସହିତ ମାଓଆ ଜିନ୍‌ଟି ବାନ୍ଧି ହୋଇ ରହେ। ବହୁତ ଧୀରେ ଧୀରେ କାମ କରେ, ଯାହା ସମାଜବିରୋଧୀ ଆଚରଣ ବଢ଼ାଇଥାଏ। ମାଓଆ ଜିନ୍‌ର ସକ୍ରିୟତା ହ୍ରାସ ପାଇଲେ ଶରୀରରେ ସେରୋଟୋନିନ (ଖୁସି କରିବା କେମିକାଲ୍) ସ୍ତର ବଢ଼ିଯାଏ, ମଣିଷର ଅଟିଜିମ୍ (ତ୍ରୁଟିଯୁକ୍ତ ଶାରୀରିକ ବିକାଶ) ଆସିଯାଏ, ସାଧାରଣ ଲୋକଙ୍କଠାରେ ନିଦ୍ରାଦୋଷ, ଚର୍ମ ଲାଲ ପଡ଼ିବା, ଝାଳ ବୋହିବା, ମୁଣ୍ଡ ବିନ୍ଧିବା ଓ ଡାଇରିଆ ଆଦି ବାରମ୍ବାର ଘଟିଥାଏ। ମାଓଆ ଜିନ୍ ଥିବା ପିଲାଟି ପ୍ରତିକୂଳ ପରିସ୍ଥିତିରେ ବଢ଼ିଲେ ଗୁଣ୍ଡାଗିରି, ମଦ୍ୟପାନ, ଝଗଡ଼ା ଓ ହତ୍ୟାକାଣ୍ଡ ଆଦି ଭିଆଇବାରେ ବ୍ୟାପୃତ ରହେ। ଉପଯୁକ୍ତ ପ୍ରତିପାଳନ (ନର୍ଚର୍) ନ ପାଇଲେ ଏହି ଜିନ୍ ଥିବା ପୁଅମାନେ ଦାଦାଗିରି କରିବେ, ଠକ ହେବେ, ଅପହରଣ କରି ପ୍ରଚୁର ପଇସା ନ ପାଇଲାଯାକେ ହତ୍ୟା ଧମକ ଦେବେ ଏବଂ ଉପଯୁକ୍ତ ଶିକ୍ଷା ଓ ଅନୁପାଳନ ପାଇଥିବା କିଶୋର ଓ ଯୁବକମାନେ ମାଓବାଦୀ ହେବେ, ଅଥବା ଅଲ୍‌କାଏଦା, ଲସ୍କର-ଇ-ତୋଇବା ବା ମୁଣ୍ଡମାଳ ପିନ୍ଧୁଥିବା ଆନନ୍ଦମାର୍ଗୀ ସଙ୍ଗଠନଗୁଡ଼ିକରେ ଯୋଗଦେବେ। ଆମେରିକାର ଫ୍ଲୋରିଡ଼ା ଷ୍ଟେଟ୍ ୟୁନିଭର୍ସିଟିରେ କଲେଜ୍ ଅଫ୍ କ୍ରିମିନୋଲଜି ଆଣ୍ଡ କ୍ରିମିନାଲ୍ ଜଷ୍ଟିସ୍ ବିଭାଗ ଅନୁଧ୍ୟାନ କରି ଦେଖିଛି ଯେ, ସମାଜରେ ଅତି ମାରାତ୍ମକ ଅପରାଧୀ ସୃଷ୍ଟି କରୁଥିବା ପରିବେଶ ସହ ଏହି ଜନ୍ମଗତ ମାଓଆ ଜିନ୍ ମଧ୍ୟରେ ତନାଘନା (ଇଣ୍ଟରପ୍ଲେ) ହିଁ ଦାଦାଗିରି ଆଣିଥାଏ। ଏହାକୁ ଆମେରିକାରେ ୱାରିଅର (ଲଢୁଆ) ଜିନ୍ ନାମ ଦିଆଯାଇଛି। ଏହି ଜିନ୍ ଡୋପାମାଇନ୍ ଓ ସେରୋଟୋନିନ ଭଳି ସ୍ନାୟବିକ-ପରିବାହକ (ନ୍ୟୁରୋଟ୍ରାନ୍ସମିଟର୍) କଣିକାକୁ ପ୍ରଭାବିତ କରିଥାଏ। ଏକ୍ସ କ୍ରମୋଜୋମରେ ମାଓଆ ଜିନ୍ ଥାଏ। ନାରୀର କ୍ରମୋଜୋମରେ କେବଳ ଏକ୍ସ ଥାଏ, ସେଗୁଡ଼ିକ ହଳ ହଳ ହୋଇଥାଆନ୍ତି, ପୁରୁଷର କ୍ରମୋଜୋମରେ ଏକ୍ସ ଓ ୱାଇ ଯୋଡ଼ି ହୋଇ ରହିଥା'ନ୍ତି। ତେଣୁ ଏକ୍ସ ଓ ୱାଇ ମିଶିଗଲେ ପୁଅ ହେବ, ଏକ୍ସ ଓ ଏକ୍ସ ମିଶିଗଲେ ଝିଅ ହେବ। ପୁଅମାନେ ହିଂସା ଉଦ୍ରେକକାରୀ ମାଓଆ ଜିନ୍‌ର ଗୋଟିଏ ମାତ୍ର କପି ପାଉଥିବା ବେଳେ ଝିଅମାନେ ଦୁଇଟି କପି ପାଇଥାନ୍ତି। ଝିଅମାନଙ୍କ କ୍ଷେତ୍ରରେ ମାଓଆ ଜିନ୍‌ର ଦୁଇଟି ଉପଜ (ଆଲେଲେ) ବାହାରିଥାଏ ବୋଲି ଗୋଟିଏ ଅନ୍ୟଟିର ପ୍ରତିରୋଧ କରେ, ତେଣୁ ଝିଅମାନେ କମ୍ ବଦମାସ ହୁଅନ୍ତି। ଶିଶୁର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ମାତାପିତାଙ୍କ ଲାଳନପାଳନ ବା ଯତ୍ନ (ଇଂଲିଶ୍‌ରେ ନର୍ଚର୍) ସଘନ ରହିଲେ, ବଦମାସି ବଢ଼ାଉଥିବା ଆଲେଲେ ଗଜୁରେ ନାହିଁ, ଗଜୁରୁଥିଲେ ବି ବେଶି ବଢ଼ିପାରେ ନାହିଁ ; ଶିଶୁ ବଢୁଥିଲା ବେଳେ ମା'ବାପାଙ୍କ ଯତ୍ନ ନ ମିଳିଲେ (ଯଥା ଜନ୍ମବେଳୁ ଆୟା ଓ ବଢ଼ିଲା ବେଳେ ହଷ୍ଟେଲ ଭଳି ଆଉଟ୍‌ସୋର୍ସିଂ ବ୍ୟବସ୍ଥା କଲେ) ପୁଅପିଲାମାନଙ୍କ ମାଓଆ ଜିନ୍‌ରେ ଆଲେଲେ ଗଜୁରି ବଢ଼ିବାରେ ଲାଗେ ଏବଂ ସିଏ ଅନ୍ୟମାନଙ୍କଠାରୁ ନିଜକୁ ରକ୍ଷା କରିବାର ହିଂସ୍ରତା ହାସଲ କରେ। ଝିଅମାନଙ୍କ ଉପରେ ମା'ର ତାଗିଦା ଓ ସ୍ନେହ ଥାଏ ବୋଲି କମ୍ ସଂଖ୍ୟାର ଯୁବତୀ ବଦମାସ ହୁଅନ୍ତି। ୭-୧୨ ବର୍ଷ ବୟସର ୨୫୦୦ ପିଲାଙ୍କଠାରୁ ଡିଏନ୍ଏ ତଥ୍ୟ ଏବଂ ଚଳିବା ଢଙ୍ଗ ଉପରେ ଗବେଷଣା କରାହୋଇଥିବା ଏ ପ୍ରକାରର ଫଳ ୨୦୦୯ ଜୁନ୍ ସଂଖ୍ୟାର କମ୍ପ୍ରେହେନ୍‌ସିଭ୍ ସାଇକ୍ରିଆଟ୍ରି ପତ୍ରିକାରେ ପ୍ରକାଶ ପାଇଛି।



ଯୋଦ୍ଧା ବା ଲଢୁଆ ବଂଶାଣୁ- ମାଓଆ ଜିନ୍- ଏକ ବିରଳ ଜିନ୍। ପ୍ରାୟ ୩୩% ଲୋକଙ୍କ ଭିତରେ ଦେଖାଯାଏ। ଏହି ଜିନ୍ ପରିବର୍ତ୍ତିତ ହୋଇ ୨ ବା ଅଧିକ ବିକଳ୍ପ ରୂପ ନେଇଥାଏ, ତଥାପି କ୍ରମୋଜୋମ୍‌ରେ ସେହି ସ୍ଥାନରେ ରହିଥାଏ, ଚଳପ୍ରଚଳ କରେନାହିଁ, ଏକ ସୂତା ଭଳି ଏହି ଆଲେଲେ ହିଂସ୍ର ମନୋଭାବ ଉଦ୍ରେକ କରେ, ଅନିୟନ୍ତ୍ରିତ ହେଲେ ଯୁବକକୁ ଦଣ୍ଡାବାଲୁଙ୍ଗା କରିଦିଏ। ଆବଶ୍ୟକ ପ୍ରତିପାଳନ ନ ପାଇଲେ, ମା'ବାପା ବିଶେଷତଃ ମା'ଙ୍କ ନଜର ଅନ୍ଦାଜରେ ପିଲାର ବଦମାସି ବଢ଼େ, ସେହିମାନେ ରାଜନୀତିରେ ପଶିଲେ ବିଧାନସଭା ବା ସଂସଦରେ ହାତାହାତି ହେବାର ଦୃଶ୍ୟ ଦେଖିବାକୁ ମିଳିବ ତ ସେମାନଙ୍କ ଭିତରୁ କେତେକ ଯୁବକ ରାସ୍ତା ଘାଟରେ ଦୋକାନ ବଜାରରେ ଖଣ୍ଡା-ଭୁଜାଲି-ବନ୍ଧୁକ ଭଳି ମାରଣାସ୍ତ୍ର ସହ ଦେଖିବାକୁ ମିଳିବେ ଏବଂ କେତେକ ବୟସ୍କା ମହିଳା ଦେହ ବ୍ୟବସାୟରେ ବା ତା' ଆଳରେ ବ୍ଲାକ୍‌ମେଲ୍ କରିବେ। ତୀବ୍ର ଗତିର ଗାଡ଼ି ଧରି ଛିନ୍ତାଇ କରିବେ ବା ଅପହରଣ କରି ପଣବନ୍ଦୀର ପାଉଣା ମାଗିବେ। ଏସବୁ ଗଣତନ୍ତ୍ରର ମାରକ। ମହାଭାରତ ଯୁଗରେ ଯୁଦ୍ଧୋର ଦ୍ୱାରକାରେ ଅଭିଭାବକମାନେ ସେମାନଙ୍କ ଲାଳନପାଳନ ଦାୟିତ୍ୱରୁ ଦୂରେଇଗଲେ ବୋଲି ତ ବେକାର ଯୁବକମାନେ ଗର୍ଭଧାରିଣୀ ନାରୀ ଭଳି ବେଶ ହୋଇ ଋଷିମାନଙ୍କୁ ପରିହାସ କରିଥିଲେ, ଯେଉଁଥିରୁ ଯଦୁବଂଶ ଧ୍ୱଂସ ହୋଇଥିଲା।

sahadevas@yahoo.com

# ବୟସ୍କମାନେ ଏବେ ଏକୁଟିଆ



ହରିହର ତ୍ରିପାଠୀ

ସତଘଟଣାଟିଏ। କେବଳ ସ୍ଥାନ ଓ ନାଁ ବଦଳାଇଦେଇଛି। ସହରରୁ ଗାଁକୁ ଆସିଥିବା ଗୁରୁଚରଣ ବାବୁ ଗାଁ ଛକମୁଣ୍ଡରେ ଛିଡ଼ାହୋଇ ଗପୁଥିଲେ ନିଜର କୃତିତ୍ୱ। ଭୁବନେଶ୍ୱରର ଶହୀଦନଗର ଭଳି ଜାଗାରେ ତୋଳି ପାରିଛନ୍ତି କୋଠା। ତିନିପୁଅ ସମସ୍ତେ ବିଦେଶରେ ନିଜ ନିଜର ପରିବାରକୁ ନେଇ। ବଡ଼ ପୁଅ ଅଷ୍ଟ୍ରେଲିଆରେ ଡାକ୍ତର, ବୋହୂ ସଫ୍ଟୱେୟାର ଇଞ୍ଜିନିୟର। ଗୋଟିଏ ନାତି ଓ ଦୁଇଟି ନାତୁଣୀ। ମଝିଆ ପୁଅ ଲଣ୍ଡନରେ ଏକ ମଲ୍‌ଟିନ୍ୟାଶନାଲ କମ୍ପାନୀରେ କାମକରେ। ବୋହୂ ସେ ଦେଶର। ସେମାନଙ୍କର ଗୋଟିଏ ପୁଅ। ସବା ସାନ ପୁଅଟା ଆମେରିକାରେ ସିଲିକନ୍ ଭ୍ୟାଲିରେ। ଏଇବର୍ଷ ବାହା ହେଇଛି ତା' ସାଥିରେ କାମ କରୁଥିବା ଏକ ବଙ୍ଗାଳୀ ଝିଅକୁ। ଗାଁ ଲୋକସବୁ ଗୁରୁବାବୁଙ୍କ ମୁହଁକୁ ଆଁ କରି ଚାହିଁ ଶୁଣୁଥାନ୍ତି ତାଙ୍କ ସଫଳତାର କାହାଣୀ। ହଠାତ୍ ସବୁଠାରୁ ବୟସ୍କ ପହଲି ପଣ୍ଡିତେ ତାଙ୍କ ବଙ୍କୁଲିବାଡ଼ିଟି ଧରି ଉଠିଲେ ଓ ଗୁରୁବାବୁଙ୍କ ପାଖକୁ ଯାଇ ପଚାରିଲେ- ହଇରେ ଗୁରିଆ, ତୁ ଚଳୁଛୁ କେମିତି? ଗୁରୁବାବୁ କହିଲେ- କକେଇ, ମୋର ଅସୁବିଧା କ'ଣ? ଆମେ ବୁଢ଼ାବୁଢ଼ୀ। ଚାକର ଟୋକାଟିଏ ଅଛି ରୋଷେଇ କରି ଦେବାକୁ। ପିଲାମାନେ ପଇସା ପଠାନ୍ତି। ନ ପଠାଇଲେ ବି ମୋର ପେନ୍‌ସନ୍ ମୋ ଲାଗି ଯଥେଷ୍ଟ। ପର୍ବପର୍ବାଣିରେ ଫୋନ୍‌ରେ କଥା ହୁଅନ୍ତି। ଆଉ କ'ଣ ଦରକାର? ପଣ୍ଡିତେ କହି କହି ଧୀରେ ଧୀରେ ଚାଲିବାକୁ ଆରମ୍ଭ କଲେ- ଯଦି ତୋର କିଛି ପିଲାପିଲି ହୋଇ ନଥା'ନ୍ତା, ତେବେ କ'ଣଟା ଅସୁବିଧା ହୋଇଥାନ୍ତା? ତିନିପିଲାଙ୍କ ପିଛାରେ ଖର୍ଚ୍ଚ କରିଥିବା ସବୁତକ ପଇସା ତ ଥାଆନ୍ତା। ପିଲାମାନଙ୍କୁ ପଇସା ଖର୍ଚ୍ଚକରି ବିଦେଶ ପଠାଇ ତୁ କ'ଣଟା ପାଇଲୁ ମୁଁ ବୁଝିପାରୁନି। ଏ ଘଟଣା ଏବେ ଏକ ସାଧାରଣ କଥା। ଗାଁରେ ରହୁଥିବା ବୟସ୍କ ଲୋକଙ୍କ ପିଲାମାନେ ସହରରେ। ସହରରେ ରହୁଥିବା ବୟସ୍କଙ୍କ ପିଲାମାନେ ବିଦେଶରେ। ସ୍ଥାନ, କାଳ ଓ ପାତ୍ର ଯାହା ବି ହେଉ ବୟସ୍କମାନେ ଏବେ ଏକୁଟିଆ!

ଏଥିସହିତ ଆଉ ଏକ ଘଟଣାର ଅବତାରଣା ନ କଲେ କଥା ଅଧା ରହିଯିବ। ମା'ବାପାଙ୍କ ପାଖରେ ରହୁଥିବା ପିଲାମାନେ ଯେ ମା'ବାପାଙ୍କ ଯତ୍ନ ନେଉଛନ୍ତି, ତାହାର ଉଦାହରଣ ବି ବହୁତ କମ୍। ଜୀବନସାରା ଦୁଃଖକଷ୍ଟ ସହି ଯେଉଁ ପିଲାମାନଙ୍କୁ ମା'ବାପାମାନେ ମଣିଷ କରୁଛନ୍ତି, ବୃଦ୍ଧାବସ୍ଥାରେ ସେଇ ପିଲାମାନେ ନିଜର ମା'ବାପାଙ୍କୁ ପଚାରୁ ନାହାନ୍ତି। ଏମିତିକି ଅନେକ କ୍ଷେତ୍ରରେ ଦେଖାଯାଉଛି, ପିଲାମାନେ ମା'ବାପାଙ୍କୁ ଘରୁ ବାହାର କରିଦେଇ ଜରାଶ୍ରମ ପ୍ରଭୃତିରେ ଛାଡ଼ି ଦେଇ ଆସୁଛନ୍ତି। ନିଜର ଘର ସଂପତ୍ତି ଉପରେ ପୂର୍ଣ୍ଣ ଅଧିକାର ଥାଇ ମାତାପିତାମାନେ ବୃଦ୍ଧାବସ୍ଥାରେ ବାରମ୍ବାର ହେବାର ବହୁ ଉଦାହରଣ ବର୍ତ୍ତମାନ ସମାଜରେ ଦେଖିବାକୁ ମିଳୁଛି।

ଆଧୁନିକତା ଆଉ ବସ୍ତୁବାଦୀ ପ୍ରଗତି ଭିତରେ ସାମାଜିକ ଓ ପାରିବାରିକ ସମ୍ପର୍କକୁ ଆମେ ପୂରା ହତ୍ୟା କରି ସାରିଲୁଣି। ବଡ଼ ବଡ଼



ପରିବାର ଏବେ ବହୁଧା ବିଭକ୍ତ ହୋଇ ଛୋଟ ହେଉଛି ଆଉ ସେଇ ଛୋଟ ହେବାର ପ୍ରକ୍ରିୟାରେ ବଳିପଡୁଛନ୍ତି ଆମର ଗୁରୁଜନମାନେ। ବୟସ୍କ, ବୃଦ୍ଧ, ବୃଦ୍ଧାମାନେ ଆମର ଦିଗ୍‌ଦର୍ଶକ ପ୍ରେରଣା ହେବା ବଦଳରେ ଆମେ ସେମାନଙ୍କୁ ଏବେ ବୋଝ ଭାବୁଛୁ ଏହା ଦୁର୍ଭାଗ୍ୟ ନୁହେଁ ତ ଆଉ କ'ଣ?

ଚିକିତ୍ସା ବିଜ୍ଞାନର ଉନ୍ନତି ଯୋଗୁ ମଣିଷର ଆୟୁ ବଢୁଛି ଆଉ ସେଇ ଅନୁପାତରେ ବଢୁଛି ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା। ଆମ ଦେଶରେ ଏବେ ୬୦ ବର୍ଷରୁ ଅଧିକ ୧୫ କୋଟି ବୃଦ୍ଧାବୃଦ୍ଧ ରହୁଥିବା ବେଳେ ୨୦୫୦ ବେଳକୁ ଏହି ସଂଖ୍ୟା ୩୦ କୋଟିରେ ପହଞ୍ଚିବ ବୋଲି ଏକ ଆକଳନରୁ ଜଣାଯାଇଛି। ସେହିପରି ବିଶ୍ୱରେ ୨୦୫୦ ସୁଦ୍ଧା ୮୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ସଂଖ୍ୟା ୪୦ କୋଟିରେ ପହଞ୍ଚିବ ଏବଂ ଏହି ସମୟ ବେଳକୁ ଭାରତରେ ସେମାନଙ୍କ ସଂଖ୍ୟା ୪.୮ କୋଟି ହେବ ଏକ ଗଣନାରୁ ଜଣାପଡିଛି। ଏମାନେ ତେବେ ଯିବେ କୁଆଡ଼େ? ଆମର ଯୁବପିଢ଼ିଙ୍କ ନିକଟରେ ନିଜର ମାତାପିତା, ଦାଦାଖୁଡ଼ୀ, ଜେଜେବାପା, ଜେଜେମାଆଙ୍କ ପାଇଁ ବାସ୍ତବରେ ସମୟ ନାହିଁ ନା ସେମାନେ ଚାହାନ୍ତିନି ସମୟ ଦେବାକୁ?

ଗାଁ ଗହଳିରେ ଏବେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କେନ୍ଦ୍ରକୁ ଗଲେ ଯେକେହି ସ୍ପଷ୍ଟ ଚିତ୍ରଟିଏ ପାଇବ। ମାସକୁ ୫୦୦ ବା ୭୦୦ ଟଙ୍କା ଅନେକ ବୃଦ୍ଧାବୃଦ୍ଧଙ୍କର ଏବେ ସାହାରା। ୧ ଟଙ୍କିଆ ଚାଉଳ ସହିତ ଏତକ ମୁଦ୍ରା ଅନେକ ବୟସ୍କ ନାଗରିକଙ୍କ ନିମନ୍ତେ ଆଶାଭରସା ପାଲଟିଛି। ସହରରେ ହଜାର ହଜାର ଟଙ୍କା ରୋଜଗାର କରୁଥିବା ପୁଅବୋହୂଙ୍କ ନିକଟରେ ଗାଁରେ ରହୁଥିବା ବାପାମାଆଙ୍କ ନିକଟକୁ ମାସକୁ ଟଙ୍କା ୫୦୦ ପଠାଇବାକୁ ବେଳନାହିଁ ବା ମାନସିକତା ନାହିଁ। ନିଜର କଲେଜପଢୁଆ ପିଲାମାନଙ୍କ ହାତକୁ ଟ୍ୟାବ୍, ସ୍ମାର୍ଟଫୋନ ବଢ଼ାଇ ଦେଉଥିବା ଆଜିର ପୁଅବୋହୂ କେବେ ଭାବନ୍ତିନି ଶୀତଦିନେ ଗାଁରେ ଥରୁଥିବା ବାପାମାଆଙ୍କର ଶୀତବସ୍ତ୍ରଟିଏ ନାହିଁ ବୋଲି। ଦିଲ୍ଲୀରେ ଏକ ଜରାଶ୍ରମ ଚଳାଉଥିବା ଜଣେ ବ୍ୟକ୍ତି କହନ୍ତି, ସେଠାରେ ରହୁଥିବା ୬୦%ରୁ ଅଧିକ ବୃଦ୍ଧାବୃଦ୍ଧ ପୁଅବୋହୂଙ୍କ ଦ୍ୱାରା ନିର୍ଯାତିତ ହୋଇ ସାରିଛନ୍ତି। ୭୦ରୁ ୮୦% ବୟସ୍କ ଏକାକୀତ୍ୱର ଶିକାର ହୋଇଥା'ନ୍ତି, ଯାହାକି ସେମାନଙ୍କ ଜୀବନକୁ ଦୁର୍ବିଷହ କରିପକାଏ। ଜରାଶ୍ରମରେ ନିଜର ମାତାପିତାଙ୍କୁ ଛାଡ଼ିଥିବା ପିଲାମାନେ ମାସକୁ ମାତ୍ର ୨୦୦୦ ଟଙ୍କା ପ୍ରଦାନ କରିବାକୁ କେମିତି ଭୁଲିଯାଆନ୍ତି, ସେକଥା କହନ୍ତି ଆଉ ଏକ ଓଲ୍‌ଡଏଜ୍ ହୋମ୍ ଚଳାଉଥିବା ବ୍ୟକ୍ତି। ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି ପିଲାମାନଙ୍କ ଦ୍ୱାରା ମାନସିକଭାବେ ନିର୍ଯାତିତ ହେଉଥିଲେ ବି ୯୮% ମାତାପିତା ଆଇନର ଆଶ୍ରୟ କେବେ ବି ନେଇ ନ ଥା'ନ୍ତି। ପରିଣତ ବୟସରେ ମା'ବାପାଙ୍କ ଯତ୍ନ ଓ ସୁରକ୍ଷା ପାଇଁ କେହି ହେଲେ ସନ୍ତାନ ପାଖରେ ରହିବା କଥା! ବୟସ ହେଲେ ପାହାଚ ଚଢୁଚଢୁ ବି ପଡ଼ିଯିବାର ଭୟ ଥାଏ। ଗାଧୁଆ ଘରେ ଗୋଡ଼ ଖସିଯିବାର ଆଶଙ୍କା। ଖଟରୁ ତଳକୁ ଗଡ଼ିପଡ଼ିବା ମଧ୍ୟ ସ୍ୱାଭାବିକ। ପୁଣି ରୋଗବ୍ୟାଧିରେ ପଡ଼ିଲେ ଠିକଣା ସମୟରେ ଖାଦ୍ୟ ଓ ଔଷଧର ଆବଶ୍ୟକତା। ବାର୍ଦ୍ଧକ୍ୟର ଅସହାୟତା ସମୟରେ ନିଜ ପିଲା ପରିବାର ହିଁ ଅଧିକ ବଳର କାମ ଦିଅନ୍ତି। କିନ୍ତୁ ଜୀବନ ଅପେକ୍ଷା ଧନ ଉପରେ ଅଧିକ ଗୁରୁତ୍ୱ ଦିଆଯିବା କାରଣରୁ ପିଲାମାନେ ମା'ବାପାଙ୍କଠାରୁ ଅଲଗା ହୋଇଯାଉଛନ୍ତି।

ବଡ଼ବେତରା, କୁଦାନଗରୀ, କେନ୍ଦ୍ରାପଡ଼ା
ମୋ : ୯୪୩୯୯୦୩୨୨୦

## ଏଇ ଭାରତରେ

ଶିକ୍ଷୟିତ୍ରୀ ଭାବେ ଚାକିରିକରି ଅବସରନେବା ପରେ ବିଶ୍ରାମ ନେବା ବଦଳରେ ଡ୍ରାଗନ୍ ଫ୍ରୁଟ୍ସ ଚାଷ କରୁଛନ୍ତି କେରଳର ରେମାଭାଇ ଏସ୍ । ସେ ଡ୍ରାଗନ୍ ଫ୍ରୁଟ୍ସ ଚାଷରୁ ମାସକୁ ୧ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି । କୋଲ୍ଲମରେ ରହୁଛନ୍ତି ରେମାଭାଇ । ସବୁଠୁ ବଡ଼ କଥା ହେଉଛି, ସେ ଏହି ଚାଷ ତାଙ୍କ ଅଗଣାରେ କରୁଛନ୍ତି। ଏବେ ସେ ଅଗଣାରେ ଲାଲ ଓ ହଳଦିଆ କିସମର ୧୦୦ଟି ଡ୍ରାଗନ୍ ଗଛ ଲଗାଇଛନ୍ତି। ସେ ୫୦ଟି ବଡ଼ ପ୍ଲାଷ୍ଟିକ୍ ବ୍ୟାରେଲରେ କେବଳ ଖତରେ ଗଛ ବଢ଼ାଇଛନ୍ତି, ଏଥିରେ ସେ କିଛି ବି ମାଟି ରଖିନାହାନ୍ତି। ପ୍ରତି ମାସରେ ୫୦୦ କେ.ଜି. ଡ୍ରାଗନ୍ ଫ୍ରୁଟ୍ସ ଉତ୍ପାଦନ କରୁଛନ୍ତି ଓ କେଜି ପ୍ରତି ୨୦୦ ଟଙ୍କାରେ ବିକ୍ରି କରୁଛନ୍ତି। ରେମାଭାଇ ୩୬ ବର୍ଷ ବିଜ୍ଞାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରିବା ପରେ ୨୦୨୨ରେ ଅବସର ନେଇ ଏହି ଚାଷ ଆରମ୍ଭ କରିଥିଲେ। କେବଳ ଏତିକି ନୁହେଁ, ରେମାଭାଇ 'ଜେସିସ୍ ୱାର୍ଲ୍ଡ' ନାମକ ଏକ ୟୁଟ୍ୟୁବ୍ ଚ୍ୟାନେଲ ଚଳାଉଛନ୍ତି। ଏଥିରେ ସେ ତାଙ୍କ ଚାଷ ପଦ୍ଧତି ସମ୍ପର୍କରେ ଅନ୍ୟମାନଙ୍କୁ ଅବଗତ କରୁଛନ୍ତି। ସ୍ୱାମୀ ଓ ପୁଅକୁ ନେଇ ତାଙ୍କ ପରିବାର।

## ୫୦ ବର୍ଷ ତଳର ଧରିତ୍ରୀ

୫ ଜାନୁଆରୀ ୧୯୭୬

- ଭାରତ ଓ ତାଞ୍ଜାନିଆ ମଧ୍ୟରେ କୃଷି, ବୈଷୟିକ ଓ ବିଜ୍ଞାନ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ସଂକ୍ରାନ୍ତରେ ଏକ ରାଜିନାମା ସ୍ୱାକ୍ଷରିତ।
- ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସେକ୍ରେଟାରୀ ଶ୍ରୀ ଆସା କେସନଟିକ ମିଶର ଆରବ ସାଧାରଣତନ୍ତ୍ରରେ ଭାରତର ରାଷ୍ଟ୍ରଦୂତ ନିଯୁକ୍ତ ହୋଇଛନ୍ତି।

## ଚିରନ୍ତନୀ

ସିକତାର ସିକ୍ତ ବାୟୁ
ଓଦା କରେ ପତା
ମୋ ବିରହେ ଆଜି ସେ କି ଲୁଚାଇଛି ବ୍ୟାଥା ?
(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | 2 | | |
| | | | 2 | | | 4 | | 9 |
| | 3 | | | | | | | 8 |
| | | 7 | | 3 | | | | |
| | | | | 1 | 9 | | | |
| | | | 5 | 6 | | | | 4 |
| 4 | | | 3 | 5 | | | | 7 |
| 6 | | | 7 | | | 8 | | |
| | 5 | | | | 8 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 6 | 2 | 3 | 8 | 1 | 4 | 5 |
| 8 | 2 | 1 | 9 | 5 | 4 | 3 | 7 | 6 |
| 3 | 4 | 5 | 1 | 6 | 7 | 8 | 2 | 9 |
| 5 | 7 | 9 | 6 | 2 | 1 | 4 | 8 | 3 |
| 1 | 8 | 3 | 7 | 4 | 9 | 6 | 5 | 2 |
| 2 | 6 | 4 | 3 | 8 | 5 | 7 | 9 | 1 |
| 4 | 3 | 7 | 5 | 9 | 6 | 2 | 1 | 8 |
| 6 | 5 | 8 | 4 | 1 | 2 | 9 | 3 | 7 |
| 9 | 1 | 2 | 8 | 7 | 3 | 5 | 6 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ


## ଜନପ୍ରତିନିଧିଙ୍କ ଦୁର୍ନୀତି

ମହାଶୟ,

ଦେଶରେ ଅନେକ ଦୁର୍ନୀତିଖୋର ତଥା ଭ୍ରଷ୍ଟାଚାରୀ ନେତାନେତ୍ରୀ ରାଜନୀତିକୁ ସର୍ବାଧିକ ଲାଭଜନକ ପାରିବାରିକ ପେସା ଭାବେ ଗ୍ରହଣ କରି ଦେଶର ପ୍ରାକୃତିକ ଖଣିଜ ଓ ଅନ୍ୟାନ୍ୟ ସ୍ଥାବରଅସ୍ଥାବର ସମ୍ପତ୍ତିକୁ ନିରନ୍ତର ଲୁଣ୍ଠନ କରିଚାଲିଛନ୍ତି। କେନ୍ଦ୍ର ଓ ରାଜ୍ୟ ବ୍ୟବସ୍ଥାପିକାର ସଦସ୍ୟ ଓ ମନ୍ତ୍ରୀ ହୋଇ ପ୍ରାପ୍ତ ରାଜନୈତିକ ତଥା ପ୍ରଶାସନିକ କ୍ଷମତାର ଅପବ୍ୟବହାର କରି ଦେଶକୁ ଶୋଷଣ କରିଆସୁଛନ୍ତି। ଲକ୍ଷ ଲକ୍ଷ କୋଟି ଟଙ୍କାର ଦୁର୍ନୀତି ଓ ଅପରାଧରେ ଜଡ଼ିତ ନେତାଗଣ ସଂସଦ ଓ ବିଧାନସଭାର ସଦସ୍ୟ ହୋଇ ଗଣତନ୍ତ୍ରକୁ କଳଙ୍କିତ କରୁଛନ୍ତି। ଦେଶର ବିଳମ୍ବିତ ଓ ପ୍ରଭାବିତ ନ୍ୟାୟିକ ପ୍ରକ୍ରିୟା ଗୋଳିଆ ପାଣି ସଦୃଶ ଏମାନଙ୍କୁ ଖସି ଯିବାରେ ସାହାଯ୍ୟ କରୁଛି। ଏମାନଙ୍କ ପାଇଁ ଦେଶର ସର୍ବନାଶ ହେଉଛି। ସ୍ୱାଧୀନତାର ଦୀର୍ଘ ୭୭ ବର୍ଷ ଅତିକ୍ରାନ୍ତ ହେଲା ପରେ ବି ଗରିବ ଲୋକେ ଅଖାଦ୍ୟ ଖାଇ ଓ ଦୂଷିତ ଜଳ ପାନକରି ଅକାଳ ମୃତ୍ୟୁ ଲଭୁଛନ୍ତି। ଶିଳ୍ପପତି ଓ ପୁଞ୍ଜିପତିମାନେ ଦୈନିକ ଅନେକ ହଜାର କୋଟି ଟଙ୍କା ଶୋଷଣ କରିଚାଲୁଛନ୍ତି। ଦେଶର ସିବିଆଇ, ଭିଜିଲାନ୍ସ ଓ ଇଡି ପରି ସଂସ୍ଥା ଶାସକ ଦଳର ନିର୍ଦ୍ଦେଶରେ ମୂଷା ମରା ବିଲେଇ ପରି କାର୍ଯ୍ୟ କରୁଥିବାରୁ ଦେଶର ଦୁର୍ନୀତିର ଅନ୍ତ ହେବନାହିଁ।

– ରାଇଚରଣ ବିଶ୍ୱାଳ
ସାମନ୍ତରାୟପୁର, ପିରହାଟ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଗୁଜରାଟର ଧରମ୍ପୁରସ୍ଥିତ ଶ୍ରୀମଦ୍ ରାଜ୍‌ଚନ୍ଦ୍ରାଜୀଙ୍କ ଉଚ୍ଚତମ ପ୍ରତିମୂର୍ତ୍ତିର ମହାମସ୍ତକାଭିଷେକ ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ପୂଜ୍ୟ ଗୁରୁଦେବ ଶ୍ରୀ ରାକେଶଜୀ।

# ଚୂଡ଼ାନ୍ତ ପର୍ଯ୍ୟାୟରେ ଉତ୍କର୍ଷ ଓଡ଼ିଶା ପ୍ରସ୍ତୁତି

**ଭୁବନେଶ୍ୱର,୪।୧(ଅନିଲ ଦାସ)**

- **୪ଟି ପ୍ଲେନାରୀ ସେଶନ, ୧୬ଟି ସେକ୍ଟରାଲ୍ ସେଶନ୍ ଓ ୪ଟି ରାଉଣ୍ଡ ଟେବୁଲ୍ କନ୍‌ଫରେନ୍‌ସ ହେବ**
- **୨୮ ରୁ ୩୦ ହେବ ଇଣ୍ଡଷ୍ଟ୍ରିଆଲ୍ ଏକ୍‌ଜିବିଶନ୍**
- **ନିବେଶକଙ୍କ ନିକଟରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏ ସମ୍ପର୍କରେ ଶନିବାର ଶିଳ୍ପ ବିଭାଗର ପ୍ରମୁଖ ସଚିବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ପ୍ରସ୍ତୁତି ସମ୍ପର୍କରେ ଏକ ବିସ୍ତୃତ ତଥ୍ୟ ଉପସ୍ଥାପନ କରି ଜଣାଇଛନ୍ତି। ସମସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ ଭାବରେ ଓ ଆକର୍ଷଣୀୟ ଭାବେ ପରିଚାଳନା କରି ଜାତୀୟ ଓ ଅନ୍ତର୍ଜାତୀୟ ନିବେଶକମାନଙ୍କ ପାଖରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଦୀର୍ଘ ସମୟ ପାଇଁ ଓଡ଼ିଶା ପୁଞ୍ଜିନିବେଶକମାନଙ୍କ ପାଇଁ ପସନ୍ଦର ସ୍ଥାନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରୁ ଜଣାଯାଇଛି ଯେ, ଜାନୁଆରୀ ୨୭ ତାରିଖରେ କନ୍‌ଫେଡେରେଶନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଏହାର ନାଶନାଲ ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲ୍‌ର ବୈଠକ ଅନୁଷ୍ଠିତ ହେବ। ଜାନୁଆରୀ ୨୮ ଓ ୨୯ ଦୁଇ ଦିନ ଧରି ୪ଟି ପ୍ଲେନାରୀ ସେଶନ, ୧୬ଟି ସେକ୍ଟରାଲ୍ ସେଶନ ଓ ୪ଟି ରାଉଣ୍ଡ ଟେବୁଲ୍ କନଫରେନ୍ସ ଅନୁଷ୍ଠିତ ହେବ। ଏହି ଦୁଇ ଦିନରେ ପ୍ରାୟ ୩୦୦୦ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଶିଳ୍ପପତି, ପୁଞ୍ଜିନିବେଶକାରୀ, ଷ୍ଟାର୍ଟଅପ ଉଦ୍ୟୋଗୀ ଓ ଶିଳ୍ପସଂସ୍ଥା ସହିତ ଜଡ଼ିତ ବ୍ୟକ୍ତିମାନେ ଯୋଗଦେବେ। ୨୮ ତାରିଖରେ ପ୍ରଧାନମନ୍ତ୍ରୀ ଆସି ଉପସ୍ଥିତ ଶିଳ୍ପପତି ଓ ପୁଞ୍ଜିନିବେଶକାରୀମାନଙ୍କୁ ଉଦ୍‌ବୋଧନ ଦେବେ। ଏହି ୨ ଦିନ ମଧ୍ୟରେ ଶିଳ୍ପର ବିଭିନ୍ନ କ୍ଷେତ୍ର ସମ୍ବନ୍ଧିତ ସ୍ୱତନ୍ତ୍ର ସେଶନ ଅନୁଷ୍ଠିତ ହେବା ସହିତ ବିଶିଷ୍ଟ ଶିଳ୍ପପତିମାନଙ୍କ ଅଭିଭାଷଣ, ମୁଖ୍ୟମନ୍ତ୍ରୀଙ୍କ ସହିତ ବଡ଼ ବଡ଼ ଶିଳ୍ପସଂସ୍ଥାର ସି.ଇ.ଓ.ମାନଙ୍କ ରାଉଣ୍ଡ ଟେବୁଲ, ଓଡ଼ିଆ ଉଦ୍ୟୋଗୀମାନଙ୍କ ସ୍ୱତନ୍ତ୍ର ସେଶନ ଏବଂ ମହିଳା ବିଜ୍‌ନେସ୍ ଲିଡର୍ସମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ସେଶନ ଅନୁଷ୍ଠିତ ହେବ। ଏହା ସହିତ 'ସୁଭଦ୍ରାରୁ ମୁଦ୍ରା' ନାମରେ ଓଡ଼ିଆ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ମଧ୍ୟ ଏକ ସ୍ୱତନ୍ତ୍ର ସେଶନ ଅନୁଷ୍ଠିତ ହେବ। ଜାନୁଆରୀ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଇଣ୍ଡଷ୍ଟ୍ରିଆଲ୍ ଏକ୍‌ଜିବିଶନ୍ ଅନୁଷ୍ଠିତ ହେବ। ଏହି ବୈଠକରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ରସ୍ୱାଇଁ, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଉପସ୍ଥିତ ଥିଲେ।

## ଲୁଟ୍ ପାଇଁ ଗୁଳି..

ପ୍ରଥମ ପୃଷ୍ଠାରୁ...

କର୍ମଚାରୀ ସୁନୀଲ ଓ ଦୀପକ ସାହୁଙ୍କ ଦେହରେ ଲାଗିଥିଲା। ଏହାପରେ କର୍ମଚାରୀମାନେ ଭୟରେ ଦୋକାନ ବାହାରକୁ ଚାଲିଆସିଥିଲେ। ଦୁର୍ବୃତ୍ତମାନେ ଦୋକାନ ଭିତରକୁ ପଶି ଅଳଙ୍କାର ଲୁଟ୍ କରି ବାଇକରେ ବସି ଫେରାର ହେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଖବର ପାଇ ଦୋକାନ ମାଲିକ ନିଜ କାର (ଓଡି ୦୫-ଏଏଲ-୮୧୮୪) ଧରି ଦୁର୍ବୃତ୍ତମାନଙ୍କୁ ପିଛା କରି ବାଇକକୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ ଦୁର୍ଘଟଣା ଯୋଗୁ ସେମାନେ ପଡ଼ିଯାଇଥିଲେ। ସେଠାରେ କାର୍‌କୁ ଡକାୟତମାନେ ଏକ ଗୁଳି ଚାଳନା କରିଥିଲେ। ଗୁଳି ଚାଳନା କରି ସେଠାରୁ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ସେହିବାଟ ଦେଇ ବାଇକ୍‌ରେ ଯାଉଥିବା ପାଣିକୋଇଲି ଥାନା ଗୋଳଇପୁର ପଞ୍ଚାୟତ ସୋତି ଗ୍ରାମର ଗୌରାଙ୍ଗ ପଣ୍ଡାଙ୍କ ପୁଅ ନୀଳମାଧବ ପଣ୍ଡା(୨୫)ଙ୍କୁ ଅଟକାଇ ତାଙ୍କ ବାଇକ୍‌କୁ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ହେଲେ ନୀଳମାଧବ ସାହସିକତା ଦେଖାଇ ବାଇକ ଦେଇ ନ ଥିଲେ। ଫଳରେ ଦୁର୍ବୃତ୍ତ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ନୀଳମାଧବଙ୍କ ମୃତ୍ୟୁ ହୋଇଥିଲା। ପରେ ଦୁର୍ବୃତ୍ତମାନଙ୍କ ମଧ୍ୟରୁ ଜଣଙ୍କୁ ସ୍ଥାନୀୟ ଲୋକେ କାବୁ କରିଥିବାବେଳେ ଅନ୍ୟ ୨ଜଣ ଫେରାର ହୋଇଯାଇଥିଲେ। ପରେ ଦୁର୍ବୃତ୍ତମାନେ କୁଆଖିଆ ଥାନା ଅନ୍ତର୍ଗତ ଭୋଟକା ଗ୍ରାମର ଜଗବନ୍ଧୁ ସାହୁଙ୍କ ପୁଅ ସଞ୍ଜୀବ ସାହୁ ବାଇକ୍ (ଓଡି ୩୪-ଜେ -୨୧୭୧) ଯୋଗେ ଯାଜପୁରରୋଡରୁ ସେହିବାଟ ଦେଇ ଫେରୁଥିବାବେଳେ ତାଙ୍କୁ ଦୁର୍ବୃତ୍ତମାନେ ଅଟକାଇ ଫାଙ୍କା ଗୁଳି ଚାଳନା କରି ତାଙ୍କ ବାଇକ୍‌ଟିକୁ ନେଇ ସେଠାରୁ ଫେରାର ହେବାରେ ଜଣେ ସକ୍ଷମ ହୋଇଥିବାବେଳେ ଅନ୍ୟଜଣେ ଦୌଡ଼ି ପୋଖରୀ ମଧ୍ୟକୁ ପଶି ଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉତ୍ତମ ମଧ୍ୟମ ଦେବା ପରେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଗିରଫ ଦୁର୍ବୃତ୍ତଙ୍କ ପାଖରୁ ବହୁ ସୁନା ଅଳଙ୍କାର ଜବତ ହୋଇଛି। ତେବେ ସ୍ଥାନୀୟ ଲୋକଙ୍କ ମାଡ଼ରେ ଜଣେ ଦୁର୍ବୃତ୍ତ ଗୁରୁତର ହେବାରୁ ତାଙ୍କୁ ଯାଜପୁର ସଦର ଡାକ୍ତରଖାନାକୁ ପଠାଯାଇଥିଲା। ଅନ୍ୟଜଣେ ଦୁର୍ବୃତ୍ତଙ୍କୁ ଲୋକମାନେ ଅଳଙ୍କାର ଦୋକାନ ନିକଟ ଏକ ଘର ମଧ୍ୟରେ ପୂରାଇ ରଖିଥିବାବେଳେ ବହୁ ସମୟ ପରେ ଲୋକଙ୍କୁ ବୁଝାଶୁଝା ପରେ ପୋଲିସ ତାଙ୍କୁ ନିଜ ହେପାଜତକୁ ନେଇଥିଲା। ଆହତ ସୁନୀଲ ଓ ଦୀପକଙ୍କୁ ପ୍ରଥମେ ପାଣିକୋଇଲିର ଏକ ଘରୋଇ ଚିକିତ୍ସାଳୟକୁ ନିଆଯିବା ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସିତ ଅବସ୍ଥାରେ ସୁନୀଲଙ୍କ ମୃତ୍ୟୁ ଘଟିଥିବାବେଳେ ଦୀପକଙ୍କୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇଛି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣାରେ ୨ଜଣ ସ୍ଥାନୀୟ ଯୁବକଙ୍କ ମୃତ୍ୟୁ ହୋଇଥିବାରୁ ଧରାପଡ଼ିଥିବା ଦୁଇ ଦୁର୍ବୃତ୍ତଙ୍କୁ ଜୀବନରୁ ମାରିଦେବାକୁ ଲୋକମାନେ ଜଗି ବସିଥିଲେ। ଫଳରେ ୩ ଘଣ୍ଟା ଧରି ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ସେଠାରେ ବହୁ ସଂଖ୍ୟାରେ ପୋଲିସ ମୁତୟନ କରାଯାଇଥିଲା। ଯାଜପୁର ଏସ୍‌ପି ୟସ୍ ପ୍ରତାପ ଶ୍ରୀମଲ ଓ ଡିଆଇଜି ଚରଣ ସିଂହ ମୀନା ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି। ତଦନ୍ତରେ ଗୋଟିଏ ବନ୍ଧୁକ ଜବତ କରାଯାଇଛି। ସମ୍ପୃକ୍ତ ଦୁର୍ବୃତ୍ତମାନେ ଆସାମ ଅଞ୍ଚଳର ବୋଲି ସୂଚନା ମିଳିଛି।

# ସୁବାସିତ ଚାଉଳ ଉତ୍ପାଦନରେ ଓଡ଼ିଶାର ଭୂମିକା ଅତୁଲ୍ୟ: ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ

**ଭୁବନେଶ୍ୱର,୪।୧(ଅନିଲ ଦାସ)**

ଦେଶରେ ସୁବାସିତ ଚାଉଳ ଉତ୍ପାଦନରେ ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ। କୃଷି ଓଡ଼ିଶା-୨୦୨୫ ଦ୍ୱିତୀୟ ଦିବସରେ ମୁଖ୍ୟମଞ୍ଚରେ ଅନୁଷ୍ଠିତ 'ସୁଗନ୍ଧିତ ଚାଉଳ: ଜୈବିକ କୃଷି ପଦ୍ଧତି ଓ ବିପଣନ' ଉପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ଜୈବିକ କୃଷି ହିଁ ନିରନ୍ତର ଖାଦ୍ୟ ଯୋଗାଣ ଶୃଙ୍ଖଳର ଆବଶ୍ୟକତା ପୂରଣ କରିପାରିବ। ପ୍ରକୃତି ପ୍ରଦତ୍ତ ଉତ୍ପାଦ ଓ ବିଭିନ୍ନ ବୃକ୍ଷରେ ଉପଲବ୍ଧ ଔଷଧୀୟ ଗୁଣବତ୍ତା ଶରୀର ପାଇଁ ଉପାଦେୟ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ବିଭିନ୍ନ ସ୍ତରରେ କୃଷକମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେଉଥିବା ସେ କହିଛନ୍ତି। ସେହିଭଳି ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ରାଜ୍ୟର ବିଭିନ୍ନ କୃଷି ଉତ୍ପାଦକୁ ବଜାର ସହ ସଂଯୋଗୀକରଣ କରାଯାଉଛି, ଯାହାଦ୍ୱାରା ଜଣେ ଚାଷୀ ଲାଭାନ୍ୱିତ ହୋଇପାରିବ ବୋଲି ସୂଚନା ଦେଇଛନ୍ତି। ରାଜ୍ୟରେ ସୁଗନ୍ଧିତ ଚାଉଳ ଉତ୍ପାଦନକୁ ପ୍ରୋତ୍ସାହିତ କରାଯିବା ସହ ଏହାର କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟତା ମୂଲ୍ୟ ବାବଦକୁ ୪୧୦୦ ଟଙ୍କା ପ୍ରଦାନ କରାଯାଉଛି। ଜୈବିକ କୃଷିକୁ ପ୍ରୋତ୍ସାହିତ କରାଯିବା ସହ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ଏ କ୍ଷେତ୍ରରେ ଚାଷୀମାନଙ୍କୁ ସହାୟତା ପ୍ରଦାନ କରାଯାଉଛି। ସେହିଭଳି ମନ୍ଦିରରେ ମହାପ୍ରଭୁଙ୍କ ଅବଢ଼ା ପ୍ରସ୍ତୁତିରେ ଜୈବିକ ପଦ୍ଧତିରୁ ଉତ୍ପନ୍ନ ଚାଉଳକୁ ବ୍ୟବହାର କରାଯିବା ଯୋଜନା ରହିଛି ବୋଲି ସେ କହିଛନ୍ତି। ସେହିଭଳି ଏକ ହଜାରରୁ ଊର୍ଦ୍ଧ୍ୱ ଦେଶୀୟ ଧାନ ସଂରକ୍ଷଣ ଲାଗି ଚାଷୀ ସୁଦାମ ସାହୁଙ୍କୁ ପାଢ଼ୀ ପ୍ରଶଂସା କରିଛନ୍ତି। ଏହି ଅବସରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଡିନ୍ ପ୍ରଫେସର ପ୍ରସନ୍ନଜିତ ମିଶ୍ର, ନେଦରଲାଣ୍ଡରେ କାର୍ଯ୍ୟରତ ବିଜୟ ଚୌଧୁରୀ, ଡବ୍ଲ୍ୟୁଟିଓର ସଚିନ କୁମାର ଶର୍ମା, ଏକ୍ସଆଇଏମ୍‌ବି ପ୍ରଫେସର ଅମର କୁମର ନାୟକ ପ୍ରମୁଖ ଯୋଗଦେଇ ଜୈବିକ କୃଷି ଓ ସୁସ୍ଥ ଭବିଷ୍ୟତ, ପୁନର୍ଜୀବିତ କୃଷି, ଚାଉଳର ଆନ୍ତର୍ଜାତିକ ବଜାରୀକରଣ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କନକ ବାୟୋସାଇନ୍ସ ରିସର୍ଚ୍ଚ ପ୍ରା ଲିଃ ସହ ସ୍ମାର୍ଟ କଫି ଓ ଇମ୍ପାକ୍ଟ ଏକ୍ସ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। କୃଷି କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପ୍ରମୁଖ କୃଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ ଉପସ୍ଥିତ ଥିଲେ। ଏଥିରେ ବହୁସଂଖ୍ୟକ ଚାଷୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶେଷରେ ରାଜେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ବିଶ୍ୱନାଥ ପଣ୍ଡିତଙ୍କ ୧୦୬ତମ ଜୟନ୍ତୀ**

# ସାମାଜିକ,ଅର୍ଥନୈତିକ ବୈଷମ୍ୟ ବିରୁଦ୍ଧରେ ଏକଜୁଟ ହୁଅ

**କୁଚିଣ୍ଡା,୪।୧(ବିରଞ୍ଚି ଦର୍ଦ୍ଦା)**



ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଶ୍ରମିକ ଭବନରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପ୍ରତିଷ୍ଠାତା ସଭାପତି ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତଙ୍କ ୧୦୬ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସେ କହିଥିଲେ, ଉତ୍କଟ ଦରଦାମ ବୃଦ୍ଧି ଯୋଗୁ ସାମାଜିକ ଓ ଅର୍ଥନୈତିକ ବୈଷମ୍ୟ ଦେଖା ଦେଇଛି। ତେଣୁ ସମସ୍ତେ ଏକଜୁଟ ହୋଇ କେନ୍ଦୁପତ୍ର କର୍ମଚାରୀ ସଂଘର ହକ ହାସଲ ପାଇଁ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଶ୍ରମିକ ଭବନରେ ଥିବା ସ୍ୱର୍ଗତ ପଣ୍ଡିତଜୀଙ୍କ ପ୍ରତିମୂର୍ତ୍ତିରେ ସଭାପତିଙ୍କ ସମେତ ସମସ୍ତ ଅତିଥି ଓ କର୍ମକର୍ତ୍ତା ମାଲ୍ୟାର୍ପଣ କରିଥିଲେ। ଏଥିରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ସମ୍ପାଦିକା ପଦ୍ମାବତୀ କିଷାନ ଯୋଗଦେଇ ସ୍ୱର୍ଗତ ପଣ୍ଡିତଙ୍କ ଶ୍ରମିକ ଶ୍ରେଣୀ ପାଇଁ ଦରଦ ଓ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସଙ୍ଗଠନକୁ ସୁଦୃଢ଼ କଲେ ତାଙ୍କ ପାଇଁ ହେବ ଅସଲ ଶ୍ରଦ୍ଧାଞ୍ଜଳି ବୋଲି ବକ୍ତବ୍ୟ ରଖିଥିଲେ। ପୂର୍ବରୁ ସଂଘ ପକ୍ଷରୁ ସରକାରଙ୍କୁ ଦିଆଯାଇଥିବା ବିଭିନ୍ନ ଦାବି ଉପରେ ଉଚ୍ଚସ୍ତରରେ ହୋଇଥିବା ଆଲୋଚନା ବାବଦରେ ଅବଗତ କରି ସଂଘର ୬୦ବର୍ଷ ପୂର୍ତ୍ତି ସମାରୋହକୁ ଧୂମଧାମରେ ପାଳନ କରିବାକୁ ପ୍ରସ୍ତାବ ଆଗତ କରିଥିଲେ। ଜୟନ୍ତୀ ସଭାରେ ସୁବାସ ଚନ୍ଦ୍ର ନାୟକ, ଡିଭିଜନ ସମ୍ପାଦକ କୀର୍ତ୍ତନ ସେନାପତି, ପୂର୍ବତନ ଲ୍ୟାମ୍ପ୍ସ ସଭାପତି ମନୋରଞ୍ଜନ ଭୋଇ, ପୂର୍ବତନ ବିଜେଡି ଟାଉନ ସଭାପତି ଭିମରାଜ ପ୍ରସାଦ, ବିଜେଡି ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ଯୁବନେତା ସନ୍ଦୀପ ମହାନ୍ତି, ଲକ୍ଷ୍ମଣ ସାହୁ, ଚୈତନ୍ୟ ମେହେର, ପୁଷ୍ପକେତୁ ଦେଓ, ନୃପମଣି ଧୁରୁଆ, ଭିକାରୀ ନାଏକ, ଶ୍ରୀକର କଣ୍ଟା, କୈଳାସ ତାଡଡିଆ, ଟିକନ ଶର୍ମା, ବବଲି ଭୋଇ, ତୋଳାଳି ଫୁଲ ମାଝି, ପ୍ରେମିକା କାଲୋ, ଯଶୋଦା ମାଝି, ଚନ୍ଦ୍ରକାନ୍ତି ବୁଡା, ଅହଲ୍ୟା ସିଂ, ଉର୍ମିଳା ଡୁଡୁଙ୍ଗ ପ୍ରମୁଖ ବିଶ୍ୱନାଥ ପଣ୍ଡିତଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଏହି ଜୟନ୍ତୀ ସଭାରେ କୁଚିଣ୍ଡା କେନ୍ଦୁପତ୍ର ଡିଭିଜନ କର୍ମକର୍ତ୍ତାଙ୍କ ସମେତ ଚେକର, ମୁନସୀ, ତୋଳାଳି, ବନ୍ଧେଇ ଆଦି ବହୁସଂଖ୍ୟକ ଶ୍ରମିକ ସାମିଲ ହୋଇଥିଲେ। ମିଳନ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିଲିକାରେ କ୍ରୁଜ୍ ବୋଟ୍ ଲେକ୍ କୁଇନ, ଡାଇମଣ୍ଡ ପ୍ରିନ୍ସ ଲୋକାର୍ପିତ

**ବାଲୁଗାଁ,୪।୧(ସଂଗ୍ରାମ ପାଇକରାୟ)**




ଚିଲିକାରେ ପର୍ଯ୍ୟଟକଙ୍କ ନିମନ୍ତେ କ୍ରୁଜ୍ ବୋଟ୍ 'ଲେକ୍ କୁଇନ' ଏବଂ 'ଡାଇମଣ୍ଡ ପ୍ରିନ୍ସ' ଶନିବାର ବରକୁଳ ପାନ୍ଥନିବାସଠାରେ ଲୋକାର୍ପିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୩ କୋଟି ୬୦ଲକ୍ଷ ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଶୈଳୀରେ ନିର୍ମିତ ଏହି ଦୁଇ କ୍ରୁଜ୍ ବୋଟ୍ ରବିବାରଠାରୁ ଚିଲିକାରେ ଜଳଯାତ୍ରା ଆରମ୍ଭ କରିବ। ଏଥିରେ ୪୦ଜଣ ଯାତ୍ରୀ ବସିବା ପାଇଁ ସିଟ୍ ଥିବା ବେଳେ ଶୀତତାପ ନିୟନ୍ତ୍ରଣର ବ୍ୟବସ୍ଥା ରହିଛି। କାଳିଜାଇ ପୀଠକୁ ଯାତ୍ରା ନିମନ୍ତେ ରିଜର୍ଭ ୧୪ହଜାର ଟଙ୍କା ନଚେତ ଜଣଙ୍କ ପିଛା ୩୫୦ ଟଙ୍କା ଦର ଧାର୍ଯ୍ୟ ରହିଥିବା ବରକୁଳ ପାନ୍ଥନିବାସ ପରିଚାଳକ ସବ୍ୟସାଚୀ କର କହିଛନ୍ତି। ଲୋକାର୍ପିତ ପରେ ଉପମୁଖ୍ୟମନ୍ତ୍ରୀ ଏବଂ ଆଇନ ମନ୍ତ୍ରୀଙ୍କ ସମେତ ପର୍ଯ୍ୟଟନ ବିଭାଗର ବରିଷ୍ଠ କର୍ମଚାରୀ ଉକ୍ତ କ୍ରୁଜ୍ ବୋଟ୍‌ରେ ଚିଲିକା ପରିଭ୍ରମଣରେ ଯାଇଥିଲେ। ଦେଶ ବିଦେଶରୁ ଆସୁଥିବା ପ୍ରବାସୀ ପର୍ଯ୍ୟଟକଙ୍କୁ ଏହି କ୍ରୁଜ୍ ବୋଟ୍ ଆକୃଷ୍ଟ କରିବା ସହିତ ପର୍ଯ୍ୟଟନ ବିଭାଗର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ପର୍ଯ୍ୟଟନ ବିଭାଗୀୟ ମୁଖ୍ୟ ପରିଚାଳକ ଲଲାଟେନ୍ଦୁ ସାହୁ, ପରିବହନ ବିଭାଗୀୟ ମୁଖ୍ୟ ରଞ୍ଜନ ମିଶ୍ରଙ୍କ ସହ ଚିଲିକା ବିଡିଓ, ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ।

# ଉଜୁଡ଼ା ଫସଲ ଦେଖି ଚାଷୀଙ୍କ ଆତ୍ମହତ୍ୟା

**ଆଳି,୪।୧(ବନମାଳୀ ସେନାପତି)**



କୈଳାସ ଚନ୍ଦ୍ର ଧଳ

- **ସମୁଦାୟ ୮ଏକର ଜମିରେ ଧାନ ଫସଲ କରିଥିଲେ**
- **୫ଏକର ଜମିର ଫସଲ ଉଜୁଡ଼ିଲା**

ଅଦିନିଆ ବର୍ଷାରେ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିବା ଧାନ ଫସଲକୁ ଦେଖି କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଧୀନ କୋଳି ଗ୍ରାମର ଜଣେ ଚାଷୀ ଶୁକ୍ରବାର ରାତିରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କୈଳାସ ଚନ୍ଦ୍ର ଧଳ (୫୭)। ଚଳିତବର୍ଷ କୈଳାସ ମୋଟ ୮ ଏକର ଜମିରେ ଧାନଚାଷ କରିଥିଲେ। ସେଥିମଧ୍ୟରୁ ତାଙ୍କର ୫ ଏକର ଓ ଆଉ ୩ ଏକର ଭାଗଜମି ଥିଲା। ଏଥିପାଇଁ ସେ ସମବାୟ ସମିତି, ଏକାଧିକ ଲୋକଙ୍କ ପାଖରୁ କରଜ କରିଥିଲେ। ଧାନ ବିକ୍ରି ପାଇଁ କେତେଜଣ ବେପାରୀଙ୍କଠାରୁ ଅଗ୍ରିମ ଟଙ୍କା ଆଣିଥିଲେ। ଏ ସବୁ ମିଶାଇ ସେ ପ୍ରାୟ ୩ ଲକ୍ଷ ଟଙ୍କା ଋଣ କରିଥିଲେ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ଚଳିତବର୍ଷ ସରକାର ଧାନର କୁଇଣ୍ଟାଲ ପ୍ରତି ମୂଲ୍ୟ ବୃଦ୍ଧି କରିଥିଲେ। ଫସଲ ବି ଭଲ ହୋଇଥିଲା। ହେଲେ ଅଦିନିଆ ବର୍ଷା ସବୁ କିଛି ଓଲଟପାଲଟ କରିଦେଇଥିଲା। କୈଳାସଙ୍କ ଜମିରେ ବର୍ଷା ପାଣି ଜମି ରହିଥିଲା। ମାତ୍ର ୩ ଏକର ଜମିରୁ ସେ ଫସଲ ଅମଳ କରିଥିଲେ। ବାକି ୫ ଏକର ଜମିରେ ଜମି ରହିଥିବା ବର୍ଷା ପାଣିରେ ପାଚିଲା ଧାନ ଗଜା ହୋଇଯାଇଥିଲା। ଏହାଦେଖି ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ବର୍ଷା କମିବା ପରେ ସେ ସବୁଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଷ ଜମି ନିକଟରେ ବସି ଘରକୁ ଫେରୁଥିଲେ। ସହାୟତା ପାଇଁ ସେ ଗ୍ରାମର ଅନ୍ୟଚାଷୀଙ୍କ ସହିତ ସରପଞ୍ଚଙ୍କ ମାଧ୍ୟମରେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ପ୍ରଶାସନିକସ୍ତରରେ ସେଭଳି କୌଣସି ପଦକ୍ଷେପ ନିଆ ଯାଇ ନ ଥିଲା। ସେହି ଚିନ୍ତାରେ ସେ ଶୁକ୍ରବାର ରାତିରେ ବିଷ ପିଇ ଦେଇଥିଲେ। ଶନିବାର ତାଙ୍କୁ ଗୁରୁତର ଅବସ୍ଥାରେ ଆଳି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ କୈଳାସଙ୍କ ପୁତୁରା କୁମାର ସେନ ଧଳ ଆଳି ଥାନା ଓ ତହସିଲରେ ଅଭିଯୋଗ କରିଛନ୍ତି। ଏ ନେଇ ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ମୃତ ଚାଷୀଙ୍କ ପରିବାର ଲୋକ ଲିଖିତ ଅଭିଯୋଗ କରିଛନ୍ତି। ଏ ବିଷୟରେ ଆଳି ଥାନା ଅଧିକାରୀ ଓ ମେଡିକାଲ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ରିପୋର୍ଟ ଆସିଲେ ପଦକ୍ଷେପ ନିଆଯିବ।

## ୧୮ତମ ପ୍ରବାସୀ ଭାରତୀୟ ଦିବସ

**କୁଚିଣ୍ଡା,୪।୧(ବିରଞ୍ଚି ଦର୍ଦ୍ଦା)**

ସମ୍ବଲପୁର ଜିଲା କୁଚିଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠି ଶିକ୍ଷାଅଧିକାରୀ ଲକ୍ଷ୍ମଣ କୁମାର ଦେହୁରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ ମୁଖ୍ୟଅତିଥି, ଏମ୍‌ପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ଚୌଧୂରୀ,ସମାଜ ସେବୀ ସଞ୍ଜିବ କୁମାର ସାହୁ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଦେଶ ଓ ରାଜ୍ୟର ପ୍ରଗତି ପାଇଁ ପ୍ରବାସୀ ଭାରତୀୟଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସିଆରସିସି ଶରତ କୁମାର ପଶାୟତ ସଭା ପରିଚାଳନା କରିଥିଲେ। ଏହି ଅବସରରେ ୫୧ଜଣ ଛାତ୍ରୀଛାତ୍ରଙ୍କୁ ନେଇ ପୋଷ୍ଟର ତିଆରି, କୁଇଜ, ପ୍ରବନ୍ଧ, ସାଇକେଲ ସ୍ଲୋ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ଶିକ୍ଷକ ମନୋଜ ମଲ୍ଲିକ, ପ୍ରଦୀପ ନାଏକ, ସଞ୍ଜୟ ନାଗ, ମନୋଜ ବାରିକ, ପୁରୁଷୋତ୍ତମ ପାତ୍ର, ତପସ୍ୱିନୀ ପଟେଲ, ଇନ୍ଦ୍ରାଣୀ ଦାସ ବିଚାରକ ଦାୟିତ୍ୱ ତୁଲାଇଥିଲେ।

# ୬ରେ ରାୟଗଡ଼ା ରେଳ ଡିଭିଜନ ଭିତ୍ତିପ୍ରସ୍ତର ସ୍ଥାପନ

## ଭର୍ଚୁଆଲ ମୋଡ୍‌ରେ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

**ରାୟଗଡ଼ା,୪।୧ (ଆଶିଷ ରଞ୍ଜନ ପଣ୍ଡା)**




ଦୀର୍ଘ ୬ ବର୍ଷର ପ୍ରତୀକ୍ଷାର ଅନ୍ତହେବାକୁ ଯାଉଛି। ଆସନ୍ତା ୬ ତାରିଖ ଅର୍ଥାତ୍ ସୋମବାର ରାୟଗଡ଼ା ରେଳ ଡିଭିଜନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସି ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ରାୟଗଡ଼ାରେ ଆୟୋଜନ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଡ.ହରିବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରେଳ ରାଷ୍ଟ୍ରମନ୍ତ୍ରୀ ତଥା ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ରଭନୀତ ସିଂ ବିଟ୍ଟୁ, କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ରାୟଗଡ଼ାଠାରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଓ ବିଧାୟକ ଆପଲସ୍ୱାମୀ କାଡ୍ରାକା ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବା ନେଇ ସୂଚନା ମିଳିଛି। ଏଥିପାଇଁ ରେଲୱେ ପ୍ରଶାସନିକ ସ୍ତରରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ସେହିଭଳି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲା ପ୍ରଶାସନଠାରୁ ଆରମ୍ଭକରି ପୂର୍ତ୍ତ ବିଭାଗ ସମସ୍ତେ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ସୂଚନା ମିଳିଛି। ଗତ ମଙ୍ଗଳବାର ବିଶାଖାପାଟଣା ଡିଭିଜନ ଡିଆର୍‌ଏମ୍ ମନୋଜ କୁମାର ସାହୁ ରାୟଗଡ଼ା ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ। ସୂଚନା ଯୋଗ୍ୟ, ରାୟଗଡ଼ାଠାରେ ରେଳ ଡିଭିଜନ ପ୍ରଥମ ପର୍ଯ୍ୟାୟ କାମ ପାଇଁ ଟେଣ୍ଡର ଆହ୍ୱାନ ହୋଇସାରିଛି। ୧୦୭ କୋଟି ଟଙ୍କା ବ୍ୟୟରେ ପ୍ରଥମ ପର୍ଯ୍ୟାୟରେ ଖର୍ଚ୍ଚ ଆକଳନକରି ଟେଣ୍ଡର ଆହ୍ୱାନ ହୋଇଛି। ରାୟଗଡ଼ା ଡିଭିଜନ ପାଇଁ ଗତ ବଜେଟରେ ୩୭୦ କୋଟି ଟଙ୍କା ପ୍ରଦାନ ହୋଇଛି ; ଯାହାକି ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଗଜପତି, ନୂଆପଡ଼ା ଓ କଳାହାଣ୍ଡି ଜିଲାର ରେଲୱେ କ୍ଷେତ୍ରରେ ବେଶ୍ ଅଗ୍ରଗତି ପାଇଁ ସହାୟକ ହେବ। ୨୦୧୯ ରେଳ ବଜେଟରେ ରାୟଗଡ଼ାଠାରେ ରେଳ ଡିଭିଜନ ସ୍ଥାପନ ପାଇଁ ତତ୍କାଳୀନ ରେଳମନ୍ତ୍ରୀ ପୀୟୂଷ ଗୋୟଲ ଘୋଷଣା କରିଥିଲେ। ହେଲେ ଦୀର୍ଘ ୬ ବର୍ଷ ହେବ ଏଥିରେ କୌଣସି ଅଗ୍ରଗତି ହେଲାନାହିଁ। ବାରମ୍ବାର କେନ୍ଦ୍ର ସରକାର ଓ ରେଳ ବିଭାଗ ନିକଟରେ ଅଭିଯୋଗ ଓ ଦାବି ସହ ଗଣମାଧ୍ୟମରେ ଖବର ପ୍ରସାରଣ ପରେ କେନ୍ଦ୍ର ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଆସନ୍ତା ୩ ବର୍ଷ ମଧ୍ୟରେ ରାୟଗଡ଼ା ରେଳ ଡିଭିଜନ କାର୍ଯ୍ୟ ଶେଷ ହୋଇ କାର୍ଯ୍ୟକ୍ଷମ ହେବା ନେଇ ରାୟଗଡ଼ା, କଳାହାଣ୍ଡି, କୋରାପୁଟ ଓ ଅନ୍ୟ ଜିଲାବାସୀ ଆଶା ବାନ୍ଧିଛନ୍ତି।

**ମହିଳାଙ୍କୁ ହତ୍ୟା ଉଦ୍ୟମ**

ବଇଣ୍ଡା,(ପରିକ୍ଷିତ ସାହୁ): କିଶୋରନଗର ଥାନା କରମଳକଟା ଗ୍ରାମର ଜୟନ୍ତୀ ସାହୁଙ୍କୁ ସେହି ଅଞ୍ଚଳର ମିଥୁନ ସାହୁ, ରାଜୁ ସାହୁ ତର୍ଣ୍ଣିପି ହତ୍ୟା ଉଦ୍ୟମ କରିଥିବା ଜୟନ୍ତୀ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଜୟନ୍ତୀ ଘରେ ଏକୁଟିଆ ଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ମେଡିକାଲ କଲେଜ ନ ହେଲେ ଆନ୍ଦୋଳନ



ବୈଠକରେ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ।

ତାଳଚେର,୪।୧ (ମନୋଜ ନନ୍ଦ)

ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ତାଳଚେର ପ୍ରେସ୍ କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି। କମିଟି ଆବାହକ ପଦ୍ମ ଚରଣ ସାମଲ ଏଥିରେ ସଭାପତିତ୍ୱ କରିଥିଲେ ଏବଂ ଉପସ୍ଥିତ ସଦସ୍ୟମାନେ ତାଳଚେର ମେଡିକାଲ କଲେଜର ଶିକ୍ଷାଦାନ ଅନୁଗୋଳ ଠାରେ ହେବାକୁ ଥିବା ପ୍ରସ୍ତାବକୁ ଘୋର ନିନ୍ଦା କରିବା ସହିତ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରଦୂଷଣ ଯୋଗୁ ତାଳଚେର ଜନସାଧାରଣ ବିଭିନ୍ନ ମାରାତ୍ମକ ରୋଗର ଶିକାର ହେଉଥିବା ବେଳେ ୫ଶହ କୋଟିର କୋଠାକୁ ଡାକ୍ତରଖାନା ପରିବର୍ତ୍ତେ ପାଇଖାନାରେ ପରିଣତ କରିବାକୁ ଯାଉଛନ୍ତି ସରକାର। ପୂର୍ବରୁ କ୍ରିୟାନୁଷ୍ଠାନ କମିଟି ଅନେକବାର ମେଡିକାଲ କଲେଜ କାର୍ଯ୍ୟକ୍ଷମ କରିବାକୁ ଆନ୍ଦୋଳନ କରି କାରାବରଣ କରିଛି। ସରକାର ଯଦି ପବିତ୍ର ମୋହନ ସରକାରୀ ମେଡିକାଲ କଲେଜ ନାମରେ କେବଳ ଫଳକ ଏଠାରେ ରଖି ଅନୁଗୋଳରେ ଶିକ୍ଷାଦାନ କରିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରନ୍ତି ତା'ହେଲେ ଗଣ ଆନ୍ଦୋଳନ ହେବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏହି ବୈଠକରେ କେଶବ ଭୂତିଆ, ଭୁପେନ ଥମ୍ବ, ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ସୁକାନ୍ତ କୁମାର ଦାସ, ଗଗନ ବିହାରୀ ଦାସ, ପ୍ରେମାନନ୍ଦ ମହାନ୍ତି, ପରମାନନ୍ଦ ସାହୁ, ବିନୋଦ ଲାଲ, ଅଭୟ କୁମାର ପାଣି, ଶୋଭାଗିନୀ ଦାସ, ଦୁର୍ଗା ଚରଣ ସାହୁ, ସଞ୍ଜୀବ ନାଏକ, ବିଜୟ କୁମାର ମିଶ୍ର, ଉଚ୍ଛନ୍ନ ପଟ୍ଟନାୟକ, ରାଜ କିଶୋର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ମାରଣାସ୍ତ୍ର ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ୍

**ପେଟ୍ରୋଲ ପମ୍ପରେ ଆତଙ୍କ ଖେଳାଇଲେ ଲୁଟେରା**

ତାଳଚେର,୪।୧ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ବ୍ଲକ ଗୋପାଳପ୍ରସାଦ ଥାନା ନିକଟସ୍ଥ ଜଗାବଳିଆ ପେଟ୍ରୋଲ ପମ୍ପରୁ ଶୁକ୍ରବାର ରାତିରେ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଛି। ୪ ଜଣ ଦୁର୍ବୃତ୍ତ ମୁଖା ପିନ୍ଧି ବନ୍ଧୁକ ଏବଂ ଖଣ୍ଡା ଦେଖାଇ ଏହି ଲୁଟ୍‌ପାଟ କରିଛନ୍ତି। ସେଲ୍ସମ୍ୟାନଙ୍କୁ ଖଣ୍ଡାରେ ଆକ୍ରମଣ କରି ଟଙ୍କା ଭରା ବ୍ୟାଗ ଛଡ଼ାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ହାତରେ ଖଣ୍ଡା ଓ ବନ୍ଧୁକ ଧରି ପେଟ୍ରୋଲ ପମ୍ପ ପରିସରରେ ପ୍ରବେଶ କରି ପ୍ରାୟ ଅଧଘଣ୍ଟା ଧରି ଆତଙ୍କ ଖେଳାଇଥିଲେ। ଫଳରେ ସମସ୍ତ କର୍ମଚାରୀ ଭୟଭୀତ ହୋଇପଡ଼ିଥିଲେ। ଗୋପାଳପ୍ରସାଦ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ଅଧିକ ତଦନ୍ତ ଜାରି ରଖିଛି।



# ଜନପ୍ରତିନିଧିଙ୍କ ସହାୟତା ଲୋଡ଼ିଲା କ୍ରିୟାନୁଷ୍ଠାନ କମିଟି



କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପେଡ଼ିପଥର ପଞ୍ଚାୟତରେ ବୈଠକ କରାଯାଉଛି।

ବଇଣ୍ଡା,୪।୧ (ପରିକ୍ଷିତ ସାହୁ)

**ବଇଣ୍ଡାକୁ ବ୍ଲକ ମାନ୍ୟତା ଦାବି ପ୍ରସଙ୍ଗ**

ଆଠମଲ୍ଲିକ ଉପଖଣ୍ଡର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ବଇଣ୍ଡାକୁ ବ୍ଲକ ମାନ୍ୟତା ପାଇଁ ଧୀରେ ଧୀରେ ଦାବି ଜୋର୍ ଧରୁଛି। ଆଠମଲ୍ଲିକ ଓ କିଶୋରନଗର ଅଞ୍ଚଳର କେତେକ ପଞ୍ଚାୟତକୁ ନେଇ ବଇଣ୍ଡାକୁ ବ୍ଲକ ମାନ୍ୟତା ଦେବା ପାଇଁ ଦାବି ହୋଇଛି। ଏ ନେଇ ବଇଣ୍ଡା ବ୍ଲକ ମାନ୍ୟତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶନିବାର ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧିଙ୍କୁ ଭେଟି ଆଲୋଚନା କରାଯିବା ସହିତ ସହାୟତା ଲୋଡାଯାଇଛି। କମିଟି ସଭାପତି ବିରଞ୍ଚି ନାୟକଙ୍କ ନେତୃତ୍ୱରେ ଅରବିନ୍ଦ ପ୍ରଧାନ, ପ୍ରତାପ ପ୍ରଧାନ, ଭାଗୀରଥି ପ୍ରଧାନ, ଜିତେନ୍ଦ୍ର ବେହେରା, ମନୋଜ ମହାପାତ୍ର, ଧ୍ରୁବ ଚରଣ ପ୍ରଧାନ, ଜଳଧର ସାହୁ, ରଣଜିତ ପଟ୍ଟନାୟକ, ଧୋବେଇ ବେହେରା, ପ୍ରଦୀପ ବେହେରା, ଅର୍ଜୁନ ସାହୁ, ଦୁର୍ଯ୍ୟୋଧନ ପ୍ରଧାନ, ବସନ୍ତ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ପେଡିପଥର, ସାନହୁଲା, କୁରୁମଟାପ, କୃତ୍ତିବାସପୁର, ସାପଘରା, ଟାପଢୋଲ ପଞ୍ଚାୟତକୁ ଯାଇ ଆଲୋଚନା କରିଛନ୍ତି। କମିଟି ପକ୍ଷରୁ ବିଭିନ୍ନ ସରପଞ୍ଚ, ସମିତି ସଭ୍ୟା, ଗ୍ରାମ ସଭପତି, ସମ୍ପାଦକ, ୱାର୍ଡ ମେମ୍ବରଙ୍କୁ ଭେଟି ସମର୍ଥନ ଲୋଡ଼ାଯିବା ପାଇଁ ଆଲୋଚନା ହୋଇଛି। ଆଠମଲ୍ଲିକ ଓ କିଶୋରନଗର ବ୍ଲକରୁ କେତେକ ପଞ୍ଚାୟତକୁ ନେଇ ଏହି ବ୍ଲକ ଗଠନ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିବା ନିମନ୍ତେ ଆଲୋଚନା କରାଯାଇଛି।

# ବେସରକାରୀ ଜମିରେ ରାସ୍ତା ନିର୍ମାଣ ଅଭିଯୋଗ

ବଇଣ୍ଡା,୪।୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସାନହୁଲାଠାରୁ ମିଣ୍ଡୋଳ ଦେଇ ପାଇକସାହି ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ହେଉଛି। ହେଲେ ଅନେକ ସ୍ଥାନରେ ବେସରକାରୀ ଜମି ଅକ୍ତିଆର କରାଯାଇ ପୂର୍ତ୍ତ ବିଭାଗ ଓ ଠିକାସଂସ୍ଥା ଜବରଦସ୍ତ ରାସ୍ତା ନିର୍ମାଣ କରୁଥିବା ପାଇକସାହି ଗ୍ରାମର ବିବେକା ପ୍ରଧାନ ଶନିବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ବିବେକା ଦର୍ଶାଇଛନ୍ତି, ପୂର୍ତ୍ତ ବିଭାଗ ପକ୍ଷରୁ ୧୬ କୋଟି ଟଙ୍କା ବ୍ୟୟରେ ୧୧ କିମି ରାସ୍ତା ନିର୍ମାଣ କରାଯାଉଛି। ଜଣେ ଅଣ ଓଡ଼ିଆ ଠିକାସଂସ୍ଥା ଏହି କାର୍ଯ୍ୟ କରୁଥିବା ବେଳେ ବେସରକାରୀ ଜମିକୁ ଅକ୍ତିଆର କରାଯାଇ ନିର୍ମାଣ କରାଯାଉଛି। ସରକାରୀ ଜମି ଥିବାବେଳେ ପୂର୍ତ୍ତ ବିଭାଗ ଅଧିକାରୀମାନେ ବେସରକାରୀ ଜମିରେ ରାସ୍ତା ନିର୍ମାଣ କରିବା ପାଇଁ ଅନୁମତି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ବିବେକା ବଇଣ୍ଡା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ତୁରନ୍ତ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ନେଇ ପୂର୍ତ୍ତ ବିଭାଗର କନିଷ୍ଠଯନ୍ତ୍ରୀ କାଶୀନାଥ ମଲ୍ଲିକଙ୍କୁ ପଚାରିବାରୁ ସେ କୌଣସି ମନ୍ତବ୍ୟ ଦେଇ ନ ଥିଲେ।



ବେସରକାରୀ ଜମିରେ ରାସ୍ତା ନିର୍ମାଣ ହେଉଛି।

# ଉଦ୍ଭିଦ ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର




ବନ୍ତଳା ଡିଗ୍ରୀ ମହାବିଦ୍ୟାଳୟଠାରେ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ବନ୍ତଳା,୪।୧ (ସୁଶିତ ସାହୁ)

କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟ ସହଭାଗିତାରେ ଅନୁଗୋଳ ଜିଲା ବନ୍ତଳା ଡିଗ୍ରୀ ମହାବିଦ୍ୟାଳୟଠାରେ ଉଦ୍ଭିଦ ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପଦ୍ମଚରଣ ସାହୁଙ୍କ ସଭାପତିତ୍ୱରେ ଏହି ସଭାରେ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ପୁନମ ସାମନ୍ତ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ରେଭେନ୍ସା ମହାବିଦ୍ୟାଳୟ ସହ ପ୍ରାଧ୍ୟାପକ ଡ.ବିଭୂତି ଭୂଷଣ ଚମ୍ପତି ଉଦ୍ଭିଦ ବିଜ୍ଞାନର କାର୍ଯ୍ୟକାରିତା, ଔଷଧୀୟ ଗୁଣବତ୍ତା ଉପରେ ସୂଚନା ଦେଇଥିଲେ। ଅଧ୍ୟାପକ ଅଶୋକ ପ୍ରଧାନ ଔଷଧୀୟ ବୃକ୍ଷର ଉପକାରିତା ଓ ବିଶ୍ଳେଷଣାତ୍ମକ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିରେ ଉପସ୍ଥିତ ଛାତ୍ରୀଛାତ୍ର, ଅଧ୍ୟାପକ ଅଧ୍ୟାପିକାମାନେ ଉଦ୍ଭିଦ ବିଜ୍ଞାନର ଉପଯୋଗିତା ଉପରେ ନିଜ ମତ ପୋଷଣ କରିଥିଲେ। ଅଧ୍ୟାପକ ଗଙ୍ଗାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତିଯୋଗିତାରେ ଭାଗନେଲେ ଦକ୍ଷତା ଜଣାପଡ଼ିଥାଏ

ଆଠମଲ୍ଲିକ,୪।୧ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ କଲେଜ ପାର୍ଶ୍ୱରେ ଥିବା ଖେଳପଡ଼ିଆରେ ୨ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମେହେରଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳ ଡ. ଦିଲୀପ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଆବଶ୍ୟକତା ରହିଛି ଓ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଲେ ଦକ୍ଷତା ଜଣାପଡ଼ିଥାଏ ବୋଲି କହିଥିଲେ। ମୁଖ୍ୟ ଅତିଥି ବିଭିନ୍ନ ବିଭାଗରେ ଚାମ୍ପିୟନ ହୋଇଥିବା ଛାତ୍ରୀ ସୁଶ୍ରୀସୁପ୍ରିୟା ଅମାନ୍ତ, ରୀନା ବେହେରା, ଛାତ୍ର ଚିନ୍ମୟ ରଞ୍ଜନ ନାଏକ, ଶୁଭେନ୍ଦୁ ଭୋକ୍ତାଙ୍କ ସମେତ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଅଧ୍ୟାପକ ଅମ୍ବରୀଶ ଷଡ଼ଙ୍ଗୀ, ମାନଭଞ୍ଜନ ପାଣିଗ୍ରାହୀଙ୍କ ଉପଦେଷ୍ଟାରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।



# ପୋଲିସ ହାତରେ ୩ ଲୁଟେରା



**ବ୍ୟବସାୟୀଙ୍କଠାରୁ ୧୨ ଲକ୍ଷ ଲୁଟ୍ ଘଟଣା**

ପାଲଲହଡ଼ା,୪।୧ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ଶିବ ମନ୍ଦିର ଛକ ନିକଟରେ ଗତ ୨୨ ତାରିଖରେ ୨ ବ୍ୟବସାୟୀଙ୍କ ଠାରୁ ମାରଣାସ୍ତ୍ର ଓ ବନ୍ଧୁକ ମୁନରେ ୧୨ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ପୋଲିସକୁ ସଫଳତା ମିଳିଛି। ପୋଲିସ ୩ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଲୁଟେରାମାନେ ହେଲେ ସମଲ ଥାନା ପରାବିଲ ଗାଁର କାହ୍ନୁ ନାଏକ (୨୫), ତ୍ରିନାଥ ନାଏକ(୨୫) ଓ ବାରୁଆ ଗ୍ରାମର ରାଜୁ ନାଏକ। ପୋଲିସ କହିଛି, ସମ୍ବଲପୁର ଅଞ୍ଚଳର ୨ ବ୍ୟବସାୟୀ ବଜରଙ୍ଗୀ ଅଗ୍ରୱାଲଙ୍କ ମ୍ୟାନେଜର ଶ୍ୟାମ ନାରାୟଣ ପାଣ୍ଡେ ଓ ମନୀଷତିୱାରୀ ଏକକାର୍‌ରେ ପାଲଲହଡ଼ାର ଗ୍ରୋସରି ବ୍ୟବସାୟୀଙ୍କ ଠାରୁ ସାପ୍ତାହିକ ପେମେଣ୍ଟ ୧୨ ଲକ୍ଷରୁ ଅଧିକ ଟଙ୍କା ଆଦାୟ କରି ସମ୍ବଲପୁର ଫେରୁଥିବାବେଳେ ୪୯ ନମ୍ବର ଜାତୀୟ ରାଜପଥର ପାଲଲହଡ଼ା ଶିବ ମନ୍ଦିର ଛକ ନିକଟରେ ଲୁଟେରାମାନେ ଭୁଜାଲି ଓ ବନ୍ଧୁକ ଦେଖାଇ ଟଙ୍କା ଲୁଟ୍ କରିଥିଲେ। ଅଭିଯୋଗ ପରେ ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶ କ୍ରମେ ସ୍ପେଶାଲ ସ୍କ୍ୱାଡ୍ ଗଠନ କରାଯିବା ସହ ପାଲଲହଡା ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଦିଆ ଓ ଥାନା ଅଧିକାରୀ ଅନୁରାଧା ମିର୍ଦ୍ଧାଙ୍କ ମିଳିତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଲୁଟେରାଙ୍କୁ ଧରିଥିଲା। ଏହି ଘଟଣାରେ ଆହୁରି ୪ ଜଣ ସମ୍ପୃକ୍ତ ଥିବା ଜଣାପଡିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ ଅନୁରାଧା ମିର୍ଦ୍ଧା ପ୍ରକାଶ କରିଛନ୍ତି।

# ନାବାଳିକାଙ୍କୁ ମାଡ଼ ପ୍ରତିବାଦରେ ଥାନାରେ ଅଭିଯୋଗ

ଛେଣ୍ଡିପଦା,୪।୧ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଥାନା ରଥସାହିରେ ଚଢ଼ାଉ ବେଳେ ଅନୁଗୋଳ ଜିଲା ଅବକାରୀ ବିଭାଗ ଜଣେ ନାବାଳିକାଙ୍କୁ ମାଡ଼ ମାରିଥିବା ଅଭିଯୋଗ କରି ମହିଳାମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମହିଳାମାନେ ଅଭିଯୋଗ କରିଛନ୍ତି, ଅବକାରୀ ବିଭାଗର ଏକ ଟିମ୍ ଶନିବାର ଭୋର୍ ୪ଟାରେ ବାଗଡିଆ ରଥ ସାହିରେ ଚଢ଼ାଉ କରିଥିଲା। ଏହି ଚଢ଼ାଉ ବେଳେ ଅବକାରୀ କର୍ମଚାରୀମାନେ ଜଣେ ନାବାଳିକାଙ୍କୁ ଗାଳିଗୁଲଜ କରିବା ସହିତ ମାରପିଟ କରିଥିଲେ। ପରେ ନାବାଳିକାଙ୍କ ପରିବାର, ବାଗଡ଼ିଆ ସରପଞ୍ଚ ପୁଷ୍ପଲତା ବେହେରା, ସମିତି ସଭ୍ୟା ସୀତା ବେହେରା, ସୁରେଶ ବେହେରାଙ୍କ ସମେତ ବହୁ ମହିଳା ଥାନାକୁ ଆସି ଅବକାରୀ ବିଭାଗର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଅଭିଯୋଗ କରିଥିଲେ। ଅପରପକ୍ଷରେ ଏପରି ଅଭିଯୋଗକୁ ଅବକାରୀ ବିଭାଗ ଅସ୍ୱୀକାର କରିଛି। ବେଆଇନ ମଦ କରବାର ଉପରେ ଚଢ଼ାଉ କିପରି ନ କରାଯିବ, ସେ ନେଇ ଏପରି ଯୋଜନା କରାଯାଇଥିବା ଅବକାରୀ ନିରୀକ୍ଷକ ରମ୍ଭା ବାଗ କହିଛନ୍ତି। ବାଗଡିଆ ଥାନା ଅଧିକାରୀ ବିପ୍ଳବ ସାହୁ କହିଛନ୍ତି, ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରାଯିବ।



# ଅବସରପ୍ରାପ୍ତ ଅଧ୍ୟାପକଙ୍କ ପରଲୋକରେ ଶୋକ

ତାଳଚେର,୪।୧ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ବ୍ଲକ ସାଉଥ୍‌ବଲଣ୍ଡାସ୍ଥିତ ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟର ପୂର୍ବତନ ଓଡ଼ିଆ ବିଭାଗର ମୁଖ୍ୟ ଡ. ନିରଞ୍ଜନ ପଣ୍ଡା(୬୭ ବର୍ଷ)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଛାତ୍ରବତ୍ସଳ ଓ କର୍ତ୍ତବ୍ୟନିଷ୍ଠ ଅଧ୍ୟାପକ ଭାବରେ ସୁନାମ ଅର୍ଜନ କରିଥିଲେ। ତାଙ୍କ ପରଲୋକରେ ମହାବିଦ୍ୟାଳୟ ପରିସରରେ ଯୁକ୍ତ ୩ ଅଧ୍ୟକ୍ଷ ଡ.ବଳଭଦ୍ର ଜେନା ଏବଂ ଯୁକ୍ତ ୨ର ବରିଷ୍ଠ ଅଧ୍ୟାପିକା ଲୁସି ମହାନ୍ତିଙ୍କ ମିଳିତ ଆବାହକତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରାଯାଇ ତାଙ୍କ ତୈଳଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ସ୍ୱର୍ଗତ ପଣ୍ଡା ବିଶ୍ୱବିଦ୍ୟାଳୟ ଆୟୋଗଙ୍କ ଫେଲୋଶିପ୍‌ପ୍ରାପ୍ତ ହୋଇ ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟ ଶାନ୍ତି ନିକେତନରୁ ଓଡ଼ିଆ ଭାଷା ସାହିତ୍ୟରେ ପିଏଚ୍‌ଡି ଲାଭ କରିଥିଲେ। ସେ ୧୯୮୭ ରୁ ୨୦୧୮ ମସିହା ପର୍ଯ୍ୟନ୍ତ ଅଧ୍ୟାପନା କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନେ ସ୍ୱର୍ଗତ ଆତ୍ମାର ଶାନ୍ତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ।



# ସମସ୍ୟା ସମ୍ପର୍କରେ ଜାଣିଲେ ପ୍ରଶାସନିକ ଅଧିକାରୀ

ବଅଁରପାଳ,୪।୧ (ସୁବାସ ସାହୁ)




ପ୍ରଶାସନିକ ଅଧିକାରୀଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଯିବା ସହ ସମସ୍ୟା ସମ୍ପର୍କରେ ଅବଗତ କରାଯାଉଛି।

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟର ଅଧିକାରୀଙ୍କ ସହ ବଅଁରପାଳ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ନବବର୍ଷ ଉପଲକ୍ଷେ ସୌଜନ୍ୟମୂଳକ ସାକ୍ଷାତ କରାଯାଇ ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ କରାଯାଇଛି। ବଅଁରପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ, ଶିକ୍ଷା ବିଭାଗ ଅଧିକାରୀ ସୁଶୀଲ କୁମାର ନାୟକ, ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ, ଆଡିଶନାଲ ତହସିଲଦାର ଚିନ୍ମୟୀ ସାମନ୍ତରାୟ, ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂ, ଯୋଗାଣ ବିଭାଗ ଅଧିକାରୀ ସ୍ୱୟଂପ୍ରଭା ସ୍ୱାଇଁ, କୃଷି ବିଭାଗ ଅଧିକାରୀ ରୋଜାଲିନ ନାୟକଙ୍କୁ ନବ ବର୍ଷର ଶୁଭେଚ୍ଛା ଜଣାଯିବା ସହ ଅଞ୍ଚଳର ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ବ୍ଲକ ଅଞ୍ଚଳରେ ଦୁର୍ଘଟଣା ପରେ ଗୁରୁତରଙ୍କୁ ମେଡିକାଲ ନେବାକୁ ଆମ୍ବୁଲାନ୍ସ ସେବା ନ ମିଳିବା, ବସ୍‌ଷ୍ଟାଣ୍ଡରେ ଶୌଚାଳୟ ନ ଥିବା, ୫୫ନଂ. ଜାତୀୟ ରାଜପଥର ବାଇପାସ ରାସ୍ତା ସମସ୍ୟା, ଜାତୀୟ ରାଜପଥ କଡ଼ରେ ବିଭିନ୍ନ ସ୍ଥାନରେ ଲାଗିଥିବା ଷ୍ଟ୍ରିଟ ଲାଇଟ ଜଳୁ ନ ଥିବା, ଜାତୀୟ ରାଜପଥ କଡ଼ରେ ନିର୍ମାଣ ହୋଇଥିବା ନିମ୍ନମାନର ଡ୍ରେନ ଆଦି ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସଂଘ ସଭାପତି ଅଖିଳ ମହାପାତ୍ର, କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ବିଶୋଇ, ସମ୍ପାଦକ ଶଶାଙ୍କ ଶେଖର ସାମଲ, ଅଶୋକ ଜେନା, ରୁଦ୍ର ମୋହନ ସାହୁ, ସୁବାସ ଚନ୍ଦ୍ର ସାହୁ, ସୁଜିତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ାଉ

ତାଳଚେର,୪।୧ (ମନୋଜ ନନ୍ଦ)

ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ତାଳଚେର ଡେପୁଟି କଲେକ୍ଟରଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଫୁଡ୍‌ଷ୍ଟଲ ଓ କେତେକ ମିଠା ଦୋକାନରେ ଚଢ଼ାଉ କରାଯାଇ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ଖାଦ୍ୟର ମାନ ପରୀକ୍ଷା କରାଯାଇ ଖରାପ ଖାଦ୍ୟକୁ ନଷ୍ଟ କରାଯାଇଛି। ଗ୍ରାହକଙ୍କୁ ସତେଜ ଖାଦ୍ୟ ପରଖିବାକୁ ପରାମର୍ଶ ଦିଆଯାଇଛି।

# ମହିଳାଙ୍କୁ ବଳାତ୍କାର ଉଦ୍ୟମ

ବଇଣ୍ଡା,୪।୧ (ପରିକ୍ଷିତ ସାହୁ)

କିଶୋରନଗର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ପି. ରଣା ବଳାତ୍କାର ଉଦ୍ୟମ କରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୨/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ମହିଳା ଜଣଙ୍କ ଘରେ ଏକୁଟିଆ ଥିବାବେଳେ ଅଭିଯୁକ୍ତ ତାଙ୍କ ଘରେ ପଶି ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

# ସ୍ପିଡ୍ ବ୍ରେକରରେ ପଡ଼ିଲା ଜେବ୍ରା କ୍ରସିଂ

**■'ଧରିତ୍ରୀ'ରେ ଖବର ପ୍ରକାଶ ପରେ ପଶିଲା ଚେତା**
**■ପୂର୍ବରୁ ଲଗାଗଲା ସୂଚନାଫଳକ**

ଅନୁଗୋଳ,୪।୧ (ଜ୍ୟୋତିରଞ୍ଜନ ସାହୁ)

କଟକ-ସମ୍ବଲପୁର ଜାତୀୟ ରାଜପଥର ଅନୁଗୋଳ ସହର ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ସ୍ପିଡ୍‌ବ୍ରେକର ସମ୍ପର୍କରେ ଆଗୁଆ ସୂଚନା ଦିଆଯାଇ ନ ଥିବାରୁ ଏଠାରେ ଦୁର୍ଘଟଣା ଘଟୁଥିଲା। ଏ ନେଇ ଗତ ଡିସେମ୍ବର ୧୭ରେ 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ପ୍ରଶାସନର ଚେତା ପଶିଛି। ଫଳରେ ଉକ୍ତ ସ୍ପିଡ୍ ବ୍ରେକର ଉପରେ ଶୁକ୍ରବାର ଧଳା ରଙ୍ଗର ଜେବ୍ରା କ୍ରସିଂ କରାଯାଇଥିବା ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଅନୁଗୋଳ ସହର ମଧ୍ୟରେ ଦୁର୍ଘଟଣା ରୋକିବାକୁ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ସ୍ପିଡ୍ ବ୍ରେକର ନିର୍ମାଣ କରାଯାଇଛି। କିନ୍ତୁ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ସ୍ପିଡ୍ ବ୍ରେକର ସମ୍ପର୍କରେ ଆଗୁଆ କୌଣସି ସୂଚନା ଦିଆଯାଇ ନ ଥିଲା। ୫୦ ମିଟର ପୂର୍ବରୁ ସୂଚନା ଦେବାର ନିୟମ ରହିଥିଲେ ମଧ୍ୟ ଏହାକୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅଣଦେଖା କରାଯାଇଥିବା ଅଭିଯୋଗ ହେଉଥିଲା। ଫଳରେ ଉକ୍ତ ସ୍ପିଡ୍‌ବ୍ରେକର ସମ୍ପର୍କରେ ଗାଡ଼ି ଚାଳକମାନେ ଜାଣି ନ ପାରି ଦୁର୍ଘଟଣାର ଶିକାର ହେଉଥିଲେ। ଏ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସମସ୍ୟା ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଉକ୍ତ ସ୍ପିଡ୍ ବ୍ରେକରରେ ଧଳା ରଙ୍ଗ ଲଗାଇଥିବାରୁ ଏବେ ଗାଡ଼ି ଚାଳକମାନେ ସହଜରେ ସ୍ପିଡ୍ ବ୍ରେକର ସମ୍ପର୍କରେ ଜାଣିପାରୁଛନ୍ତି।



ଗୁଣ୍ଡିଚା ମନ୍ଦିର ସମ୍ମୁଖ ଜାତୀୟ ରାଜପଥର ସ୍ପିଡ୍ ବ୍ରେକର ଉପରେ ଧଳାରଙ୍ଗ ଲଗାଯାଇଛି।

# କପିଳାସ ପୀଠ ସେବାୟତଙ୍କୁ ଦୁର୍ବ୍ୟବହାର ଅଭିଯୋଗ

## ଅବଢ଼ା ନାମରେ ଅରୁଆ ହୋଟେଲର ବ୍ୟବସାୟ


ଢେଙ୍କାନାଳ,୪।୧(ରତନ ନାୟାର)

ରାଜ୍ୟ ତଥା ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସର ସେବାୟତମାନଙ୍କୁ ଗତ ୨ ତାରିଖ ଦିନ ଦେଓଗାଁ ଗ୍ରାମର ଜଣେ ବ୍ୟକ୍ତି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଶନିବାର ସେବାୟତମାନେ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇବା ସହିତ ଅଭିଯୋଗ କରିଛନ୍ତି। ସେବାୟତ ମାନେ ଖଲିରେ ଅନ୍ନ ଖାଇ ବାହାରେ ଫିଙ୍ଗୁଛନ୍ତି ବୋଲି ସେମାନଙ୍କ ନାମରେ ମିଥ୍ୟା ଅଭିଯୋଗ କରାଯାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି । କିନ୍ତୁ ସେବାୟତମାନେ ପାତ୍ରରେ ପ୍ରସାଦ ସେବନ କରୁଛନ୍ତି। ସେହିପରି ମନ୍ଦିର ମୁଖଶାଳା ନିକଟରେ ଥିବା ବିଶ୍ରାମାଗାରରେ ଅବଢା ନାମରେ ଅରୁଆ ହୋଟେଲର ବ୍ୟବସାୟ ଚାଲିଥିବା ସେବାୟତମାନେ ଅଭିଯୋଗରେ ଦର୍ଶାଇଛନ୍ତି । ଏହାକୁ ତୁରନ୍ତ ଅନ୍ୟତ୍ର ଜାଗାରେ କରାଯାଇ ବିଶ୍ରାମାଗାରକୁ ଯାତ୍ରୀ ବିଶ୍ରାମ ପାଇଁ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ମନ୍ଦିର ଆଗରେ ମାଇକ ପ୍ରଚାର କରି ଯାତ୍ରୀମାନଙ୍କୁ ଦର୍ଶନ କରିବା ପୂର୍ବରୁ ଖାଇବା ବୁକିଂ ପାଇଁ ବାଧ କରାଯାଉଥିବା ଅଭିଯୋଗ ହୋଇଛି। ଏହି ସମସ୍ୟାର ସମାଧାନ ଆସନ୍ତା ୭ଦିନ ମଧ୍ୟରେ କରାନଗଲେ ସିଂହଦ୍ୱାର ସମ୍ମୁଖରେ ସେବାୟତମାନେ ଧାରଣରେ ବସିବେ ବୋଲି କପିଳାସ ପୀଠରେ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉ ସେବାୟତ ସଂଘ ଦେଓଗାଁର ସଭାପତି ସୁରେଶ ମହାପାତ୍ର ଓ ସମ୍ପାଦକ ଗୁରୁଚରଣ ମହାପାତ୍ରଙ୍କ ସମେତ ସବାୟତମାନେ ଜିଲାପାଳଙ୍କ ନିକଟରେ ଜଣାଇଛନ୍ତି ।

# ଗ୍ୟାସ୍ ଲିକ୍ ହୋଇ ୩ବଖରା ଜଳିଗଲା

## ମା' ଓ ଦୁଇ ଝିଅ ଗୁରୁତର

ଢେଙ୍କାନାଳ,୪।୧(ରତନ ନାୟାର)



ଗୁରୁତର ମା ଓ ଦୁଇଝିଅ।

ଢେଙ୍କାନାଳ ଜିଲା ସଦର ଥାନା ବେଲଟିକିରି ଗ୍ରାମପଞ୍ଚାୟତର ବନ୍ଧ ନୁଆଁଗା ଗ୍ରାମରେ ଶନିବାର ସନ୍ଧ୍ୟାରେ ପବନା ନାୟକଙ୍କ ଘରେ ରୋଷେଇ ଚାଲିଥିବା ବେଳେ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗିଯିବାରୁ ତାଙ୍କର ୩ବଖରା ଘର ସମ୍ପୂର୍ଣ୍ଣ ଜଳିପୋଡି ଯାଇଛି । ରୋଷେଇ କରୁଥିବା ପବନାଙ୍କ ସ୍ତ୍ରୀ ତଥା ଅଙ୍ଗନୱାଡି କର୍ମୀ ସେଫାଳି ନାୟକ(୩୮) ଓ ତାଙ୍କର ଦୁଇଝିଅ ଜୟଶ୍ରୀ ପି. ନାୟକ(୧୦) ଓ ଶ୍ରଦ୍ଧାଶ୍ରୀ ପି. ନାୟକ(୧୨) ଗୁରୁତର ଆହତ ହୋଇଛନ୍ତି । ବହୁ ସମୟ ଧରି ଆମ୍ବୁଲାନ୍ସ ନ ଆସିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗ୍ରାମର ଜଣେ ବ୍ୟକ୍ତିଙ୍କ କାରରେ ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା ବୋଲି ବେଲଟିକିରି ସରପଞ୍ଚ ବଳଭଦ୍ର ସାମଲ କହିଛନ୍ତି। ଖବରପାଇ ଢେଙ୍କାନାଳରୁ ଅଗ୍ନିଶମ ସେବା ସଂସ୍ଥା ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ସେଫାଳିଙ୍କୁ କଟକ ସ୍ଥାନାନ୍ତରିତ ପାଇଁ ଡାକ୍ତର ମାନେ ପରାମର୍ଶ ଦେଇଥିବା ସୂଚନା ମିଳିଛି ।

# ରାଜ୍ୟ ପୋଲିସ କବାଡ଼ି ଓ ହ୍ୟାଣ୍ଡବଲ ପ୍ରତିଯୋଗିତା

ଢେଙ୍କାନାଳ,୪।୧(ରତନ ନାୟାର)

ଢେଙ୍କାନାଳ ରିଜର୍ଭ ପୋଲିସ ପଡିଆଠାରେ ଅନୁଷ୍ଠିତ ହେଉଥିବା ୭୭ତମ ରାଜ୍ୟ ପୋଲିସ କବାଡି ଓ ୯ମ ହ୍ୟାଣ୍ଡବଲ ପ୍ରତିଯୋଗିତାର ଶନିବାର ଥିଲା ଦ୍ୱିତୀୟ ଦିବସ । ଦ୍ୱିତୀୟ ଦିବସରେ କବାଡି ପ୍ରତିଯୋଗିତାରେ ଓଏସ୍‌ଏପି ୬ଷ୍ଠ ବାଟାଲିୟନ କଟକ ୧୪ ପଏଣ୍ଟରେ ସୁନ୍ଦରଗଡକୁ ପରାସ୍ତ କରିଥିଲେ । ସେହିପରି ସମ୍ବଲପୁର ଦଳ ୮ମ ଏସଆଇଆଇ ବାଟାଲିୟନ ଭଞ୍ଜନଗରକୁ ୧୮ପଏଣ୍ଟ, ତୃତୀୟ ଆଇଆରବିଏନ୍ କଳିଙ୍ଗନଗର, ଓଏସ୍‌ଏପି ୫ମ ବାଟାଲିୟନ ବାରିପଦାକୁ ୨୦ ପଏଣ୍ଟରେ ପରାସ୍ତ କରିଥିଲେ । ସେହିପରି ଓଏସ୍‌ଏପି ଫାଷ୍ଟ ବାଟାଲିୟନ ଢେଙ୍କାନାଳ, ରାଉରକେଲାକୁ ୧୬ ପଏଣ୍ଟରେ ପରାସ୍ତ କରିଥିଲେ। ଓଏସ୍‌ଏପି ଷଷ୍ଠ ବାଟାଲିୟନ କଟକ, ଗଜପତିକୁ ୨୧ ପଏଣ୍ଟ ଓ ୫ମ ଆଇଆରବିଏନ୍ ବୌଦ୍ଧ, ସମ୍ବଲପୁରକୁ ୨ ପଏଣ୍ଟରେ ପରାସ୍ତ କରିଥିଲେ ବୋଲି ମ୍ୟାଚ କମିଶନର ଶୁଭେନ୍ଦୁ ପ୍ରସାଦ ଧୀର ସୂଚନା ଦେଇଛନ୍ତି । ସେହିପରି ହ୍ୟାଣ୍ଡବଲ ପ୍ରତିଯୋଗିତାରେ କେଉଁଝରେ, ରାଉରକେଲାକୁ ୭ ପଏଣ୍ଟ, ଓଏସ୍‌ଏପି ୫ମ ଆଇଆର ବାଟାଲିୟନ ବାରିପଦା, ଷଷ୍ଠ ଆଇଆର ବାଟାଲିୟନ ଖୋର୍ଦ୍ଧାକୁ ୭ ପଏଣ୍ଟରେ ପରାସ୍ତ କରିଛି । ସେହିପରି ଓଏସ୍‌ଏପି ଷଷ୍ଠ ବାଟାଲିୟନ କଟକ, ରାୟଗଡକୁ ୧୨ ପଏଣ୍ଟ, ଓଏସ୍‌ଏପି ଫାଷ୍ଟ ବାଟାଲିୟନ ଢେଙ୍କାନାଳ, ବ୍ରହ୍ମପୁରକୁ ୧୬ ପଏଣ୍ଟ, ରାୟଗଡା, ଢେଙ୍କାନାଳକୁ ୧୩ ପଏଣ୍ଟରେ ପରାସ୍ତ କରିଛି । ରାଉରକେଲା ଓଏସ୍‌ଏପି ୩ୟ ବାଟାଲିୟନ, କୋରାପୁଟକୁ ୫ ପଏଣ୍ଟରେ ପରାସ୍ତ କରିଥିବା ମ୍ୟାଚ କମିଶନର ଅର୍ନବ ସିହ୍ନା ସୂଚନା ଦେଇଛନ୍ତି ।

# ବାହାଦୁର ପାଢସାହାଣୀ ହେଲେ ୟୁନେସ୍କୋର ରାଜ୍ୟ ସଂଯୋଜକ

ଢେଙ୍କାନାଳ,୪।୧(ରତନ ନାୟାର)



କବି ବାଦାଦୁର ପାଢସାହାଣୀ।

ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ରାଜ୍ୟ ସଦସ୍ୟ କବି ବାହାଦୁର ପାଢସାହାଣୀଙ୍କୁ ଉତ୍ତରପୂର୍ବ ଭାରତର ଓଡିଶା ରାଜ୍ୟର ସଂଯୋଜକ ଭାବେ ୟୁନେସ୍କୋ ତରଫରୁ ମନୋନୀତ କରାଯାଇଛି । ବର୍ତ୍ତମାନ ସେ ଉଫୁନାର ସାଧାରଣ ସଂପାଦକ, ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଢେଙ୍କାନାଳ ଜିଲା ସାଧାରଣ ସଂପାଦକ, ଢେଙ୍କାନାଳ ଜିଲା ବରିଷ୍ଠ ନାଗରିକ ପରିଷଦର ଉପସଭାପତି ରହିଛନ୍ତି । ଏଥିସହିତ ସେ ଜଣେ ବିଶିଷ୍ଟ କବି ତଥା ସାହିତ୍ୟିକ ଭାବରେ ପ୍ରତିଷ୍ଠା ଲାଭ କରିଛନ୍ତି । ପୂର୍ବରୁ ପାଢସାହାଣୀ ୨୦୧୩ ମସିହାରେ ନେପାଳ ସଂସଦରେ ଇଂରାଜୀରେ ତାଙ୍କ ଅଭିଭାଷଣ ପ୍ରଦାନ କରିଥିଲେ। ସେ ସମତା ସାହିତ୍ୟ ଏକାଡେମୀ, ମୁମ୍ବାଇ ଦ୍ୱାରା ସାହିତ୍ୟରତ୍ନ ଓ ମଦର ଟେରେସା ସାମାଜିକ ପୁରସ୍କାରରେ ସମ୍ମାନୀତ ହୋଇଛନ୍ତି । ତାଙ୍କ ଦ୍ୱାରା ରଚିତ ଗଳ୍ପ 'ନୂଆ ସକାଳ' ଦୂରଦର୍ଶନ ସମ୍ବଲପୁର ଓ ଭୁବନେଶ୍ୱର ଦ୍ୱାରା ଟେଲିଫିଲ୍ମି ଆକାରରେ ପ୍ରସାରିତ ହୋଇସାରିଛି । ତାଙ୍କ ଦ୍ୱାରା ରଚିତ କବିତା ସଂକଳନ ଅନ୍ତଃସ୍ରୋତ, ଜୀବନ ଗୀତିକା ଓ ଗଳ୍ପ ସଂକଳନ ନୂଆ ସକାଳ ବହୁ ପାଠକୀୟ ଆଦୃତି ଲାଭ କରିଛି । ସେ ମାର୍କୋଣା ସାରସ୍ୱତ ମଞ୍ଚ ଦ୍ୱାରା କବି ଗୌରବରେ ସମ୍ମାନିତ ହୋଇଛନ୍ତି । ଆସାମର ରାଜଧାନୀ ଗୌହାଟିରେ ଅବସ୍ଥିତ ୟୁନେସ୍କୋର ଆଞ୍ଚଳିକ ମୁଖ୍ୟ କାର୍ଯ୍ୟାଳୟର କାର୍ଯ୍ୟକାରୀ ନିର୍ଦ୍ଦେଶକ ଡ. ଅଶ୍ୱିନୀ କୁମାର ଶର୍ମା ତାଙ୍କୁ ମନୋନୀତ କରିଛନ୍ତି । ପାଢସାହାଣୀ ଉକ୍ତ ପଦବୀରେ ୨୦୨୫ ଜାନୁଆରୀ ପହିଲାରୁ ତାଙ୍କ ଦାୟିତ୍ୱ ଗ୍ରହଣ କରିଛନ୍ତି। ଖୁବଶୀଘ୍ର ତାଙ୍କ ପୌରହିତ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ସଭାଗୃହରେ 'ସଷ୍ଟେନେବୁଲ୍ ଡେଭେଲେପ୍‌ମେଣ୍ଟ ଆଣ୍ଡ ଗୋଲ୍ ଅଫ୍ ଦି ପ୍ରେଜେଣ୍ଟ ୱାର୍ଲଡ' ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେବ । ଏହି ନିଯୁକ୍ତି ପାଇଁ ବହୁ ଶୁଭେଚ୍ଛୁ ତଥା ବନ୍ଧୁବର୍ଗ ଓ ସାହିତ୍ୟିକମାନଙ୍କ ଠାରୁ ପ୍ରଶଂସାର ସୁଅ ଛୁଟୁଛି ।

# କପିଳାସ ଅଭୟାରଣ୍ୟଠାରେ ଟାଟାଷ୍ଟିଲ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

## ୧୦ଟନରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଫାକଲେ ୨୫୦ କର୍ମଚାରୀ

ଢେଙ୍କାନାଳ,୪।୧(ରତନ ନାୟାର)



ପରିବେଶ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ଢେଙ୍କାନାଳ ଜିଲା ପ୍ରଶାସନ ଓ ଜିଲା ବନଖଣ୍ଡ ଅଧିକାରୀଙ୍କ ନେତୃତ୍ୱରେ ଟାଟାଷ୍ଟିଲର ୨୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଏକାଠି ହୋଇ କପିଳାସ ଅଭୟାରଣ୍ୟ ତଥା ପାହାଡ ନିକଟରେ ଏକ ବିଶାଳ ସଫେଇ କାର୍ଯ୍ୟକ୍ରମ ଶନିବାର କରିଥିଲେ। କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟ ଅଞ୍ଚଳ ଏବଂ କପିଳାସ ପୀଠ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉ ମହାଦେବଙ୍କ ମନ୍ଦିରକୁ ଯାଉଥିବା ରାସ୍ତା ଏବଂ ଟାଟାଷ୍ଟିଲ କପିଳାସ ହାଫ୍ ମାରାଥନର ପ୍ରସ୍ତାବିତ ସ୍ଥାନଠାରେ ଏହି ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ କମ୍ପାନୀର କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ଯୋଗଦେଇ ୧୦ଟନରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁକୁ ସଫା କରିଥିଲେ। ହାତୀମାନଙ୍କ ସୁରକ୍ଷା ସହ ଏକ ସୁସ୍ଥ ପରିବେଶ ବଜାୟ ରଖିବା ପାଇଁ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆସନ୍ତା ୧୧ ତାରିଖରେ କପିଳାସ ହାଫ୍ ମାରାଥନ-୨୦୨୫ କପିଳାସ ପାହାଡ ପାଦ ଦେଶରେ ହେବାକୁ ଯାଉଛି। ଏହି ବିଶାଳ ଗଣଦୌଡକୁ ଦୃଷ୍ଟିରେ ରଖି ସଫେଇ ଅଭିଯାନ ଆୟୋଜିତ ହୋଇଛି । ଏହି ଗଣଦୌଡ ସମସ୍ତଙ୍କ ପାଇଁ ଶାରିରୀକ ଫିଟ୍‌ନେଶର ବାର୍ତ୍ତା ବହନ କରୁଛି ବୋଲି କମ୍ପାନୀ ପକ୍ଷରୁ ଜଣାଯାଇଛି । ପରିବେଶ ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ବହନ କରୁଥିବା କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟର ସବୁଜିମା ବଜାୟ ରଖିଥିବା ଏବଂ ଗଜରାଜଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସଚେତନତା କରିବା ଲକ୍ଷ୍ୟରେ ଗତବର୍ଷ ଠାରୁ ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ଗଣଦୌଡର ଆୟୋଜନ କରାଯାଉଛି। ସେହିପରି କର୍ମଚାରୀ ସ୍ୱେଚ୍ଛାସେବିତା ଉପକ୍ରମ ଜରିଆରେ କର୍ମଚାରୀମାନେ ବିଭିନ୍ନ ସମୟରେ କମ୍ପାନୀ ପରିସର ଓ ଏହାର ଅଖପାଖ ଅଞ୍ଚଳରେ ସ୍ୱେଚ୍ଛାସେବୀ ଗୋଷ୍ଠୀ କଲ୍ୟାଣ କାର୍ଯ୍ୟକ୍ରମ କରିଆସୁଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି ।

# ହୃଦ୍‌ଘାତରେ କର୍ମଚାରୀଙ୍କ ପରଲୋକ

ଢେଙ୍କାନାଳ,୪।୧(ରତନ ନାୟାର)



ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବାଇଁଶିଆ ପଞ୍ଚାୟତ ବଲ୍ଲଭ ଗ୍ରାମର ଅଜୟ କୁମାର ପଣ୍ଡାଙ୍କର ଶୁକ୍ରବାର ଭୋର ସମୟରେ ହୃଦଘାତରେ ଅକାଳ ବିୟୋଗ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୯ବର୍ଷ ବୟସ ହୋଇଥିଲା । ସେ ଚିରୁଲେଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ । ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମରଶରୀର ଗ୍ରାମରେ ପହଁଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ବିଭିନ୍ନ ବ୍ୟକ୍ତିବିଶେଷ ତାଙ୍କ ବାସଭବନରେ ପହଁଚି ପରିବାରକୁ ସମବେଦନା ଜଣାଇଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା ।

# ପ୍ରବାସୀ ଭାରତୀୟ ଦିବସ ପାଇଁ ବ୍ଲକ ସ୍ତରୀୟ ପ୍ରତିଯୋଗିତା

କାମାକ୍ଷାନଗର, ୪।୧(ସୁଧୀର କୁମାର ପରିଡା)



ସ୍ଥାନୀୟ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକାର କାର୍ଯ୍ୟାଳୟ ତରଫରୁ ପ୍ରବାସୀ ଭାରତୀୟ ଦିବସ ପାଳନ ଉପଲକ୍ଷେ ସାଇକେଲିଂ, ପୋଷ୍ଟର ମେକିଙ୍ଗ, ପ୍ରବନ୍ଧ ଲିଖନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ କାମାକ୍ଷାନଗର ତହସିଲଦାର ପ୍ରିୟବ୍ରତ ଦାସ, ସମ୍ମାନିତ ଅତିଥି ଭାବରେ ସହକାରୀ ଜିଲାପାଳ ଦୀପକ ମିଶ୍ର ଯୋଗଦେଇଥିଲେ। ଜୁନିଅର ବିଭାଗ ପ୍ରବନ୍ଧ ଲିଖନରେ ସୋନାଲି ସାହୁ, ପୋଷ୍ଟର ମେକିଙ୍ଗରେ ଅନିମେଶ ସାହୁ, ସିନିଅର ବିଭାଗ ପ୍ରବନ୍ଧରେ ଆରୋଜା ପରିଡା, ପୋଷ୍ଟର ମେକିଙ୍ଗରେ ପାୟଲ ସାହୁ, ସୁପର ସିନିଅର ବିଭାଗ କୁଇଜ୍‌ରେ ପ୍ରଭାତ ସାହୁ, ପୋଷ୍ଟର ମେକିଙ୍ଗରେ ଜିଜ୍ଞାସା ରାଉତ ଓ ସାଇକେଲିଙ୍ଗରେ ବିଶମୋହନ ବାରିକ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ବିଭିନ୍ନ ପ୍ରତିଯୋଗିତାରେ ଶ୍ରୀରାମ ରାଉତ, କୈଳାଶ ରାଉତ, ମଧୁସ୍ମିତା ନନ୍ଦ ରାକେଶ ବେଉରା, ପ୍ରଜ୍ଞା ପରମିତା ଦଳନାୟକ ବିଚାରକ ଭାବେ ଯୋଗଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସିଆରସିସି ଆଶିଷ ରଞ୍ଜନ ସାହୁ, ରାଜେଶ ସାହୁ, ମଳୟ ସାହୁ, ପ୍ରଶାନ୍ତ ଖଟୁଆ, ବରିଷ୍ଠ ଶିକ୍ଷକ ବିଷ୍ଣୁ ପ୍ରସାଦ ଦାଶ ଓ ଦୁର୍ଗାପ୍ରସାଦ ତ୍ରିପାଠୀ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

ପରଜଙ୍ଗ,୪।୧
(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ କୁଆଲୁ ଗ୍ରାମର ତ୍ରିପୁର ବିଶାଳଙ୍କ ପୁଅ ପପୁନ ବିଶ୍ୱାଳ (୨୮) ସ୍ତ୍ରୀ ଓ ଝିଅଙ୍କୁ ଧରି ମୋଟର ସାଇକେଲ ଯୋଗେ ଗତ ୨୯ ତାରିଖରେ ଅନୁଗୋଳ ଜିଲା ବଁଅରପାଳରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ବହ୍ଲର ଛକ କ୍ରୀଷ୍ଟା କ୍ଲିନିକ ସମ୍ମୁଖରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ତ୍ରୀ ଓ ଝିଅ ଛିଟିକି ଯାଇ ବର୍ତ୍ତି ଯାଇଥିଲେ। ପପୁନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ପ୍ରଥମେ ତାଳଚେର ସ୍ଥିତ ମଣ୍ଡାପାଳ ଡାକ୍ତରଖାନା ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଶନିବାର ଅପରାହ୍ନ ୪ଟାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

କାମାକ୍ଷାନଗର, ୪।୧(ସୁଧୀର କୁମାର ପରିଡା)



ଢେଙ୍କାନାଳ ଜିଲା କାମାକ୍ଷାନଗର ସଦର ମହକୁମାରେ ହେବାକୁ ଥିବା ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶନିବାର ପଞ୍ଚାୟତ ସମିତି ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ପ୍ରିୟବ୍ରତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭାରପ୍ରାପ୍ତ ସୂଚନା ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ମିଶ୍ର ପୂର୍ବ ବୈଠକର ବିବରଣୀ ପାଠକରି ଏହି ଜାତୀୟ ଦିବସକୁ ସରସ ସୁନ୍ଦର ଭାବେ ପାଳିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ସାରଙ୍ଗଧର ଷ୍ଟାଡିୟମରେ ଉପଖଣ୍ଡସ୍ତରୀୟ ଦିବସ ପାଳନ ହେବା ସହ ଉପଜିଲାପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବେ ବୋଲି ସଭାରେ ସ୍ଥିର ହୋଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟର ସମୁଦାୟ ୪୮ ଟି ଦଳ ପ୍ୟାରେଡରେ ଅଂଶଗ୍ରହଣ କରିବେ ବୋଲି ସ୍ଥିର ହୋଇଥିଲା। ଉପଖଣ୍ଡ ସ୍ତରୀୟ ଉତ୍ସବରେ ୮.୩୦ରେ ପତାକା ଉତ୍ତୋଳନ କରିବାକୁ ଧାର୍ଯ୍ୟ ହୋଇଥିଲା। ଏହି ବୈଠକରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ, ଏନଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର, ଓକିଲ ସଂଘ ସଭାପତି ଧର୍ମାନନ୍ଦ ମଲ୍ଲିକ ମଞ୍ଚାସୀନ ଥିବା ବେଳେ ବିଭିନ୍ନ ବିଭାଗର ପଦାଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରତିନିଧି , ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ୬ ନୂତନ ଗୃହର ଶିଳାନ୍ୟାସ

ପରଜଙ୍ଗ, ୪।୧(ନିଗମାନନ୍ଦ ଦଳବେହେରା)



ପରଜଙ୍ଗ ନିର୍ବାଚନ ମଣ୍ଡଳୀ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଶନିବାର ୬ଟି ନୂତନ ଅଫିସ ଗୃହର ଶିଳାନ୍ୟାସ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଂପାଦକ ଦୀପକ କୁମାର ଗୋଛୟତ, ଗ୍ରାମ୍ୟ ନିର୍ମାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶିବଜ୍ୟୋତି ସାହୁ ଢେଙ୍କାନାଳ(୨)କାମାକ୍ଷାନଗର ନିର୍ବାହୀ ଯନ୍ତ୍ରୀ ନାରାୟଣ ବେହେରା, କନିଷ୍ଠ ଯନ୍ତ୍ରୀ ହେମନ୍ତ କୁମାର ଜେନା, ଉପଜିଲାପାଳ ପ୍ରଭାତ କୁମାର ବେହେରା, ତହସିଲଦାର୍ ଦିଲୀପ କୁମାର ନାୟକ, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ସବ ରେଜିଷ୍ଟ୍ରର ପ୍ରମୁଖ ଯୋଗଦେଇଥଲେ। ପରଜଙ୍ଗ ସବ ରେଜିଷ୍ଟ୍ରର କାର୍ଯ୍ୟାଳୟର ୧ କୋଟି ୧୨ ଲକ୍ଷ, ଅତିରିକ୍ତ ତହସିଲଦାରଙ୍କ ଆବାସିକ ଗୃହ ୨୬ ଲ ୮୪ ହଜାର ଟଙ୍କା, ସାଆନ୍ଦା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ୩୩ ଲକ୍ଷ ୨୮ ହଜାର, ଓ ପ୍ରାଥମିକ କୃଷି ସେବା ସମବାୟ ସମିତି ୧୨ ଲକ୍ଷ ୮୩ ହଜାର ଟଙ୍କା ଅଟକଳ ମୂଲ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି କୁଆଲୁ ୯୨ ଲକ୍ଷ ଟଙ୍କା ଓ ଲୋଧଣି ୭୧ ଲକ୍ଷ ଟଙ୍କା ସେବା ସମବାୟ ସମିତିର ନୂତନ ଗୃହ ନିମନ୍ତେ ଶିଳାନ୍ୟାସ କରିଛନ୍ତି।

**WANTED**

**Diploma Mechanical Engineers required**, For a factory in **Hyderabad,** we are Looking for **DME in Our Production Deptt.** Candidates from Cement/ sponge Iron/ Ferro Alloys, having working experience of 5 year or more, in production and maintenance dept. can apply Accommodation, food and medical insurance will be provided by company. Pl apply :- **info@rdipurification.com**

**OFFICE OF THE EXECUTIVE ENGINEER**
**National Highway Division, RCD, Deoghar**
**Circular Road, Near D.C. Residence,**
**Deoghar, Jharkhand (814112)**
**E-mail ID : eenhdeoghar@gmail.com**

**Corrigendum**

e-Tender Reference No.:- NH/Deoghar/08/2024-25/DPR Dated:-21.12.2024, which was published in daily newspaper [PR No. 342688 Deoghar(24-25)#D] for "Consultancy Services for DPR Preparation for Construction of High Level Bridge at Km 35.980 (Rampur River) and Km 43.270 (Simlaung River) of NH-333A in the State of Jharkhand on EPC mode including Bridges, Land Acquisition, Forest Clearance and Utility Shifting etc" the following corrigendum is being made:-

i) Deadline for downloading of bid:15:00, 28.01.2025
ii) Last date for submission of queries:12:00, 20.01.2025
iii) Pre bid meeting: 12:30, 20.01.2025
iv) Deadline for Submission of bids :15:00, 28.01.2025
v) Date of Opening : 17:00, 29.01.2025

Other terms and conditions will be remain same.

Sd/-
Executive Engineer
National Highway Division,Deoghar

PR 343571
Deoghar(24-25).D

T-110

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

*****

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.06.01.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ୟୁନିଟ-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ**। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0041/2425

**झारखण्ड सरकार**
**ग्रामीण कार्य विभाग कार्यपालक अभियंता का कार्यालय**
**कम्बाईण्ड बिल्डिंग, प्रथम तल्ला, एल०सी० रोड, धनबाद**

ई– निविदा आमंत्रण सूचना

ई–निविदा संख्या:- 24/RWD/DHANBAD/24-25 दिनांक :- 04.01.2025

कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टी फिकेशन संख्या/पैकेज संख्या | प्रखण्ड | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|---|
| 1 | DMFT-04/24-25 | गोविन्दपुर | जी०टी० रोड गीताजली होटल से भीम पाण्डेय के घर तक पथ निर्माण कार्य। | 182.572 | एक करोड़ बेरासी लाख सन्तावन हजार दो सौ | 12 माह | प्रथम |
| 2 | DMFT-05/24-25 | गोविन्दपुर | सरकारडीह से शिवपुर तक पथ निर्माण कार्य | 161.440 | एक करोड़ एकसठ लाख चौवालिस हजार | 12 माह | प्रथम |
| 3 | DMFT-06/24-25 | गोविन्दपुर | सहराज पंचायत अन्तर्गत पेण्ड्रा बॉध से भाया मधु गडरिया सह गोरमोरो तक पथ निर्माण कार्य | 470.595 | चार करोड़ सतर लाख उनसठ हजार पॉच सौ | 18 माह | प्रथम |
| 4 | DMFT-07/24-25 | गोविन्दपुर | जमडीहा आर०ई०ओ० पथ से कुबरीटॉड़ चैनपुर आदिवासी टोला तक पथ | 469.731 | चार करोड़ उनहतर लाख तिहतर हजार एक सौ | 18 माह | प्रथम |
| 5 | DMFT-09/24-25 | तोपचॉची | जीतपुर दुर्गा मंडप से चैता बस्ती तक पथ | 345.626 | तीन करोड़ पैतालिस लाख बासठ हजार छह सौ | 15 माह | प्रथम |
| 6 | DMFT-10/24-25 | बाघमारा | चिराटॉड़ से एन०एच० 32 फोर लेन तक पथ निर्माण कार्य | 203.910 | दो करोड़ तीन लाख एकानवे हजार | 12 माह | प्रथम |
| 7 | DMFT-11/24-25 | तोपचॉची | गोमो मिशन स्कूल से जीतपुर नाला भाया दुर्गा मंदिर तक नाली का निर्माण | 131.022 | एक करोड़ एकतीस लाख दो हजार दो सौ | 09 माह | प्रथम |
| 8 | DMFT-12/24-25 | तोपचॉची | जी०टी० रोड राजगंज से चुंगी भाया गली कुल्ही लाठाटॉड़ चौक तक पथ निर्माण | 145.428 | एक करोड़ पैतालिस लाख बियालिस हजार आठ सौ | 09 माह | प्रथम |
| 9 | DMFT-13/24-25 | बाघमारा | खरनी कथारटॉड़ मोड़ से तारापीठ बड़की जोरिया तक पथ निर्माण कार्य | 153.791 | एक करोड़ तिरपन लाख उनासी लाख एक सौ | 12 माह | प्रथम |
| 10 | DMFT-03/24-25 | टुण्डी | धधकीटॉड़ से सलैया भाया डुमरकुदर तक पथ निर्माण कार्य (लम्बाई 3.30कि०मी०) | 238.35 | दो करोड़ बानवे लाख सौलह हजार दो सौ | 12 माह | द्वितीय |

2. वेबसाईट में निविदा प्रकाशन की तिथि :– 11.01.2025
3. ई–निविदा प्राप्ति की अंतिम तिथि एवं समय :– 25.01.2025 अपराह्न 5.00 बजे तक।
4. निविदा खोलने की तिथि एवं समय :– 27.01.2025 अपराह्न 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:–कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद, पिन– 826001
6. ई–निविदा प्रकोष्ठ का दूरभाष सं०– 0326–3554757

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, धनबाद।

PR.NO.343585 Rural Work Department(24-25):D

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No.CAD-2053 Email-hpschiplima@yahoo.in, Fax No. (0663) 2460505

**No.-CHEP/TW-217 (Vol.-II)/28 Date: 02.01.2025**

**TENDER CALL NOTICE NO.-CHEP-54/2024-25**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Registered Manufacturers / Manufacturer's Authorized Dealers meeting eligibility criteria only for the following works;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Manufacturing, DP Testing, Drilling, Painting, Packing along with Supply & Fitting of Inlet / Outlet side Water Box of existing 9 Nos. of Generator Air Coolers of Unit-1, CHEP, Chiplima | Rs.4,720/- (Rs.4,000/- + GST @18%) | Rs.8,550/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.06.01.2025 up to 12:30 PM of dtd.20.01.2025.**

OIPR-04006/11/0052/2425 **Sd/- C & P Head, CHEP, Chiplima**

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ


ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତର ଦାରିଦ୍ର୍ୟ ହାରରେ ଉଲ୍ଲେଖନୀୟ ହ୍ରାସ

**ନୂଆଦିଲ୍ଲୀ,୪।୧**

ଚଳିତ ଆର୍ଥିକ ବର୍ଷରେ ଗ୍ରାମୀଣ ଦାରିଦ୍ର୍ୟ ହାର ଉଲ୍ଲେଖନୀୟ ଭାବେ ହ୍ରାସ ପାଇ ୪.୮୬% ରେ ପହଞ୍ଚିଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ସଦ୍ୟତମ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏପରିକି ଏହି ହାର ଗତ ଆର୍ଥିକ ବର୍ଷରେ ୭.୨% ଏବଂ ୨୦୧୧-୧୨ ଆର୍ଥିକ ବର୍ଷରେ ୨୫.୭% ରହିଥିଲା।

ସେହିଭଳି ଏହି ଅବଧି ମଧ୍ୟରେ ସହରୀ ଦାରିଦ୍ର୍ୟ ହାର ହ୍ରାସ ପାଇ ୪.୦୯%ରେ ପହଞ୍ଚିଥିବା ଏସ୍‌ବିଆଇର ଉପଭୋକ୍ତା ବ୍ୟୟ ସର୍ବେକ୍ଷଣରେ ବିସ୍ତୃତ ଭାବେ ଦର୍ଶାଯାଇଛି। ଏପରିକି ସାମଗ୍ରିକ ଭାବେ ଦାରିଦ୍ର୍ୟ ହାର ୪ରୁ ୪.୫% ସ୍ତରକୁ ଖସି ଆସିଛି। ଅପରପକ୍ଷରେ ସରକାରୀ ସହାୟତା, ଉପଭୋକ୍ତା ବ୍ୟୟ ବୃଦ୍ଧି, ଖାଦ୍ୟ ମୂଲ୍ୟ ପରିବର୍ତ୍ତନ କେବଳ ଖାଦ୍ୟଜନିତ ବ୍ୟୟ ନୁହେଁ ବରଂ ସାମଗ୍ରିକ




ବ୍ୟୟ ଉପରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି। ଏପରିକି ସର୍ବନିମ୍ନ ଖୁଚୁରା ମୂଲ୍ୟକୁ ଆଧାରକରି ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମା ୨୦୨୩-୨୪ ଆର୍ଥିକ ବର୍ଷରେ ୧୬୩୨ଟଙ୍କା ରହିଥିବା ବେଳେ ସହରାଞ୍ଚଳରେ ୧୯୪୪ ଟଙ୍କା ରହିଥିବା ଏନ୍‌ଏସ୍‌ଏସ୍‌ଓ ରିପୋର୍ଟକୁ ଉଲ୍ଲେଖ କରି ଏସ୍‌ବିଆଇ ପକ୍ଷରୁ କୁହାଯାଇଛି।

ସେହିପରି ୨୦୧୧-୧୨ ଆର୍ଥିକ ବର୍ଷରେ ଏହା ଯଥାକ୍ରମେ ୮୧୬ ଏବଂ ୧୦୦୦ ଟଙ୍କା ଥିଲା। ଏପରିକି ଉପଭୋକ୍ତା ଖର୍ଚ୍ଚ ବୃଦ୍ଧି କାରଣରୁ ଗ୍ରାମୀଣ ଦାରିଦ୍ର୍ୟ ଅନୁପାତ ୨୦୨୩-୨୪ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିଲାବେଳେ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୦ରୁ ୫% ହ୍ରାସ ପାଇଛି। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମଧ୍ୟରେ ମାସିକ ମୁଣ୍ଡ ପିଛା ଉପଭୋକ୍ତା ବ୍ୟୟ (ଏମ୍‌ପିସିଇ) ହାରରେ ରହିଥିବା ତାରତମ୍ୟ ହ୍ରାସ ପାଇଛି। ୨୦୦୯-୧୦ ଆର୍ଥିକ ବର୍ଷରେ ଏହା ୮୮.୨% ଥିବାବେଳେ ୨୦୨୩-୨୪ଆର୍ଥିକ ବର୍ଷରେ ୬୯.୭%କୁ ହ୍ରାସ ପାଇଛି। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଭଳି ସରକାରୀ ଯୋଜନା,ଗ୍ରାମାଞ୍ଚଳ ଭିତ୍ତିଭୂମିରେ ଉନ୍ନତି, ଚାଷୀଙ୍କ ଆୟ ବୃଦ୍ଧି ଏବଂ ଗ୍ରାମୀଣ ଜୀବିକାରେ ସାମଗ୍ରିକ ସୁଧାର କାରଣରୁ ଏହି ତାରତମ୍ୟ କମିଛି। ଭୌତିକ ଭିତ୍ତିଭୂମିରେ ଉନ୍ନତି କାରଣରୁ ଗ୍ରାମୀଣ ପରିବହନରେ ସୁଧାର ଆସିଛି। ଫଳରେ ଏହା ଗ୍ରାମାଞ୍ଚଳର ସମୃଦ୍ଧି ପାଇଁ ମାର୍ଗ ପ୍ରଶସ୍ତ କରିଛି। ୨୦୧୪-୧୫ ଆର୍ଥିକ ବର୍ଷଠାରୁ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ ଦେଢ଼ ଲକ୍ଷ କି.ମି. ଜାତୀୟ ରାଜପଥ ନିର୍ମାଣ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୭ଲକ୍ଷ କି.ମି.ରୁ ଅଧିକ ଲମ୍ବା ସଡ଼କ ନିର୍ମାଣ କରାଯାଇଛି। ମାସିକ ମୁଣ୍ଡ ପିଛା ଉପଭୋକ୍ତା ବ୍ୟୟକୁ ଅନୁଧ୍ୟାନକଲେ ୨୦୦୪-୦୫ ଆର୍ଥିକ ବର୍ଷ ତୁଳନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମଧ୍ୟରେ ବ୍ୟବଧାନ ୮୮.୨% ରୁ ୬୯.୭%କୁ ହ୍ରାସ ପାଇଛି। ଏ କ୍ଷେତ୍ରରେ ବିହାର, ରାଜସ୍ଥାନ ଭଳି ରାଜ୍ୟ ଉନ୍ନତ ପ୍ରଦର୍ଶନ କରିଛନ୍ତି। ପାରିବାରିକ ବଜେଟରେ ଅଣଖାଦ୍ୟ ସାମଗ୍ରୀ ବାବଦ ବ୍ୟୟ ବୃଦ୍ଧି ପାଇଥିବା ଏସ୍‌ବିଆଇ ରିପୋର୍ଟରେ କୁହାଯାଇଛି। ଏହା ୨୦୧୧-୧୨ ଆର୍ଥିକ ବର୍ଷରେ ୪୭.୪% ଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୫୨.୯୬%କୁ ବୃଦ୍ଧି ପାଇଛି। ସହରାଞ୍ଚଳରେ ଏହା ୫୭.୩୮% ରୁ ୬୦.୩୨%କୁ ବୃଦ୍ଧିପାଇଛି। ଏହା ଉପଭୋକ୍ତାଙ୍କ ମଧ୍ୟରେ ଆର୍ଥିକ ଦୃଢ଼ତାକୁ ଦର୍ଶାଉଛି। କାରଣ ସେମାନେ ମୌଳିକ ଆବଶ୍ୟକତା ବାଦ୍ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ସମ୍ବଳ ପାଇପାରୁଛନ୍ତି।

# ଶକ୍ତି ସଂରକ୍ଷଣରେ ଟିପିସିଓଡିଏଲ୍ ସମ୍ବର୍ଦ୍ଧିତ




**ଭୁବନେଶ୍ୱର,୪।୧ (ଅଭୟ ଦାଶ)**

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)କୁ ନିକଟରେ ଆଉ ଏକ ସମ୍ମାନ ଓ ୪-ତାରକା ମାନ୍ୟତା ମିଳିଛି। ଏପରିକି ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଟିପିସିଓଡିଲ୍‌କୁ ସମ୍ବର୍ଦ୍ଧିତ ସହ ଶକ୍ତି ସଂରକ୍ଷଣ ପୁରସ୍କାର ବା ଏନକନ-୨୦୨୪ ସମ୍ମାନରେ ସମ୍ମାନିତ କରାଯାଇଛି।

ଉଲ୍ଲେଖଯୋଗ୍ୟ, କୋଲକାତାଠାରେ ଆୟୋଜିତ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ଶକ୍ତି ସମ୍ମିଳନୀ-୨୦୨୪ (ଏନର୍ଜି କନ୍‌କ୍ଲେଭ-୨୦୨୪)ରେ ଟିପିସିଓଡିଏଲ୍‌କୁ ଶକ୍ତି ସଂରକ୍ଷଣ ପୁରସ୍କାର ଓ ୪-ତାରକା ମାନ୍ୟତା ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ ସମ୍ମାନ ସମାରୋହ ଉତ୍ସରେ ଯୋଗ ଦେଇ ଟିପିସିଓଡିଏଲ୍‌ର ପ୍ରତିନିଧି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

ଅପରପକ୍ଷରେ ଏନ୍‌କନ୍ ଫୋରମଗୁଡିକ ଶିଳ୍ପଗୁଡିକରେ ଶକ୍ତି ଦକ୍ଷତା ପଦକ୍ଷେପ ଏବଂ ପ୍ରକୃତି ପ୍ରତି ସକାରାତ୍ମକ ଅଭ୍ୟାସ ଆପଣାଉଥିବ ସଂସ୍ଥାକୁ ସମ୍ମାନିତ କରିଥାଏ। ଏପରିକି ଉତ୍ପାଦନ ଓ ସେବା କ୍ଷେତ୍ରରେ ଥିବା ୬୨ସଂସ୍ଥା ଏଥିରେ ଅଂଶ ଗ୍ରହଣ କରିଥିଲେ। ଆଇଟିସି ଲିମିଟେଡ୍, ଆଦିତ୍ୟ ବିର୍ଲା ଗ୍ରୁପ୍, ଆଇଏଫ୍‌ଏଫ୍‌ସିଓ, ଏକ୍ସାଇଡ୍ ଇଣ୍ଡଷ୍ଟ୍ରିଜ୍, ଜିନ୍ଦଲ ଷ୍ଟିଲ୍ସ, ନାଲ୍‌କୋ, ରାମ୍କୋ ସିମେଣ୍ଟ, ଟାଟା ଷ୍ଟିଲ୍ ଭଳି କମ୍ପାନୀ ସହ ଟିପିସିଓଡିଏଲ୍ ପ୍ରତିଦ୍ୱନ୍ଦ୍ୱିତାକରି ଏହି ସମ୍ମାନ ଲାଭ କରିଛି।

# ଓୟୁଟିଆର୍‌ର 'ଏନ୍‌ଭିରୁନ୍' ମିନି ମାରାଥନ୍




**ଭୁବନେଶ୍ୱର,୪।୧**

ରାଜ୍ୟର ପ୍ରମୁଖ ସରକାରୀ ଶିକ୍ଷାନୁଷ୍ଠାନ ତଥା ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର୍)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ମେଗା ମିନି ମାରାଥନ୍ 'ଏନଭିରୁନ୍' ଶନିବାର ଆୟୋଜିତ ହୋଇଯାଇଛି। ଏହି ଅବସରରେ ୬୦୦ରୁ ଅଧିକ ଛାତ୍ରୀଛାତ୍ର ଏବଂ କର୍ମଚାରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

ଉଲ୍ଲେଖଯୋଗ୍ୟ, ଗେମ୍ସ ଆଣ୍ଡ ସ୍ପୋର୍ଟସ୍ ସୋସାଇଟି ତଥା ଓୟୁଟିଆର୍‌ର ଏନ୍‌ଏସ୍‌ଏସ୍ ୟୁନିଟ୍ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି ମିନିମାରାଥନ୍ ଭୁବନେଶ୍ୱରରେ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସର ପ୍ରାରମ୍ଭିକ ପର୍ଯ୍ୟାୟ ଉତ୍ସବ ଥିଲା। ଏହି ଉତ୍ସାହୀ ପଦକ୍ଷେପ କେବଳ ଏକତା ଏବଂ ସାମୂହିକ କାର୍ଯ୍ୟସାରକୁ ପାଳନ କରି ନ ଥିଲା ବରଂ ଏକ ସ୍ଥାୟୀ ଭବିଷ୍ୟତକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱପୂର୍ଣ୍ଣ କାରଣକୁ ମଧ୍ୟ ସମର୍ଥନ କରିଥିଲା। ସେହିଭଳି ଏହି ମିନିମାରାଥନ୍‌ର ମୁଖ୍ୟ ଆକର୍ଷଣ ମଧ୍ୟରେ ଶ୍ରେଷ୍ଠ ୨୦ଜଣ ଫିନିଶରଙ୍କ ପାଇଁ ରୋମାଞ୍ଚକର ପୁରସ୍କାରର ଏକ ଶୃଙ୍ଖଳା ଅନ୍ତର୍ଭୁକ୍ତ ଥିଲା। ଏହା ଅଭିଜ୍ଞତାକୁ ଆହୁରି ସମୃଦ୍ଧ କରିଥିଲା ଏବଂ ଅଂଶଗ୍ରହଣକାରୀମାନଙ୍କୁ ବିଶ୍ୱବ୍ୟାପୀ ପ୍ରଭାବ ପକାଇବା ଦିଗରେ ଅର୍ଥପୂର୍ଣ୍ଣ ଯୋଗଦାନ କରିବାକୁ ପ୍ରେରଣା ଦେଇଥିଲା।

# ବର୍ଷକରେ ୧,୩୧,୮୭୧ ୟୁନିଟ୍ ଯାନ ପଞ୍ଜୀକରଣ

**ନୂଆଦିଲ୍ଲୀ,୪।୧**

ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ମାସିକ ଯାନ ବିକ୍ରି ଫଳାଫଳ ନିକଟରେ ଘୋଷଣା କରାଯାଇଛି। ୨୦୨୪ ବର୍ଷ (ଜାନୁଆରୀରୁ ଡିସେମ୍ବର) ମଧ୍ୟରେ ଏଚ୍‌ସିଆଇଏଲ୍ ମୋଟ ୧,୩୧,୮୭୧ ୟୁନିଟ୍ ଯାନ ବିକ୍ରି ହୋଇଛି। ସେହିଭଳି ୨୦୨୪ ବର୍ଷରେ କମ୍ପାନୀ ଘରୋଇ ବଜାରରେ ୬୮,୬୫୦ ୟୁନିଟ୍ ବିକ୍ରି କରିଥିଲାବେଳେ ୬୩,୨୨୧ ୟୁନିଟ୍ ଯାନ ଏହି ସମୟ ମଧ୍ୟରେ ରପ୍ତାନି କରିଥିଲା। ୨୦୨୩ ବର୍ଷ (ଜାନୁଆରୀରୁ ଡିସେମ୍ବର) ମଧ୍ୟରେ ଏଚ୍‌ସିଆଇଏଲ୍ ମୋଟ ୧,୧୦,୧୪୩ ୟୁନିଟ୍ ଯାନ ବିକ୍ରି ହୋଇଥିଲାବେଳେ ୨୦୨୩ରେ କମ୍ପାନୀ ଘରୋଇ ବଜାରରେ ମୋଟ ୮୪,୨୮୯ ୟୁନିଟ୍ ଏବଂ ୨୫,୮୫୪ ୟୁନିଟ୍ ଯାନ ରପ୍ତାନି ଆକାରରେ ପଞ୍ଜୀକରଣ କରିଥିଲା। ଏପରିକି ୨୦୨୩ ତୁଳନାରେ କମ୍ପାନୀ ୨୦୨୪ରେ ବେଶ୍ ଉତ୍ସାହଜନକ କାରବାର ସହ ବାର୍ଷିକ ଭିତ୍ତିରେ (ୱାଇଓୱାଇ) ଅଭିବୃଦ୍ଧି ହାରରେ ୨୦% ଅଧିକ ପଞ୍ଜୀକରଣ କରିଛି। ସେହିପରି ୨୦୨୪ ଡିସେମ୍ବରରେ ଏଚ୍‌ସିଆଇଏଲ୍ ମୋଟ ୯୪୬୦ ୟୁନିଟ୍ ଯାନ ବିକ୍ରି କରିଛି। ଏପରିକି କମ୍ପାନୀ ଘରୋଇ ବଜାରରେ ୫,୬୦୩ ୟୁନିଟ୍ ଯାନ ବିକ୍ରି କରିଥିଲାବେଳେ ୩୮୫୭ ୟୁନିଟ ଯାନ ରପ୍ତାନି କରିଥିଲା। ଅପରପକ୍ଷରେ ୨୦୨୩ ଡିସେମ୍ବରରେ ଏଚ୍‌ସିଆଇଏଲ୍ ମୋଟ ୧୧,୬୫୧ ୟୁନିଟ୍ ଯାନ ବିକ୍ରି କରିଛି। ଏପରିକି କମ୍ପାନୀ ଘରୋଇ ବଜାରରେ ୭୯୦୨ ୟୁନିଟ୍ ଯାନ ବିକ୍ରି କରିଥିଲାବେଳେ ୩୭୪୯ ୟୁନିଟ୍ ଯାନ ରପ୍ତାନି କରିଥିଲା।

# ଡିସେମ୍ବରରେ ୩,୦୮,୦୮୩ ୟୁନିଟ୍ ଗାଡ଼ି ବିକ୍ରି

**ନୂଆଦିଲ୍ଲୀ,୪।୧**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ର ମାସିକ ଯାନ ବିକ୍ରି ଫଳାଫଳ ନିକଟରେ ଘୋଷଣା କରାଯାଇଛି। ଏପରିକି ୨୦୨୪ ଡିସେମ୍ବରରେ ଏଚ୍‌ଏମ୍‌ଏସ୍‌ଆଇ ମୋଟ ୩,୦୮,୦୮୩ ୟୁନିଟ୍ ଗାଡି ବିକ୍ରି କରିଛି। ସେହିଭଳି କମ୍ପାନୀ ଘରୋଇ ବଜାରରେ ୨,୭୦,୯୧୯ ୟୁନିଟ୍ ଯାନ ବିକ୍ରି କରିଥିଲାବେଳେ ରପ୍ତାନି ପରିମାଣ ୩୭,୧୬୪ ୟୁନିଟ୍ ଥିଲା। ସେହିପରି ୨୦୨୪ ବର୍ଷ (ଜାନୁଆରୀରୁ ଡିସେମ୍ବର) ମଧ୍ୟରେ ଏଚ୍‌ଏମ୍‌ଏସ୍‌ଆଇ ମୋଟ ୮୫,୦୧,୪୯୮ ୟୁନିଟ୍ ଯାନ ବିକ୍ରି ହୋଇଛି। ଏପରିକି ୨୦୨୪ ବର୍ଷରେ କମ୍ପାନୀ ଘରୋଇ ବଜାରରେ ୫୨,୯୨,୯୭୬ ୟୁନିଟ୍ ବିକ୍ରି କରିଥିଲାବେଳେ ୫,୦୮,୫୨୨ ୟୁନିଟ୍ ଯାନ ରପ୍ତାନି କରିଥିଲା। ଅପରପକ୍ଷରେ କମ୍ପାନୀ ୨୦୨୩ ତୁଳନାରେ ୨୦୨୪ରେ ବେଶ୍ ଉତ୍ସାହଜନକ କାରବାର କରିଥିଲାବେଳେ ବାର୍ଷିକ ଭିତ୍ତିରେ (ୱାଇଓୱାଇ) ଅଭିବୃଦ୍ଧି ହାରରେ ୩୨% ପଞ୍ଜୀକରଣ ହୋଇଛି।

# ଷ୍ଟେଟ ବ୍ୟାଙ୍କ ପେନ୍‌ସନଭୋଗୀଙ୍କ ରାଜ୍ୟ ସମ୍ମିଳନୀ




**ଭୁବନେଶ୍ୱର,୪।୧**

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଏକ ଦିନିକିଆ ରାଜ୍ୟସ୍ତରୀୟ ଷ୍ଟେଟ ବ୍ୟାଙ୍କ ପେନ୍‌ସନଭୋଗୀ ସମ୍ମିଳନୀ ନିକଟରେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ୧୨୦୦ରୁ ଅଧିକ ଷ୍ଟେଟ ବ୍ୟାଙ୍କ ପେନ୍‌ସନଭୋଗୀ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ସଭା ମଧ୍ୟ ଆୟୋଜିତ ହୋଇଥିଲା। ଏହି ଅବସରରେ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥୀଙ୍କ ସମେତ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମହାପ୍ରବନ୍ଧକ (ନେଟ୍‌ୱର୍କ-୧) ପୋନ୍ନମବଲମ ଏମ. ମହାପ୍ରବନ୍ଧକ (ନେଟ୍‌ୱର୍କ-୨) କୌଶଳ କିଶୋର ସିଂ, ଉପ ମହାପ୍ରବନ୍ଧକ ମନୋଜ କୁମାର ସିଂ ଏବଂ ମଣ୍ଡଳ ବିକାଶ ଅଧିକାରୀ, ଷ୍ଟେଟ ବ୍ୟାଙ୍କ ଅଧିକାରୀ ସଂଘ, କର୍ମଚାରୀ ସଂଘ, ପେନ୍‌ସନର ସଂଘର କାର୍ଯ୍ୟକାରୀବୃନ୍ଦ ଓ ସେବାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ପୃଥୀ ଉପସ୍ଥିତ ସମସ୍ତ ପେନ୍‌ସନଭୋଗୀଙ୍କୁ ଷ୍ଟେଟ ବ୍ୟାଙ୍କର ରାଜଦୂତ କହି ସମ୍ବୋଧନ କରିଥିଲେ। ଏପରିକି ସେ ସମାଜରେ ସକାରାତ୍ମକତା ବିସ୍ତାର କରିବାକୁ ଆହ୍ୱାନ ଦେଇଥିଲେ।

ଏସ୍‌ବିଆଇର ନୂତନ ଶାଖା କଟକର ରାମଦାସପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମହାପ୍ରବନ୍ଧକ (ନେଟ୍‌ୱର୍କ-୧) ପୋନ୍ନମବଲମ ଏମ୍‌ଙ୍କ ସମେତ ଉପମହାପ୍ରବନ୍ଧକ ପ୍ରଶାନ୍ତ କୁମାର ଏବଂ କ୍ଷେତ୍ରୀୟ ପ୍ରବନ୍ଧକ ଭବାନୀ ଶଙ୍କର ମହାନ୍ତି ଅନ୍ୟମାନେ ଉପସ୍ଥିତ ଥିଲେ।


## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



**ଶଶିଭୂଷଣ ବେହେରା (ରବି)**

ଆବିର୍ଭାବ - ୧୮.୧୦.୧୯୬୨
ତିରୋଧାନ - ୨୩.୧୨.୨୦୨୪

ତୁମର ସ୍ନେହ, ଶ୍ରଦ୍ଧା, ପ୍ରେରଣା, କର୍ତ୍ତବ୍ୟନିଷ୍ଠା ଓ ଶୁଭାଶୀର୍ବାଦ ଆମମାନଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ।

ଶୋକସନ୍ତପ୍ତ - ବଡ଼ ଭାଇ, ଚିଭ, ଗୁଡି, ଭିକି, ରକି, ସୋନୁ, ବନ୍ଧୁ ଓ ପରିବାରବର୍ଗ।

D-2486

**୧୯ତମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ଆଶୁତୋଷ ପ୍ରଧାନ**

ଅଳଗୁମ, ପୁରୀ

ଆବିର୍ଭାବ: ୨୫।୧୨।୧୯୭୨
ତିରୋଧାନ: ୦୫।୦୧।୨୦୦୬

ତୋ ଆତ୍ମା ଚିରଶାନ୍ତି ଲାଭକରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।

-:ଶୋକସନ୍ତପ୍ତ:-

ବାପା, ବୋଉ, ମାମୁ, ମାଈଁ, ଅପା, ପିଉସା, ମଉସା, ମାଉସୀ, ଭାଇ, ଭଉଣୀ, ସାଙ୍ଗ, ବନ୍ଧୁ ଓ ପରିବାରବର୍ଗ।

ଧ-୨୪୭୯



# Classified Everyday

0674-2580101, 9692975378




**BRIDE WANTED**

Brahmin ପୁଅ, ସରକାରୀ ହାଇସ୍କୁଲରେ ଶିକ୍ଷକ, ବୟସ- 52 ବର୍ଷ, ମାସିକ ଦରମା 1.15 ଲକ୍ଷ, Life partner ନିମନ୍ତେ (42-50) ବର୍ଷ ବ୍ରାହ୍ମଣ, ଅବିବାହିତା କନ୍ୟା, ନିଃସନ୍ତାନ ବିଧବା କିମ୍ବା ଛାଡ଼ପତ୍ର, ସୁଗୃହିଣୀ ପାତ୍ରୀ ଆବଶ୍ୟକ। କେବଳ ପ୍ରାର୍ଥିନୀ କିମ୍ବା ଅଭିଭାବକ ଯୋଗାଯୋଗ କରନ୍ତୁ- 9437137925. D-2445

**GROOM WANTED**

47 ବର୍ଷ, Forest Departmentରେ କାର୍ଯ୍ୟରତ ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ, ଘରଜ୍ୱାଇଁ ମଧ୍ୟ ଗ୍ରହଣୀୟ। 8455853154. D-2444

Beautiful Khandayat Girl 1997. 5'5" B.Tech serving Software Engineer MNC, Bangalore - Sunasansar. 9937512659. D-76229




**SALE**

ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ - 7008052921. D-76228

Right Price and Right Place. Amazing Plot for Sale 0.86 Acre, Near Jyoti Motors (Nexa), 200 Meter from Kolkata-Chennai Highway (in Lane), For details Connect: +91 9122721444. D-2475

**NH Side Commercial Plot for Sale at Pipili Bypass. Area: 20445 Sq.ft., Suitable for Godown, Restaurants, Hospital/Nursing Home etc. Contact: 9937446498.** D-75588

**(A) Commercial Plot, facing to NH Road, Nakhara to Niali NH 10,000 Sq.ft., 3 Sides Road, (B) Residential Plot Near Petal English Medium School 1250 Sq.ft. with Boundarywall at Brahmanjharilo, Cuttack, 11 Km. to BBSR. Personal Plots, No Builders. 7809525452.** D-2480

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି ପ୍ଲଟ ବିକ୍ରି ହେବ - 9556187814. D-2474

1BHK Ready to move in flats available in Hi-Tech, Brundaban Project near Batamangala Temple, Puri Town. 9938015048, 9040023313. D-2482

Gharabari Converted Plots available near Hitech Square Sundarpada Bhubaneswar. For more details Contact - 9437040045, 9040307584 . D-2483

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits spa by experience lady therapist. 8117972440. D-76182

Newly open health benefits spa special offer @799, Bapujinagar, 8018429809. D-76183

Full Body Massage Experience, Good Looking Therapist @999 (Bhubaneswar). 9078484455. D-2485

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 03 Jan 2025. I, Mahasweta Swain, Address: Tulashipur, Korai, Jajpur - 755025 declare that I have changed my name from Maheshwata Swain to Mahasweta Swain. Henceforth, I shall be known as Mahasweta Swain for all purpoes. D-2484



ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପ୍ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନ ସମ୍ମୁଖରେ ପଞ୍ଜାବର ମହିଳାମାନେ ବିଭିନ୍ନ ପ୍ରସଙ୍ଗକୁ ନେଇ ପ୍ରତିବାଦ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଜେଡି

## ଦିଲ୍ଲୀରେ ପ୍ରଜ୍ଞାପନ ମେଢ଼କୁ ନେଇ ବଢ଼ିଲା ରାଜନୀତି

ଭୁବନେଶ୍ୱର,୪।୧(ଅନିଲଦାସ)

ଚଳିତବର୍ଷ ଦିଲ୍ଲୀର କର୍ତ୍ତବ୍ୟ ପଥରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ନ ଗଢ଼ିବା ଏକ କ୍ଷୋଭର ବିଷୟ ବୋଲି ବିଜୁ ଜନତା ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର କହିଛନ୍ତି । ଓଡ଼ିଆ ଅସ୍ମିତା ରାଜ୍ୟରେ ଏକ ପ୍ରମୁଖ ପ୍ରସଙ୍ଗ ହୋଇଥିବା ବେଳେ ଡବଲ ଇଞ୍ଜିନ ସରକାର ଶାସନ ସମୟରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ ସ୍ୱୀକୃତି ନ ମିଳିବା ନିଶ୍ଚିତ ଭାବେ ଉଦ୍‌ବେଗର ବିଷୟ। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହସ୍ତକ୍ଷେପ କରନ୍ତୁ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ବର୍ଷ କର୍ତ୍ତବ୍ୟପଥରେ ଐତିହ୍ୟ ଗ୍ରାମ ରଘୁରାଜପୁର ହସ୍ତକଳାକୁ ନେଇ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ପଟଚିତ୍ର ସହିତ ହସ୍ତଶିଳ୍ପ ଏବଂ କୁଟୀର ଶିଳ୍ପକୁ ପ୍ରଜ୍ଞାପନ ମେଢ଼ରେ ପ୍ରଦର୍ଶିତ କରାଯାଇଥିଲା। ଓଡ଼ିଶାର ଏହି ମେଢ଼ ପ୍ରଥମ ପୁରସ୍କାର ହାସଲ କରିଥିଲା। ୨୦୨୫ ଜାନୁଆରୀ ୨୬ ତାରିଖରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଓଡ଼ିଶା ତରଫରୁ ମାଣିଆବନ୍ଧ ଶାଢ଼ି, ହସ୍ତଶିଳ୍ପ ଓ ମନ୍ଦିରମାଳିନୀ ଭୁବନେଶ୍ୱରକୁ ମଡେଲ ଭାବେ ପ୍ରସ୍ତାବ ଦିଆଯାଇଥିଲା। ତେବେ ଏ ବର୍ଷ ମନୋନୀତ ହୋଇଥିବା ପ୍ରଜ୍ଞାପନ ମେଢ଼ ମଧ୍ୟରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ ସ୍ଥାନ ମିଳିନାହିଁ। କିନ୍ତୁ କେଉଁ କାରଣରୁ ଏହାକୁ ମନୋନୀତ କରାଯାଇ ନାହିଁ ତାହା ସ୍ପଷ୍ଟ ହୋଇନାହିଁ ବୋଲି ଦେବୀ ମିଶ୍ର କହିଛନ୍ତି।

# ନୂଆଦିଲ୍ଲୀରେ କେଜ୍‌ରିୱାଲ-ପ୍ରବେଶ ଲଢ଼େଇ

## ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣାକଲା ଭାଜପା


ଆପ୍ ଆବାହକ ଅରବିନ୍ଦ କେଜ୍‌ରିୱାଲ


ଭାଜପାନେତା ପ୍ରବେଶ ବର୍ମା

ନୂଆଦିଲ୍ଲୀ, ୪।୧

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭାଜପା ଶନିବାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ଆସନ ଲାଗି ଘୋଷିତ ଏହି ୨୯ ଜଣିଆ ପ୍ରାର୍ଥୀ ତାଲିକାରେ ବହୁ ହାଇପ୍ରୋଫାଇଲ ନେତାଙ୍କ ନାମ ରହିଛି। ନୂଆଦିଲ୍ଲୀ ଆସନରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି(ଆପ୍)ର ଜାତୀୟ ଆବାହକ ଅରବିନ୍ଦ କେଜରିୱାଲଙ୍କ ବିପକ୍ଷରେ ଭାଜପା ପଶ୍ଚିମ ଦିଲ୍ଲୀର ପୂର୍ବତନ ଏମ୍‌ପି ପ୍ରବେଶ ବର୍ମାଙ୍କୁ ପ୍ରାର୍ଥୀ କରିଛି। ସୂଚନାଯୋଗ୍ୟ, କଂଗ୍ରେସ ନୂଆଦିଲ୍ଲୀ ଆସନରୁ ପୂର୍ବତନ ଏମ୍‌ପି ସନ୍ଦୀପ ଦୀକ୍ଷିତଙ୍କୁ ପ୍ରାର୍ଥୀ କରିଛି।

ତେବେ କାଲକାଜୀ ଆସନରୁ ପୂର୍ବତନ ଏମ୍‌ପି ରମେଶ ବିଧୁରିଙ୍କୁ ମୁଖ୍ୟମନ୍ତ୍ରୀ ତଥା ଆପ୍ ନେତ୍ରୀ ଆତିଶୀଙ୍କ ବିରୋଧରେ ପ୍ରାର୍ଥୀ କରାଯାଇଛି। ନିକଟରେ ଆପ୍‌ରୁ ଇସ୍ତଫା ଦେଇ ଭାଜପାରେ ମିଶିଥିବା ଦିଲ୍ଲୀ ସରକାରଙ୍କ ପୂର୍ବତନ ମନ୍ତ୍ରୀ କୈଳାସ ଗେହଲୋଟ ବିଜ୍ୱାସନ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ପୂର୍ବତନ ଦିଲ୍ଲୀ ଭାଜପା ସଭାପତି ସତୀଶ ଉପାଧ୍ୟାୟ ମାଲବ୍ୟ ନଗରରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଭାଜପାର ଜାତୀୟ କାର୍ଯ୍ୟକର୍ତ୍ତା ଦୁଷ୍ୟନ୍ତ କୁମାର ଗୌତମ ଓ ଆଶିଷ ସୁଦ୍ ଯଥାକ୍ରମେ କରୋଲବାଗ ଓ ଜନକପୁର ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଆସନ୍ତା ମାସ ଦିଲ୍ଲୀ ବିଧାନସଭା ଆସନ ପାଇଁ ନିର୍ବାଚନ ହେବା ନେଇ ଅନୁମାନ କରାଯାଉଛି।

# ପାଟଣା ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ

## ହାଇକୋର୍ଟ ନିର୍ଦ୍ଦେଶରେ ଫଳାଫଳ ସ୍ଥଗିତ

ପାଟଣା,୪।୧(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନମଣ୍ଡଳୀ ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକଙ୍କ ବିରୋଧରେ ଶନିବାର ସଭାଗୃହରେ ଅନାସ୍ଥା ଭୋଟ ହୋଇଛି। ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ୩୧ ସମିତିସଭ୍ୟ ଓ ସରପଞ୍ଚ ଏକ ବସ୍‌ରେ ବ୍ଲକ୍‌ରେ ପହଞ୍ଚି ଭୋଟ ଦେଇଥିଲେ। ବିଧାୟକ ଅଖିଳ ନାଏକଙ୍କୁ ମିଶାଇ ମୋଟ ୩୫ ସଦସ୍ୟ ଉପସ୍ଥିତ ଥିବା ବେଳେ ୩୪ଜଣ ସଦସ୍ୟ ମତଦାନ କରିଥିଲେ। କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ମତଦାନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ନ ଥିଲେ। ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ ଭୋଟ ନ ଦେଇ କେବଳ ରେଜିଷ୍ଟରରେ ଦସ୍ତଖତ କରି ଚାଲିଯାଇଥିଲେ।

ପ୍ରିଜାଡିଂ ଅଫିସର ତଥା ସାହାରପଡ଼ା ବିଡିଓ ରଞ୍ଜିତ ମହାନ୍ତ କହିଛନ୍ତି, ୩୫ ସଦସ୍ୟଙ୍କ ମଧ୍ୟରୁ ୩୪ଜଣ ମତଦାନ କରିଛନ୍ତି। କୋର୍ଟର ନିର୍ଦ୍ଦେଶ ଥିବାରୁ ଫଳ ପ୍ରକାଶ ହେବନାହିଁ। ଭୋଟ ବାକ୍ସକୁ ସିଲ୍ କରି କଡ଼ା ସୁରକ୍ଷାରେ କେନ୍ଦୁଝର ଟ୍ରେଜେରି ଷ୍ଟ୍ରଙ୍ଗ୍ ରୁମ୍‌ରେ ରଖାଯାଇଛି। ପରବର୍ତ୍ତୀ କୋର୍ଟ ଅର୍ଡର ପର୍ଯ୍ୟନ୍ତ ବ୍ଲକ୍ ଅଧ୍ୟକ୍ଷା ଭାବେ ସୁକାନ୍ତି ନାଏକ କାର୍ଯ୍ୟ କରିବେ। ୧୭ ଜାନୁଆରୀରେ ହାଇକୋର୍ଟ ଅର୍ଡର ଆସିଲେ ଯାହା ନିଷ୍ପତ୍ତି ନିଆଯିବ। ମାଜିଷ୍ଟ୍ରେଟ୍ ଭାବେ ପାଟଣା ତହସିଲଦାର ଲୀଳାବତୀ ନାୟକ ରହିଥିବା ବେଳେ ଘଟଗାଁ ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ ଓ ପାଟଣା ଥାନା ଅଧିକାରୀ ମାନସ ମହାକୁଡ଼ଙ୍କ ନେତୃତ୍ୱରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଉପଜିଲାପାଳ ଉମାଶଙ୍କର ଦଳେଇ କହିଛନ୍ତି, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପକ୍ଷେ ଅନାସ୍ଥା ଭୋଟ ଦିନକ ପୂର୍ବରୁ ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତିଙ୍କ ପକ୍ଷରୁ ଦାୟର ରିଟ୍ ପିଟିଶନ ହାଇକୋର୍ଟରେ ଶୁଣାଣି ହୋଇଥିଲା। ବିଚାରପତି ଆର୍. କେ. ପଟ୍ଟନାୟକ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶରେ ଅନାସ୍ଥା ପ୍ରସ୍ତାବରେ ମତଦାନ ହେବ ବୋଲି କହିଥିଲେ। କିନ୍ତୁ ପରବର୍ତ୍ତୀ ନିର୍ଦ୍ଦେଶ ନ ହେବା ପର୍ଯ୍ୟନ୍ତ ଭୋଟ ଗଣତି ଓ ଫଳାଫଳ ପ୍ରକାଶ ପାଇବ ନାହିଁ ବୋଲି ରାୟ ଦେଇଥିଲେ। ଅନାସ୍ଥା ସପକ୍ଷବାଦୀ ନେତା ଡୁମୁରିଆ ସରପଞ୍ଚ ଗୌରହରି ନାଏକ କହିଛନ୍ତି, ୧୭ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବୁ। ଯଦି ତା'ପରେ ଭୋଟ ଗଣତି ନ ହୁଏ, ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବୁ। ସୂଚନାଯୋଗ୍ୟ, ଡିସେମ୍ବର ୧୩ରେ ୧୪ଜଣ ସମିତିସଭ୍ୟ ଦସ୍ତଖତ ସମ୍ବଳିତ ଅନାସ୍ଥା ପ୍ରସ୍ତାବ କେନ୍ଦୁଝର ଉପଜିଲାପାଳଙ୍କୁ ପ୍ରଦାନ କରିଥିଲେ।


ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକଙ୍କ ବିରୋଧରେ ହୋଇଥିବା ଅନାସ୍ଥା ଭୋଟ ପରେ ସମିତିସଭ୍ୟ ଏବଂ ସରପଞ୍ଚମାନେ।






# ଦ୍ୱିତୀୟ ଦିବସରେ ୧୫ ଉଇକେଟର ପତନ

## ରୋଚକ ମୋଡ଼ରେ ସିଡ୍‌ନୀ ଟେଷ୍ଟ

**ସିଡ୍‌ନୀ, ୪।୧**

ସିଡ୍‌ନୀ କ୍ରିକେଟ ଟେଷ୍ଟ ରୋଚକ ମୋଡ଼ ନେଇଛି। ପିଚ୍ ବୋଲରଙ୍କୁ ସୁହାଉଥିବା ବେଳେ ଶନିବାର ଦ୍ୱିତୀୟ ଦିବସରେ ମୋଟ ୧୫ଟି ଉଇକେଟର ପତନ ଘଟିଛି। ଫଳରେ ମ୍ୟାଚରୁ ଫଳାଫଳ ମିଳିବା ନିଶ୍ଚିତ ହୋଇଯାଇଛି। ପ୍ରଥମ ଇନିଂସରେ ଭାରତର ୧୮୫ ରନ ଜବାବରେ ଅଷ୍ଟ୍ରେଲିଆ ୧୮୧ ରନରେ ସୀମିତ ରହିଛି। ଦ୍ୱିତୀୟ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଭାରତ ଦ୍ୱିତୀୟ ଇନିଂସରେ ୬ ଉଇକେଟ ହରାଇ ୧୪୧ ରନ କରିଛି। ହାତରେ ୪ ଉଇକେଟ ସୁରକ୍ଷିତ ଥିବାବେଳେ ଭାରତ ଓଭରଅଲ୍ ୧୪୫ ରନରେ ଅଗ୍ରଣୀଲାଭ କରିଛି। ତେବେ ଏହି ଟେଷ୍ଟରେ ଦଳର ନେତୃତ୍ୱ ନେଉଥିବା ଯଶପ୍ରୀତ୍ ବୁମ୍‌ରା ଆହତ ସମସ୍ୟା ଯୋଗୁ ମଧ୍ୟାହ୍ନଭୋଜନ ବିରତି ପରେ ପରେ ପଡ଼ିଆ ବାହାରେ ରହିଛନ୍ତି। ଏହା ଭ୍ରମଣକାରୀ ଦଳ ପାଇଁ ଚିନ୍ତାର କାରଣ ହୋଇଛି। କାରଣ ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସ ବ୍ୟାଟିଂ ସମୟରେ ବୁମ୍‌ରା ଭାରତୀୟ ବୋଲିଂ କମାଣ୍ଡ ସମ୍ଭାଳିବା ଅତ୍ୟନ୍ତ ଜରୁରୀ ମନେହେଉଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୯/୧ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ୫୧ ଓଭର ମଧ୍ୟରେ ୧୮୧ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଟେଷ୍ଟ କ୍ୟାରିୟର ଆରମ୍ଭରେ ବିଉ ୱେବଷ୍ଟର ଅର୍ଦ୍ଧଶତକ ହାସଲ କରି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଥିବାବେଳେ ଷ୍ଟିଭ୍ ସ୍ମିଥ ୩୩ ଓ ସାମ୍ କୋନଷ୍ଟାସ ୨୩ ରନର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ ବୁମ୍‌ରା ୧୦ ଓଭର ବୋଲିଂ କରି ୨ ଉଇକେଟ ନେବାପରେ ପଡ଼ିଆ ବାହାରକୁ ଯାଇଥିଲେ। ତାଙ୍କ ସ୍ଥାନରେ ସିନିୟର ଖେଳାଳି ବିରାଟ କୋହଲି ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ୩ଟି ଲେଖାଏ ଏବଂ ନୀତୀଶ କୁମାର ରେଡ୍ଡୀ ୨ଟି ଉଇକେଟ ନେଇଥିଲେ।


ଶଟ୍ ଖେଳିବା ଅବସରରେ ଦ୍ରୁତ ଅର୍ଦ୍ଧଶତକ ହାସଲକାରୀ ରିଷଭ ପନ୍ତ।

ମାତ୍ର ୪ ରନରେ ଅଗ୍ରଣୀ ରହି ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଭାରତ ଓପନିଂ ଯୋଡ଼ିରେ ୪୨ ରନ ଯୋଗକରି ଦୃଢ଼ ଭିତ୍ତି ପକାଇଥିଲା। ମାତ୍ର ଯୋଡ଼ି ଭାଙ୍ଗିବାପରେ ଇନିଂସ ହଡ଼ବଡ଼େଇ ଯାଇଥିଲା। ଲୋକେଶ ରାହୁଲ ଓ ଶୁବମନ ଗିଲ୍ ୧୩ ରନ ଲେଖାଏ କରିଥିବାବେଳେ ବିରାଟ କୋହଲି ୬ ଓ ଯଶସ୍ୱୀ ଜୟସ୍ୱାଲ ୨୨ ରନକରି ପ୍ୟାଭିଲିୟନ ଫେରିଥିଲେ। ମିଡିଲ ଅର୍ଡରରେ ଆକ୍ରମଣାତ୍ମକ ବ୍ୟାଟିଂ କରି ରିଷଭ ପନ୍ତ ୩୩ ବଲ୍‌ରୁ ଦ୍ରୁତ ୬୧ (୬ ଚୌକା ଓ ୪ ଛକା) ରନ କରି ଭାରତର ସମ୍ମାନ ରଖିଥିଲେ। ଷ୍ଟମ୍ପ ବେଳକୁ ରବୀନ୍ଦ୍ର ଜାଡେଜା ୮ ଓ ୱାଶିଂଟନ ସୁନ୍ଦର ୬ ରନକରି ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ସ୍କଟ ବୋଲାଣ୍ଡ ୪ଟି ଉଇକେଟ ନେଇ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବାବେଳେ ପ୍ୟାଟ୍ କୁମିନ୍ସ ଓ ବିଉ ୱେବଷ୍ଟର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୮୫। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୮୧/ଅଲ୍‌ଆଉଟ (ବିଉ ୱେବଷ୍ଟର-୫୭, ଷ୍ଟିଭ୍ ସ୍ମିଥ-୩୩, ମହମ୍ମଦ ସିରାଜ-୩/୫୧, ପ୍ରସିଦ୍ଧ କ୍ରିଷ୍ଣା-୩/୪୨, ଯଶପ୍ରୀତ୍ ବୁମ୍‌ରା-୨/୩୩, ନୀତୀଶ କୁମାର ରେଡ୍ଡୀ-୨/୩୨)। ଭାରତ ଦ୍ୱିତୀୟ ଇନିଂସ:୧୪୧/୬ (ରିଷଭ ପନ୍ତ-୬୧, ସ୍କଟ ବୋଲାଣ୍ଡ-୪/୪୨, ପ୍ୟାଟ୍ କୁମିନ୍ସ-୧/୩୧, ବିଉ ୱେବଷ୍ଟର-୧/୨୪)।

# ଗୋଆଠାରୁ ଓଡ଼ିଶା ଏଫ୍‌ସି ପରାସ୍ତ

## ଇଣ୍ଡିଆନ ସୁପର ଲିଗ୍

**ଭୁବନେଶ୍ୱର, ୪।୧ (ତପନ ସ୍ୱାଇଁ)**

ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଓଡ଼ିଶା ଏଫ୍‌ସି ଶନିବାର ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚରେ ଏଫ୍‌ସି ଗୋଆ ନିକଟରୁ ହାରି ଯାଇଛି। କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏହି ମ୍ୟାଚରେ ଆମି ରାନାୱାଦେଙ୍କ ଆତ୍ମଘାତୀ ଗୋଲ ଘରୋଇ ଦଳପାଇଁ ମହଙ୍ଗା ପଡ଼ିଛି। ଅନ୍ୟପକ୍ଷରେ ବ୍ରିସନ ଡୁବେନ ଫର୍ନାଣ୍ଡିଜ୍‌ଙ୍କ ଡବଲ ଗୋଲ ବଳରେ ଗୋଆ ୪-୨ ଗୋଲରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଛି।

ମ୍ୟାଚର ୮ମ ମିନିଟରେ ଫର୍ନାଣ୍ଡିଜ୍ ଏକ ଗୋଲ ଦେଇ ଗୋଆକୁ ଅଗ୍ରଣୀ କରିଥିଲେ। ୨୯ତମ ମିନିଟରେ ଏକ ପେନାଲ୍ଟିରୁ ଗୋଲ ଦେଇ ଅହମଦ ଜାହୋଉ ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ (୪୫+୨)ରେ ଉଦାନ୍ତ ସିଂ ଏକ ଗୋଲ ଦେଇ ଗୋଆକୁ ପୁଣି ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଓଡ଼ିଶା ଏଫ୍‌ସି ଗୋଲ ପରିଶୋଧ ଉଦ୍ୟମରେ ଥିବାବେଳେ ୫୩ତମ ମିନିଟରେ ଫର୍ନାଣ୍ଡିଜ୍‌ଙ୍କ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ବଳରେ ଗୋଆର ଅଗ୍ରଣୀ ବ୍ୟବଧାନ ୩-୧ରେ ପହଞ୍ଚି ଯାଇଥିଲା। ଦୁର୍ଭାଗ୍ୟଜନକଭାବେ ବଲ୍‌କୁ କ୍ଲିୟର କରିବାକୁ ଯାଇ ଓଡ଼ିଶା ଏଫ୍‌ସିର ରାନାୱାଡେ ୫୬ତମ ମିନିଟରେ ଏକ ଆତ୍ମଘାତୀ ଗୋଲ କରିବାରୁ ୪-୧ ଅଗ୍ରଣୀ ସହ ଗୋଆ ସ୍ଥିତି ସୁଦୃଢ଼ ହୋଇ ଯାଇଥିଲା। ଖେଳର ଶେଷ ଭାଗ ୮୮ତମ ମିନିଟରେ ଓଡ଼ିଶା ଏଫ୍‌ସିର ମାଓ୍ମିଙ୍ଗଥଙ୍ଗା ଏକ ଗୋଲ ପରିଶୋଧ କରିଥିଲେ। ମାତ୍ର ଏହାପରେ ପ୍ରତ୍ୟାବର୍ତ୍ତନ ପାଇଁ ଆଉ ସମୟ ନ ଥିଲା। ଗୋଆ ୧୩ ମ୍ୟାଚରୁ ୨୫ ପଏଣ୍ଟ ସହିତ ଟେବୁଲର ତୃତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଓଏଫ୍‌ସି ୧୪ ମ୍ୟାଚରୁ ୫ ବିଜୟ, ୫ ଡ୍ର ଓ ୪ ପରାଜୟ ସହିତ ୨୦ ପଏଣ୍ଟରେ ସ୍ଥିର ରହିଛି। ଓଡ଼ିଶା ଏଫ୍‌ସି ଏହାକୁ ମିଶାଇ ୧୧ ଥର ଏଫ୍‌ସି ଗୋଆକୁ ଭେଟିଥିଲେ ହେଁ ବିଜୟ ସ୍ୱାଦ ଚାଖିବାରେ ବିଫଳ ହୋଇଛି। ଓଡ଼ିଶାଭିତ୍ତିକ ଦଳ ଏହାର ପରବର୍ତ୍ତୀ ମ୍ୟାଚ ଚେନ୍ନାଇରେ ଚେନ୍ନାଇନ୍ ଏଫ୍‌ସି ବିପକ୍ଷରେ ଖେଳିବ।


ଗୋଆ ଏବଂ ଓଡ଼ିଶା ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଅବସର ଗୁଜବକୁ ରୋହିତଙ୍କ ଖଣ୍ଡନ

**ସିଡ୍‌ନୀ, ୪।୧ (ପି.ଟି.)**

ଭାରତର ସିନିୟର ବ୍ୟାଟର ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ଯାଉଛନ୍ତି ବୋଲି ଗୁଜବମାନ ଶୁଣିବାକୁ ମିଳୁଥିବା ବେଳେ ସେ ନିଜେ ତାହାକୁ ଖଣ୍ଡନ କରିଛନ୍ତି। ବର୍ତ୍ତମାନ ଭଲ ଫର୍ମରେ ନ ଥିବାରୁ ଅଷ୍ଟ୍ରେଲିଆ ବିପକ୍ଷ ଚଳିତ ସିଡ୍‌ନୀ ଟେଷ୍ଟରୁ ସେ କେବଳ ଓହରିଯାଇଥିବା କହିଛନ୍ତି। ରୋହିତ ବିଶ୍ରାମ ପାଇଁ ନିଜେ ସିଡ୍‌ନୀ ଟେଷ୍ଟରୁ ଓହରିଯାଇଛନ୍ତି ଏବଂ ଯଶପ୍ରୀତ୍ ବୁମ୍‌ରାଙ୍କୁ ଦଳର କାମଚଳା ଅଧିନାୟକ ଦାୟିତ୍ୱ ପ୍ରଦାନ କରିଛନ୍ତି ବୋଲି ଖବର ପ୍ରସାରିତ ହେବା ପରେ ଏହି ବିସ୍ଫୋରକ ବ୍ୟାଟରଙ୍କ ଭବିଷ୍ୟତକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଷ୍ଟାର ସ୍ପୋର୍ଟ୍ସକୁ ଏକ ସାକ୍ଷାତ୍‌କାର ଦେବାବେଳେ ରୋହିତ କହିଛନ୍ତି, କୋଚ୍ ଓ ଚୟନକର୍ତ୍ତାଙ୍କ ସହ ତାଙ୍କର ସୁସମ୍ପର୍କ ରହିଛି। ସେ ବର୍ତ୍ତମାନ ଫର୍ମରେ ନାହାନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ହୋଇଥିବାରୁ ଫର୍ମରେ ଥିବା ଖେଳାଳିମାନେ ଦଳରେ ସ୍ଥାନ ପାଇବା ଆବଶ୍ୟକ। କୋଚ୍ ଓ ଚୟନକର୍ତ୍ତାଙ୍କୁ ସେ ତାଙ୍କ ମନ କଥା କହିଥିଲେ। ତାଙ୍କ ନିଷ୍ପତ୍ତିକୁ ଟିମ୍ ମ୍ୟାନେଜମେଣ୍ଟ ଓ ଚୟନକର୍ତ୍ତାମାନେ ସମର୍ଥନ କରିଥିଲେ। ନିଷ୍ପତ୍ତି କିନ୍ତୁ କଷ୍ଟକର ଥିଲା ବୋଲି ରୋହିତ କହିଛନ୍ତି।

# ବୁମ୍‌ରା ଆଘାତପ୍ରାପ୍ତ

**ସିଡ୍‌ନୀ, ୪।୧ (ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଚଳିତ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ୍‌ର ଗୁରୁତ୍ୱପୂର୍ଣ୍ଣ ୫ମ ମ୍ୟାଚ ଖେଳୁଥିବା ବେଳେ କାମଚଳା ଅଧିନାୟକ ଯଶପ୍ରୀତ୍ ବୁମ୍‌ରାଙ୍କ ପିଠି ମାଂସପେଶୀ ସମସ୍ୟା ଦେଖା ଦେଇଛି। ବର୍ତ୍ତମାନ ସେ ମେଡିକାଲ ଷ୍ଟାଫ୍‌ଙ୍କ ତତ୍ତ୍ୱାବଧାନରେ ଅଛନ୍ତି। ଷ୍ଟାର ପେସ୍ ବୋଲର ମ୍ୟାଚ୍‌ର ଅବଶିଷ୍ଟାଂଶ ଖେଳିପାରିବେ କି ନା ତାହା ଡାକ୍ତରୀ ରିପୋର୍ଟ ଉପରେ ନିର୍ଭର କରୁଛି। ଦ୍ୱିତୀୟ ଦିବସ ଖେଳର ମଧ୍ୟାହ୍ନଭୋଜନ ପରେ ସେ ମାତ୍ର ଗୋଟିଏ ଓଭର ବୋଲିଂ କରିବା ପରେ କିଛି ଅସହଜ ମନେ କରିଥିଲେ। ମେଡିକାଲ ଟିମ୍ ତାଙ୍କ ଅଗ୍ରଗତି ଉପରେ ନଜର ରଖିଛି।

# ସାଇକିଆ ହେବେ ବିସିସିଆଇ ସମ୍ପାଦକ

**ମୁମ୍ବାଇ, ୪।୧ (ପି.ଟି.)**

ଦେବଜିତ ସାଇକିଆ ଶନିବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ପଦବୀ ପାଇଁ ତାଙ୍କ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ପ୍ରଭତେଜ ଭାଟିଆ କୋଷାଧ୍ୟକ୍ଷ ପଦବୀ ପାଇଁ ତାଙ୍କର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହି ଦୁଇଟି ପଦବୀ ପାଇଁ ଜଣେ ଲେଖାଏ ଆବେଦନକାରୀ ହୋଇଥିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ସ୍ପଷ୍ଟ ହୋଇଛି। ପୂର୍ବରୁ କୋଷାଧ୍ୟକ୍ଷ ପଦବୀରେ ଥିବା ଆଶିଷ ଶେଲାର ନିକଟରେ ମହାରାଷ୍ଟ୍ର ସରକାରରେ ଜଣେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଫଳରେ ଖାଲିଥିବା ଏହି ପଦବୀ ପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ଛତିଶଗଡ଼ କ୍ରିକେଟ ସଂଘର ଭାଟିଆ ଆବେଦନ କରିଛନ୍ତି। ଅନ୍ୟପକ୍ଷରେ ଜୟ ଶାହା ଡିସେମ୍ବର ୧ରେ ଆଇସିସି ଚେୟାରମ୍ୟାନ ଭାବେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ସାଇକିଆ ଭାରତୀୟ କ୍ରିକେଟ ବୋର୍ଡର କାମଚଳା ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। ବିସିସିଆଇ ସଭାପତି ରୋଜର ବିନ୍ନି ତାଙ୍କର ସ୍ୱତନ୍ତ୍ର କ୍ଷମତା ବଳରେ ସାଇକିଆଙ୍କୁ କାମଚଳା ସମ୍ପାଦକ ଭାବେ ନିଯୁକ୍ତି ଦେଇଥିଲେ। ବୋର୍ଡର ୱେବ୍‌ସାଇଟରେ ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ପ୍ରାର୍ଥିପତ୍ର ଦାଖଲର ଅବଧି ଶନିବାର ଅପରାହ୍ନ ୪ଟା ରଖାଯାଇଥିଲା। କେବଳ ସାଇକିଆ ଓ ଭାଟିଆ ସେମାନଙ୍କର ପ୍ରାର୍ଥିପତ୍ର ଦାଖଲ କରିଥିଲେ।


ଦେବଜିତ ସାଇକିଆ

# ପୂର୍ବତନ ଫୁଟ୍‌ବଲ ଖେଳାଳିଙ୍କ ପରଲୋକ



**ଭୁବନେଶ୍ୱର, ୪।୧ (ତପନ ସ୍ୱାଇଁ)**

ସନ୍ତୋଷ ଟ୍ରଫି ଜାତୀୟ ଫୁଟବଲରେ ଦୀର୍ଘଦିନ ଧରି ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପୂର୍ବତନ ଖେଳାଳି ମନ୍ମଥ ନାଥ ସିଂଙ୍କର ଶନିବାର କଟକସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ତାଙ୍କର ସ୍ତ୍ରୀ, ପୁଅ ଏବଂ ତିନି ଝିଅ ଅଛନ୍ତି। ମନ୍ମଥଙ୍କ ବିୟୋଗରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ), ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ପ୍ଲେୟର୍ସ ଆସୋସିଏଶନ, ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ଗଭୀର ଶୋକ ପ୍ରକଟ କରାଯାଇଛି।

# ଓଡ଼ିଶା ମହିଳା ହ୍ୟାଣ୍ଡବଲ ଦଳ ଘୋଷିତ


ଜାତୀୟ ସିନିୟର ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୪।୧ (ତପନ ସ୍ୱାଇଁ)**

ବିହାରର ପୂର୍ଣ୍ଣିଆଠାରେ ରବିବାରଠାରୁ ଆରମ୍ଭ ହେବାକୁ ଯାଉଥିବା ୫୩ତମ ଜାତୀୟ ସିନିୟର ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ଘୋଷିତ ହୋଇଛି। ୧୮ ଜଣିଆ ଦଳରେ ଲୋମା ଦାସ, ମୋନାଲିସା ଦଳାଇ, ରଶ୍ମି ସ୍ୱାଇଁ, ଦୁର୍ଗା ସେଠୀ, ସଲ୍‌ମା ମୁର୍ମୁ, ଗୁଲ୍‌ଫା ମଲିକ, ପ୍ରିୟଙ୍କା ମୁଣ୍ଡା, ଗଙ୍ଗା ସମଧ, ସୁଶୀଳା ମାଝି, ଝରଣା ସାହୁ, ଲିଜା ଦାସ, ଲକ୍ଷ୍ମୀ ପ୍ରିୟା ଦାସ, ଅସୀମା ଜ୍ୟୋତିର୍ମୟୀ, ଇତିଶ୍ରୀ ସାହୁ, ଶୁଭଶ୍ରୀ ମହାପାତ୍ର, ପ୍ରଜ୍ଞା ସାହୁ, ଶୁଭଶ୍ରୀ ସ୍ୱାଇଁ, ରାଜଲକ୍ଷ୍ମୀ ପୃଷ୍ଟି ସାମିଲ ହୋଇଛନ୍ତି। ଦଳସହ କୋଚ୍ ମନୋଜ କୁମାର ନିଶଙ୍କ ଓ ମ୍ୟାନେଜର ପାର୍ବତୀ ପରିଡ଼ା ବିହାର ଯାତ୍ରା କରିଛନ୍ତି।

# ଫାଇନାଲରେ ଇଡ୍‌କୋ-ଇନୋଭାରେ

**ଭୁବନେଶ୍ୱର, ୪।୧ (ତପନ ସ୍ୱାଇଁ)**

ଇନୋଭାରେ କପ୍ କର୍ପୋରେଟ କ୍ରିକେଟ ଟୁର୍ନାମେଣ୍ଟର ୨ଟି ସେମିଫାଇନାଲ ଶନିବାର ଓଡ୍‌କୋ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିରେ ଇଡ୍‌କୋ ୫୭ ରନରେ ଇନ୍‌ଫୋସିସ୍‌କୁ ଏବଂ ଦ୍ୱିତୀୟ ସେମିରେ ଇନୋଭାରେ ୫ ରନରେ ଏସ୍‌ଏସିକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଇଡ୍‌କୋ ୨୦ ଓଭରରେ ୭ ଉଇକେଟ ହରାଇ ୧୨୫ ରନ କରିଥିଲା। ଜବାବରେ ଇନ୍‌ଫୋସିସ ୧୭.୧ ଓଭରରେ ୬୮ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଉଭୟ ମ୍ୟାଚରେ ଯଥାକ୍ରମେ ଇଡ୍‌କୋର ଚନ୍ଦ୍ରମଣି ବିଶ୍ୱାଳ ଓ ଇନୋଭାରେର ଶୁଭ୍ରାଂଶୁ ହରିଚନ୍ଦନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ରବିବାର ଇଡ୍‌କୋ ଓ ଇନୋଭାରେ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

# ବିଜୟରେ ବେଙ୍ଗଲ ଟାଇଗର୍ସର ହାଟ୍ରିକ

## ହକି ଇଣ୍ଡିଆ ଲିଗ୍

**ଭୁବନେଶ୍ୱର, ୪।୧ (ତପନ ସ୍ୱାଇଁ)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ କ୍ରମାଗତ ୩ ମ୍ୟାଚ ଜିତି ବିଜୟରେ ହାଟ୍ରିକ କରିଛି। ନିଜର ପ୍ରଥମ ୨ ମ୍ୟାଚରେ ଯଥାକ୍ରମେ ହାଇଦ୍ରାବାଦ ତୋଫାନ୍ସ ଓ ଟିମ୍ ଗୋନାସିକାକୁ ହରାଇଥିବା ବେଙ୍ଗଲ ଟାଇଗର୍ସ ଶନିବାର ମ୍ୟାଚରେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ୪-୧ ଗୋଲରେ ପରାସ୍ତ କରିଛି। ମ୍ୟାଚ ଆରମ୍ଭ ହେବାର କିଛି କ୍ଷଣ ମଧ୍ୟରେ ସୁଖଜିତ ସିଂ ଏକ ଫିଲ୍ଡ ଗୋଲ କରି ଟାଇଗର୍ସକୁ ଅଗ୍ରଣୀ କରିଥିଲେ। ସେହିପରି ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ବେଙ୍ଗଲକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଯୁଗରାଜ ସିଂ ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ତୃତୀୟ କ୍ୱାର୍ଟରରେ ୩୮ତମ ମିନିଟରେ ଯୁଗରାଜ ବ୍ୟକ୍ତିଗତ ଦ୍ୱିତୀୟ ତଥା ଦଳ ପକ୍ଷରୁ ତୃତୀୟ ଗୋଲ ଦେବାରୁ ଦିଲ୍ଲୀ ଦଳର ପ୍ରତ୍ୟାବର୍ତ୍ତନ ସୁଯୋଗ କ୍ଷୀଣ ହୋଇ ଯାଇଥିଲା। ୪୭ତମ ମିନିଟରେ ଅଭିଷେକ ଦଳ ପକ୍ଷରୁ ୪ର୍ଥ ଗୋଲଟି ସ୍କୋର କରିଥିଲେ। ୫୩ତମ ମିନିଟରେ ଦିଲ୍ଲୀକୁ ମିଳିଥିବା ପେନାଲ୍ଟି କର୍ନରରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ ଗାରେଥ ଫୁର୍ଲୋଙ୍ଗ୍।

**ଗୋନାସିକାର ପ୍ରଥମ ବିଜୟ**

ଅନ୍ୟଏକ ମ୍ୟାଚରେ ହାଇଦ୍ରାବାଦ ତୋଫାନ୍ସକୁ ୩-୧ ଗୋଲରେ ହରାଇ ଟିମ୍ ଗୋନାସିକା ପ୍ରଥମ ବିଜୟ ହାସଲ କରିଛି। ଗୋନାସିକା ପକ୍ଷରୁ ସୋମରପେଟ ସୁନୀଲ ଭିଟାଲାଚାର୍ଯ୍ୟ ୨ୟ, ଭିକ୍ଟର ଚାର୍ଲେଟ ୩୩ ଓ ନିଲମ ସଞ୍ଜୀପ ଖେସ୍ ୬୦ତମ ମିନିଟରେ ୩ଟି ଏବଂ ତୋଫାନ୍ସ ପକ୍ଷରୁ ଟିମ୍ ବ୍ରାଣ୍ଡ ୧୨ଶ ମିନିଟରେ ଗୋଟିଏ ଗୋଲ ଦେଇଥିଲେ।


ଗୋଲ ସ୍କୋର ପରେ ଉଲ୍ଲସିତ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ଦଳର ଖେଳାଳି।

# ପାରାମାଉଣ୍ଟ-ସହିଦ ସ୍ପୋର୍ଟିଂ ଫାଇନାଲ

**ଭୁବନେଶ୍ୱର, ୪।୧ (ତପନ ସ୍ୱାଇଁ)**

ସିଦ୍ଧାନ୍ତ ସ୍ମାରକୀ ୧୪ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ପାରାମାଉଣ୍ଟ ଓ ସହିଦ ସ୍ପୋର୍ଟିଂ ମଧ୍ୟରେ ମଙ୍ଗଳବାର ଅନୁଷ୍ଠିତ ହେବ। ଶନିବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ସହିଦ ସ୍ପୋର୍ଟିଂ ୧୦ ଉଇକେଟରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ଟାଉନ୍ କ୍ଲବ ୨୬.୫ ଓଭରରେ ୯୪ ରନକରି ଆଉଟ ହୋଇଥିଲା। ବିପକ୍ଷ ଦଳର ନିଲେସ ଦାସ ୪ଟି ଏବଂ ଋତୁରାଜ ମହାନ୍ତି, ଓମ୍‌ପି. ନାୟକ ଓ ବିଶ୍ୱ ସାମନ୍ତରାୟ ୨ଟି ଲେଖାଏ ଉଇକେଟ ନେଇ ଟାଉନ୍ କ୍ଲବର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସହିଦ ସ୍ପୋର୍ଟିଂ ୧୭ ଓଭରରେ କୌଣସି ଉଇକେଟ ନ ହରାଇ ୯୭ ରନ ସଂଗ୍ରହ କରି ନେଇଥିଲା। ୪ ଉଇକେଟ ନେଇଥିବା ସହିଦ ସ୍ପୋର୍ଟିଂର ନିଲେସ ଦାସଙ୍କୁ ଅତିଥି ଦେବୀ ଦତ୍ତ ବାବୁ ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

51 Years

# ଧରିତ୍ରୀ
DHARITRI

ପୃଷ୍ଠା–୧୨+୮

ଭୁବନେଶ୍ୱର, ରବିବାର, ଜାନୁଆରୀ ୫/୨୦୨୫ (୧୨+୮=୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 5/2025 | Page 20 | ₹ 7.00 | DHENKANAL

୫୧ଶ ଭାଗ ୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 43 | ମୂଲ୍ୟ ₹୭/-



सत्यमेव जयते
Government of India



# 1000 କିଲୋମିଟର

## ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତୀୟ ମେଟ୍ରୋ ନେଟୱର୍କ 1000 କିଲୋମିଟରର ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି

## ପ୍ରଧାନମନ୍ତ୍ରୀ ମୋଦୀ ଦିଲ୍ଲୀବାସୀଙ୍କୁ ନୂତନ ମେଟ୍ରୋ ପ୍ରକଳ୍ପ ଏବଂ ନମୋ ଭାରତ ଉପହାର ଦେଇଛନ୍ତି

2002 ରେ ବାଜପେୟୀଙ୍କ ଦ୍ୱାରା ଦିଲ୍ଲୀରେ ଆଧୁନିକ ମେଟ୍ରୋର ଶୁଭାରମ୍ଭ ସହିତ ଆରମ୍ଭ ହୋଇଥିବା ଯାତ୍ରା ମୋଦୀ ଜୀଙ୍କ ନେତୃତ୍ୱରେ ଦେଶବ୍ୟାପୀ 1000 କିଲୋମିଟରର ସଫଳତାରେ ପହଞ୍ଚିଛି

## ଏବେ ଆମ ପାଖରେ ବିଶ୍ୱର ତୃତୀୟ ସର୍ବବୃହତ୍ ମେଟ୍ରୋ ନେଟ୍‌ୱର୍କ ରହିଛି

### କିଲୋମିଟର ବଢ଼ିଛି

3X ବୃଦ୍ଧି

ଏବେ 1000 କିଲୋମିଟର

2014 ରେ 248 କିଲୋମିଟର

### ରାଜ୍ୟଗୁଡ଼ିକରେ କଭରେଜ୍

ଏବେ 11 ରାଜ୍ୟ - 23 ସହର

2014 ରେ 5 ରାଜ୍ୟ - 5 ସହର

### ଦୈନିକ ଯାତ୍ରା କରୁଥିବା ଯାତ୍ରୀମାନଙ୍କ

ସଂଖ୍ୟା 2.5X ବୃଦ୍ଧି

ଏବେ 1 କୋଟି+

2014 ରେ 28 ଲକ୍ଷ

### ମେଟ୍ରୋ ଟ୍ରେନ୍ ଦ୍ୱାରା ଦୈନିକ ମୋଟ୍ ଦୂରତା

3X

ଏବେ 2.75 ଲକ୍ଷ କିଲୋମିଟର

2014 ରେ 86,000 କିଲୋମିଟର

cbc 44101/13/0011/2425



ଧରିତ୍ରୀର ୫୧ ତମ ଜନ୍ମଦିବସ ଉପଲକ୍ଷେ ଶନିବାର ଭୁବନେଶ୍ୱରସ୍ଥିତ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଉଛନ୍ତି (ବାମରୁ) ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସମ୍ପାଦକ ତଥାଗତ ସତପଥୀ, ଉପବାର୍ତ୍ତା ସମ୍ପାଦକ ମିହିର କାନ୍ତ ଦାସ, ଉପବାର୍ତ୍ତା ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ, ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ, ଫିଚର ସମ୍ପାଦକ ବୀରଭଦ୍ର ବିଶ୍ୱାଳ, ସାହିତ୍ୟାୟନ ଦାୟିତ୍ୱରେ ଥିବା ଡ. ହୃଷୀକେଶ ମଲ୍ଲିକ।



ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେଉଛନ୍ତି ଶ୍ରେଷ୍ଠ ଏକ୍‌ଜିକ୍ୟୁଟିଭ୍ ଚିତ୍ତରଞ୍ଜନ ମହାନ୍ତି, ସ୍ନିଗ୍ଧା ସୁଚରିତା ନାୟକ, ଶ୍ରେଷ୍ଠ ଖବରଦାତା ସୁନିତ୍ ମିଶ୍ର (ଭୁବନେଶ୍ୱର), ଶ୍ରେଷ୍ଠ ଏକ୍‌ଜିକ୍ୟୁଟିଭ୍ ପ୍ରିୟବ୍ରତ ବେହୁରା, ଶ୍ରେଷ୍ଠ ଜିଲା ପ୍ରତିନିଧି ନୀଳାଦ୍ରି ବିହାରୀ ଦଣ୍ଡପାଟ (ମୟୂରଭଞ୍ଜ), ଶ୍ରେଷ୍ଠ ଡେସ୍କ ଜର୍ନାଲିଷ୍ଟ ସଂଘମିତ୍ରା ମହାନ୍ତି, ଶ୍ରେଷ୍ଠ ଡିଜିଟାଲ ରିପୋର୍ଟର ଦେବୀ ପ୍ରସାଦ ସାହୁ (ଭୁବନେଶ୍ୱର), ଶ୍ରେଷ୍ଠ ଡିଜିଟାଲ ରିପୋର୍ଟର ଶିବପ୍ରସାଦ ମହାନ୍ତି (ଧର୍ମଶାଳା), ଶ୍ରେଷ୍ଠ ଜିଲା ଡିଜିଟାଲ ରିପୋର୍ଟର ସନାତନ ରାଉତ (ଭଦ୍ରକ), ଶ୍ରେଷ୍ଠ ମେସିନ ଅପରେଟର ସନ୍ତୋଷ ମହାରଣା, ଶ୍ରେଷ୍ଠ ବ୍ଲକ୍ ଖବରଦାତା ଶରତ ରାଉତ (ପାରାଦ୍ୱୀପ)।

## ସାଂସ୍କୃତିକ କାର୍ଯ୍ୟକ୍ରମର କିଛି ଝଲକ୍

























# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁଆରୀ ୫/୨୦୨୫ | Bhubaneswar, Sunday, January 5/2025 | ପୃଷ୍ଠା-୧




ଆଜିଠୁ ଆଦିବାସୀ ମେଳା: ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ମେଳା ପାଇଁ ସଜ୍ଜିତ କୁଡ଼ିଆ।

## ୨୦୫୦ ସୁଦ୍ଧା ଖାଉଟି ସାମଗ୍ରୀ ଦର ୩ ଗୁଣା ବଢ଼ିବ

ନୂଆଦିଲ୍ଲୀ,୪।୧(ପି.ଟି.)

ଜଳବାୟୁ ପରିବର୍ତ୍ତନର ଗୁରୁତର ପ୍ରଭାବ ଖାଉଟି ବଜାର ଉପରେ ପଡ଼ିବାକୁ ଯାଉଛି। ଏପରିକି ମହତ୍ତ୍ୱାକାଂକ୍ଷୀ ଜଳବାୟୁ ନୀତି ସତ୍ତ୍ୱେ ନିମ୍ନ ଆୟକାରୀ ଦେଶଗୁଡ଼ିକରେ ୨୦୫୦ ସୁଦ୍ଧା ଖାଉଟି ଖାଦ୍ୟସାମଗ୍ରୀ ମୂଲ୍ୟ ୨.୪୫ ଗୁଣ ବଢ଼ିବାକୁ ଥିବାବେଳେ ଉତ୍ପାଦନ ଖର୍ଚ୍ଚ ୩.୩ ଗୁଣା ହେବ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି।

ନିମ୍ନ ଆୟକାରୀ ଦେଶଗୁଡ଼ିକରେ ଖାଉଟି ମୂଲ୍ୟ ବୃଦ୍ଧି ଚାଷୀମାନଙ୍କ ପାଇଁ କମ୍ ଜଣାପଡୁଥିଲେ ମଧ୍ୟ ଏହି ଦେଶଗୁଡ଼ିକର ଲୋକଙ୍କୁ ପର୍ଯ୍ୟାପ୍ତ ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଇବା କଷ୍ଟକର ହୋଇପଡ଼ିବ ବୋଲି ଜର୍ମାନୀର ପଟ୍ସଡାମ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ (ପିଆଇକେ)ର ଗବେଷକମାନେ କହିଛନ୍ତି। ଆମେରିକା କିମ୍ବା ଜର୍ମାନୀ ଭଳି ଉଚ୍ଚ ଆୟକାରୀ ଦେଶଗୁଡ଼ିକରେ ଚାଷୀମାନେ ଖାଦ୍ୟ ପାଇଁ ଏକ-ଚତୁର୍ଥାଂଶରୁ କମ୍ ଖର୍ଚ୍ଚ କରିଥାନ୍ତି, ଯେତେବେଳେ କି ସବ୍-ସାହାରାନ୍ ଆଫ୍ରିକାରେ ଏହି ଖର୍ଚ୍ଚ ପରିମାଣ ୭୦ ପ୍ରତିଶତରୁ ଅଧିକ। ସେଠାରେ କୃଷି ଖର୍ଚ୍ଚ ଖାଦ୍ୟ ମୂଲ୍ୟର ଏକ ବଡ଼ ଭାଗ ବୋଲି ପିଆଇକେ ବୈଜ୍ଞାନିକ ଡାଭିଡ୍ ମେଙ୍ଗ-ଚୁଏନ୍ ଚେନ୍ କହିଛନ୍ତି। ଏହି ଅଧ୍ୟୟନ ନେଚର ଫୁଡ୍ ପତ୍ରିକାରେ ପ୍ରକାଶ ପାଇଛି।

ଗବେଷକମାନେ ପରିସଂଖ୍ୟାନ ଏବଂ ପ୍ରକ୍ରିୟାଭିତ୍ତିକ ମଡେଲ ବ୍ୟବହାର କରି ୧୩୬ ଦେଶ ଏବଂ ୧୧ ଖାଦ୍ୟ ଗ୍ରୁପ୍‌ରୁ ଖାଦ୍ୟ ମୂଲ୍ୟ ଆକଳନ କରିଥିଲେ। ସମ୍ପୂର୍ଣ୍ଣ ଖାଦ୍ୟ ମୂଲ୍ୟ ଶୃଙ୍ଖଳକୁ ବିଶ୍ଳେଷଣ କଲା ପରେ ଉପଭୋକ୍ତାଙ୍କ ଉପରେ ସବୁଜ ଗୃହ ବାଷ୍ପ ପ୍ରଭାବ ହ୍ରାସ ଲକ୍ଷ୍ୟରେ କିଭଳି ନୀତି ଆପଣାଯିବା ଆବଶ୍ୟକ, ତାହା ଗବେଷକମାନେ ଜାଣିବାକୁ ପାଇଥିଲେ। କୃଷି ଉପରେ ଉତ୍ସର୍ଜନର ପ୍ରଭାବ କମାଇବା ଲକ୍ଷ୍ୟରେ ଜଳବାୟୁ ନୀତି ପ୍ରସ୍ତୁତ ହେଉଥିବାବେଳେ ଖାଦ୍ୟ ମୂଲ୍ୟବୃଦ୍ଧିକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଚିନ୍ତା ବଢ଼ିବାରେ ଲାଗିଛି। ଜଳବାୟୁ ନୀତି ଗରିବ ଗ୍ରାହକଙ୍କ ଉପରେ ଭିନ୍ନ ପ୍ରଭାବ ପକାଉଥିବା ଗବେଷକ କହିଛନ୍ତି। କ୍ଲାଇମେଟ୍ ପଲିସି ସହ ଧନୀ ରାଷ୍ଟ୍ରଗୁଡ଼ିକରେ ଖାଉଟି ଖାଦ୍ୟ ଦର ୨୦୫୦ ସୁଦ୍ଧା ୧.୨୫ ଗୁଣ ବଢ଼ିବାକୁ ଥିବାବେଳେ ଉତ୍ପାଦକ ମୂଲ୍ୟ ୨.୭୩ ଗୁଣ ବଢ଼ିବ ବୋଲି ଗବେଷକମାନେ କହିଛନ୍ତି।

## ୮ରେ ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୪।୧(ଅନିଲ ଦାସ)

ଆସନ୍ତା ୮ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସିବେ। ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ସାମିଲ ହେବେ। ୮ ତାରିଖ ରାତିରେ ରାଜଭବନରେ ରାତ୍ରିଯାପନ କରିବେ। ୯ ତାରିଖ ଜନତା ମଇଦାନରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସାମିଲ ହେବା ନେଇ ସୂଚନା ରହିଛି।

ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ ପାଇଁ ଭୁବନେଶ୍ୱର ସହରକୁ ରଙ୍ଗିନ କରାଯାଉଛି। ରାଜଧାନୀ କାନ୍ଥବାଡ଼ରେ ନୂଆ ରଙ୍ଗ ଦେବା ସହ ବିଭିନ୍ନ ଚିତ୍ର ଅଙ୍କନ କରାଯାଉଛି। ଅନ୍ୟପକ୍ଷରେ ଭୁବନେଶ୍ୱର ଜନତା ମୈଦାନରେ ପ୍ରସ୍ତୁତି ମଧ୍ୟ ଜୋରସୋରରେ ଚାଲିଛି। ପ୍ରବାସୀ ଭାରତୀୟ ଦିବସକୁ ଆକର୍ଷଣୀୟ ଓ ସଫଳ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ। ପ୍ରଥମ ଥର ପାଇଁ ଓଡ଼ିଶାରେ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହେଉଛି। ଜାନୁଆରୀ ୮ରେ ମଧ୍ୟ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଯୋଗଦେବେ। କାର୍ଯ୍ୟକ୍ରମରେ ୭ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀଙ୍କ ସହ ମୋଟ ୧୦ ହଜାର ଅତିଥି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଅତିଥିଙ୍କ ରହଣି ସ୍ଥାନ, କାର୍ଯ୍ୟକ୍ରମ ସ୍ଥଳ ଜନତା ମଇଦାନ ସହ ଭୁବନେଶ୍ୱର, କଟକ ଓ ପୁରୀର ପର୍ଯ୍ୟଟନ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି।

## ଦୁର୍ଘଟଣା ରୋକିବ ସ୍ମାର୍ଟ ଡିଭାଇସ୍

**ଗତ ୧୦ ବର୍ଷରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୪୭ ହଜାରରୁ ଅଧିକ ଜୀବନ ଯାଇଛି। ଦୁର୍ଘଟଣା ରୋକିବା ପାଇଁ ସମସ୍ତ ବସ୍‌ରେ ସ୍ମାର୍ଟ ଡିଭାଇସ୍ ଲଗାଯିବ। ଅତ୍ୟାଧୁନିକ ଟେକ୍ନୋଲୋଜିଯୁକ୍ତ ଏହି ଉପକରଣ ଡ୍ରାଇଭରଙ୍କ ଅବହେଳା ଓ ଯାନ୍ତ୍ରିକ ତ୍ରୁଟିକୁ ଆଗୁଆ ଚିହ୍ନଟ କରିବା ସହ ଦୁର୍ଘଟଣା ଏଡ଼ାଇବାରେ ସହାୟକ ହେବ ବୋଲି ଶନିବାର ଜାତୀୟ ସୁରକ୍ଷା ମାସର ରାଜ୍ୟସ୍ତରୀୟ ଉତ୍ସବକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି।**

ଭୁବନେଶ୍ୱର,୪।୧(ଅନିଲ ଦାସ)

- **ସଡ଼କ ସୁରକ୍ଷାକୁ ଜନ ଅଭିଯାନରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**
- **ସୃଷ୍ଟି ହେବ ୨,୦୦୦ ଟ୍ରାଫିକ୍ ପୋଲିସ ପଦବୀ**



ଜାତୀୟ ସଡ଼କ ସୁରକ୍ଷା ମାସର ରାଜ୍ୟସ୍ତରୀୟ ଉତ୍ସବକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସଡ଼କ ଦୁର୍ଘଟଣା ରୋକିବାରେ ଟେକ୍ନୋଲୋଜିର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରିଗରି ପ୍ରୟୋଗରେ ନିର୍ମିତ ସ୍ମାର୍ଟ ଡିଭାଇସ୍ ଗାଡ଼ି ଚାଳକ ଡ୍ରାଇଭିଂ ବେଳେ ନିଶା ସେବନ କରିଛନ୍ତି କି, ଢୁଳାଉଛନ୍ତି କି, ସତର୍କ ରହିଛନ୍ତି ନା ନାହିଁ ଏବଂ ତାଙ୍କ ଆଚରଣକୁ ଅନୁଧ୍ୟାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ସଡ଼କ ସୁରକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ୨,୦୦୦ ନୂଆ ଟ୍ରାଫିକ୍ ପୋଲିସ ପଦବୀ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ସୁରକ୍ଷିତ... ଘରକୁ ଫେରନ୍ତୁ। ମୁଖ୍ୟମନ୍ତ୍ରୀ ଜାତୀୟ ସଡ଼କ ସୁରକ୍ଷା ମାସର ରାଜ୍ୟସ୍ତରୀୟ ଉତ୍ସବରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏହି ସ୍ଲୋଗାନ ଦେଇଛନ୍ତି। ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଡ଼କ ସୁରକ୍ଷାକୁ ଏକ ଜନ ଅଭିଯାନରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସଡ଼କ ସୁରକ୍ଷାର ନିୟମ ପାଳନ କରି ସୁରକ୍ଷିତ ଭାବରେ ଘରକୁ ଫେରିବାକୁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି। ସଚେତନତା କାର୍ଯ୍ୟକ୍ରମକୁ ପ୍ରଭାବଶାଳୀ କରିବାକୁ ମାଷ୍ଟରକ୍ୟାଣ୍ଟିନ ଛକରୁ ଶ୍ରୀରାମ ମନ୍ଦିର ଯାଏ ମୁଖ୍ୟମନ୍ତ୍ରୀ ପଦଯାତ୍ରା କରିଛନ୍ତି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଜାନୁଆରୀ ମାସ ବ୍ୟାପୀ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ରାଜ୍ୟସ୍ତରୀୟ ଉତ୍ସବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପତାକା ଦେଖାଇ ସଡ଼କ ସୁରକ୍ଷା ରଥର ଶୁଭାରମ୍ଭ କରିଛନ୍ତି। ପ୍ରତି ଜିଲାରେ ଏଭଳି ସଚେତନତା ରଥ ମାସେ ବ୍ୟାପୀ ପରିକ୍ରମା କରିବ। ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନତା ଧର୍ମୀ କ୍ଷୁଦ୍ର ଚଳଚ୍ଚିତ୍ର ଏଥିରେ ପ୍ରଦର୍ଶିତ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଯାନ ଚାଳକ, ଏନ୍‌ସିସି କ୍ୟାଡେଟ୍ ଓ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ଶପଥ ପାଠ କରାଇଥିଲେ। କିଭଳି ସମସ୍ତ ନିୟମ ମାନି ସୁରକ୍ଷିତ ଯାତ୍ରା କରିବା ଏବଂ ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷା ପ୍ରତି ଦାୟିତ୍ୱବାନ ହେବା ସେ ସମ୍ପର୍କରେ ସମସ୍ତେ ପ୍ରତିଜ୍ଞାବଦ୍ଧ ହେବା ☞ପୃଷ୍ଠା-୪



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ମନୋଜ ସାହୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ

ଭୁବନେଶ୍ୱର,୪।୧(ଅନିଲ ଦାସ)



ମନୋଜ କୁମାର ସାହୁ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ସଚିବ ଭାବେ ୨୦୦୬ ବ୍ୟାଚ ଆଇଏଏସ୍ ଅଫିସର ମନୋଜ କୁମାର ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ଶନିବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଅରିନ୍ଦମ ଡାକୁଆଙ୍କ ବଦଳି ପରେ ତାଙ୍କୁ ଏହି ନିଯୁକ୍ତି ମିଳିଛି। ଇଣ୍ଟର କ୍ୟାଡର୍ ଡେପୁଟେଶନରେ ଆସିଥିବା ମନୋଜ ଏବେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଅଛନ୍ତି। ମନୋଜ ୨୦୨୪ ନଭେମ୍ବର ୧୭ ତାରିଖରୁ କେନ୍ଦ୍ରୀୟ ଡେପୁଟେଶନରେ ଓଡ଼ିଶା କ୍ୟାଡର୍‌କୁ ଆସିଛନ୍ତି। ସେ ୩ ବର୍ଷ ପର୍ଯ୍ୟନ୍ତ ଇଣ୍ଟର-କ୍ୟାଡେଟ୍ ଡେପୁଟେଶନରେ ଥିଲେ। ମନୋଜଙ୍କୁ ଓଡ଼ିଶା କ୍ୟାଡର୍‌ରେ ନିଯୁକ୍ତି ଦେବାକୁ କେନ୍ଦ୍ର ସରକାରଙ୍କ ନିକଟରେ ରାଜ୍ୟ ସରକାର ଅନୁରୋଧ କରିଥିଲେ। ଅରୁଣାଚଳ ପ୍ରଦେଶ କ୍ୟାଡର୍ ଆଇଏଏସ୍ ଅଧିକାରୀ ମନୋଜ ଦିଲ୍ଲୀ ଡେପୁଟି ଇଲେକ୍ସନ କମିଶନର ଭାବେ ନିଯୁକ୍ତି ପାଇଥିଲେ। ଏଥିସହିତ ଦାଦ୍ରାନଗର ହାବେଲୀ ଓ ଡାମନ ଜିଲା ମାଜିଷ୍ଟ୍ରେଟ୍ ଭାବେ ମଧ୍ୟ ସେ କାର୍ଯ୍ୟ କରିଛନ୍ତି। ସେହିପରି ଅରୁଣାଚଳ ପ୍ରଦେଶର ୱେଷ୍ଟ ସିଆଙ୍ଗ ଏବଂ କୁରୁଙ୍ଗ କୁମେୟର ଜିଲାପାଳ ଭାବେ ମଧ୍ୟ ସେବା ଦେଇଛନ୍ତି। ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ୍ ସିଙ୍ଗାପୁର ଗ୍ରାମରେ ତାଙ୍କ ଘର।

## ୩୦ ଲକ୍ଷ ଲୁଟିନେଲେ ନକଲି ଇଡି ଅଫିସର

ବେଙ୍ଗାଲୁରୁ,୪।୧

ନକଲି ଇଡି ଅଫିସରମାନେ ବଲିଉଡ୍ ଫିଲ୍ମ ଷ୍ଟାଇଲ୍‌ରେ କର୍ନାଟକର ଜଣେ ବିଡି ବ୍ୟବସାୟୀଙ୍କଠାରୁ ୩୦ ଲକ୍ଷ ଟଙ୍କା ଲୁଟିନେଇଛନ୍ତି। ଶୁକ୍ରବାର ରାତିରେ ଦକ୍ଷିଣ କନ୍ନଡର ବୋଲାନ୍ତୁରଠାରେ ଏହି ଡକାୟତି ଘଟିଛି। ୬ ଜଣ ଅଭିଯୁକ୍ତ ସିଙ୍ଗାରୀ ବିଡ଼ି ବ୍ୟବସାୟୀ ସୁଲେଇମାନ ହାଜିଙ୍କ ଘରେ ପହଞ୍ଚି ନିଜକୁ ଇଡି ଅଫିସର ଭାବେ ପରିଚୟ ଦେଇଥିଲେ। ହାଜି ଟିକସ ଫାଙ୍କିଥିବାରୁ ତାଙ୍କ ବିରୋଧରେ ସର୍ଚ୍ଚ ୱାରେଣ୍ଟ ରହିଛି ବୋଲି ନକଲି ଅଫିସର କହିବା ପରେ ତାଙ୍କ ଘରେ ପ୍ରବେଶ କରିଥିଲେ। ପରିବାର ସଦସ୍ୟଙ୍କ ମୋବାଇଲ ଫୋନ୍ ଜବତ କରିବା ପରେ କପ୍‌ବୋର୍ଡରୁ ୨୫ରୁ ୩୦ ଲକ୍ଷ ଟଙ୍କା ପାଇ ଜବତ କରିଥିଲେ। ସେମାନେ ଇଂଲିଶ ଓ ହିନ୍ଦୀରେ କଥା ହେଉଥିଲେ। ଜବତ ଟଙ୍କା ସମ୍ପର୍କରେ ସେମାନେ ହାଜିଙ୍କୁ କାଗଜପତ୍ର ମାଗିଥିଲେ। ବନ୍ତୱାଲର ଏକ ଲଜ୍‌ରେ ସେମାନେ ରହୁଥିବାରୁ ସେଠାକୁ ଯାଇ ମୋବାଇଲ ଫୋନ୍‌ଗୁଡ଼ିକ ନେଇଯିବାକୁ ହାଜିଙ୍କୁ କହିଥିଲେ। ତେବେ ହାଜି ଲଜ୍‌ରେ ପହଞ୍ଚି ସେଠାରେ କେହି ନ ରହୁ ନ ଥିବା ଜାଣିବାକୁ ପାଇଥିଲେ। ଅଭିଯୁକ୍ତମାନେ ସେତେବେଳକୁ ନଗଦ ଅର୍ଥ ଧରି ଫେରାର ହୋଇଯାଇଥିଲେ। ତେବେ ସେମାନେ ହାଜିଙ୍କ ଘରୁ ସୁନା କିମ୍ବା ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି କରି ନ ଥିଲେ। ହାଜି ବିଡ଼ି ଶ୍ରମିକମାନଙ୍କୁ ଦରମା ଦେବା ପାଇଁ ଏହି ଟଙ୍କା ଉଠାଇଥିଲେ। ତାଙ୍କ ଘରେ ସିସିଟିଭି କ୍ୟାମେରା ନ ଥିବାରୁ ଅଭିଯୁକ୍ତଙ୍କ ସମ୍ପର୍କରେ କିଛି ଜଣାପଡ଼ିନାହିଁ। ପୋଲିସ ଏକାଧିକ ଟିମ୍ ଗଠନ କରି ସେମାନଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।

## ରାଜଗୋପାଳ ଚିଦାମ୍ବରମ୍‌ଙ୍କ ପରଲୋକ



**ଭାରତୀୟ ଆଣବିକ କାର୍ଯ୍ୟକ୍ରମର ସ୍ଥପତି**

ମୁମ୍ବାଇ,୪।୧(ପି.ଟି.)

୧୯୭୪ ଏବଂ ୧୯୯୮ରେ ଭାରତର ଆଣବିକ ପରୀକ୍ଷାରେ ପ୍ରମୁଖ ଭୂମିକା ନେଇଥିବା ଖ୍ୟାତନାମା ପଦାର୍ଥ ବିଜ୍ଞାନୀ ରାଜଗୋପାଳ ଚିଦାମ୍ବରମ୍‌ଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୮୮ ବର୍ଷ ହୋଇଥିଲା। ଅଣୁଅସ୍ତ୍ର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଥିବା ଚିଦାମ୍ବରମ୍ ମୁମ୍ବାଇର ଯଶଲୋକ ହସ୍ପିଟାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ଦେହାନ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତି। ୧୯୩୬ରେ ଜନ୍ମିତ ରାଜଗୋପାଳ ☞ପୃଷ୍ଠା-୪

## ୧୫ ପରେ ମିଳିବ ୪ର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା

ଭୁବନେଶ୍ୱର,୪।୧(ଅନିଲ ଦାସ)

ଜାନୁଆରୀ ୧୫ ପରେ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ମିଳିବ। ତେବେ ନିର୍ଦ୍ଦିଷ୍ଟ କେତେ ତାରିଖରେ ଟଙ୍କା ମିଳିବ, ସେ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇନାହାନ୍ତି। ଗାଁର ଶେଷ ଯୋଗ୍ୟ ହିତାଧିକାରୀ ଆବେଦନ ନ କଲା ଯାଏ ପଞ୍ଜୀକରଣ ଚାଲିବ। ପ୍ରଥମ କିସ୍ତି ମିଳିବାର ଶେଷ ତାରିଖ ମାର୍ଚ୍ଚ ୮ ଥିଲା। ମାର୍ଚ୍ଚ ୩୦ ପରେ ଆବେଦନ କଲେ ମଧ୍ୟ ଏକାଥରେ ୨ଟି କିସ୍ତିର ଟଙ୍କା ମିଳିବ।

## ଡେଟିଂ ଆପ୍‌ରେ ୭୦୦ ମହିଳାଙ୍କୁ ଠକେଇ

**ଦିନରେ ଏକ ଘରୋଇ କମ୍ପାନୀର ନିଯୁକ୍ତିଦାତା ଭାବେ କାର୍ଯ୍ୟ କରୁଥିବା ଦିଲ୍ଲୀର ତୁଷାର ସିଂ ବିଷ୍ଟ ରାତିରେ ଆମେରିକୀୟ ମଡେଲ ସାଜି ଡେଟିଂ ଆପ୍ ଜରିଆରେ ମହିଳାମାନଙ୍କୁ ଫସାଉଥିଲେ। ବୁମ୍ବଲ ଏବଂ ସ୍ନାପଚାର୍ଟ ବ୍ୟବହାର କରି ମହିଳାଙ୍କ ସହିତ ସେ ଯୋଗସୂତ୍ର ସ୍ଥାପନ କରିବା ସହ କୌଶଳକ୍ରମେ ସେମାନଙ୍କ ଅନ୍ତରଙ୍ଗ ଫଟୋ ଓ ଭିଡିଓ ହାତଉଥିଲେ। ଆପତ୍ତିଜନକ ଫଟୋଗୁଡ଼ିକୁ ସେ ବ୍ଲାକ୍ ମେଲିଂ ପାଇଁ ଅସ୍ତ୍ର କରୁଥିଲେ। ଏଭଳି ଭାବେ ତୁଷାର ୭୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଠକି ଅର୍ଥ ଉପାର୍ଜନ କରିଥିଲେ ବୋଲି ଜେରାବେଳେ ପୋଲିସ ଆଗରେ ସ୍ୱୀକାର କରିଛନ୍ତି।**

ନୂଆଦିଲ୍ଲୀ, ୪।୧

ଜାତୀୟ ରାଜଧାନୀ ଦିଲ୍ଲୀର ଶାକାରପୁର ଅଞ୍ଚଳରୁ ଏକ ଆଶ୍ଚର୍ଯ୍ୟଜନକ ଠକେଇ ଘଟଣା ସାମ୍ନାକୁ ଆସିଛି। ନଏଡ଼ାର ଏକ ଘରୋଇ କମ୍ପାନୀରେ ଆଶାୟୀମାନଙ୍କୁ ନିଯୁକ୍ତି ଦେଉଥିବା ତୁଷାର ସିଂ ବିଷ୍ଟ ବିଭିନ୍ନ ଡେଟିଂ ଏବଂ ମେସେଜିଂ ଆପ୍ ମାଧ୍ୟମରେ ୭୦୦ରୁ ଅଧିକ ମହିଳାଙ୍କୁ ଠକିଥିବାରୁ ଶନିବାର ପୋଲିସ ତାଙ୍କୁ ଗିରଫ କରିଛି। ନିଜକୁ ଜଣେ ଆମେରିକୀୟ ମଡେଲ ଭାବେ ପରିଚୟ ଦେଇ ସେ ମହିଳାମାନଙ୍କ ସହ ବନ୍ଧୁତା ସ୍ଥାପନ କରୁଥିଲେ। ଏହାପରେ ବିଭିନ୍ନ ଆଳ ଦେଖାଇ ତୁଷାର ମହିଳାମାନଙ୍କୁ ସେମାନଙ୍କ ପ୍ରାଇଭେଟ ଫଟୋ ମାଗୁଥିଲେ। ଫଟୋ ମିଳିଯିବା ପରେ ତୁଷାର ଏହାକୁ ଭାଇରାଲ କରିଦେବେ କହି ମହିଳାମାନଙ୍କୁ ବ୍ଲାକ୍‌ମେଲିଂ କରି ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଆଦାୟ କରୁଥିଲେ। ବିଭିନ୍ନ ଡେଟିଂ ଆପ୍ ପ୍ରୋଫାଇଲରେ ତୁଷାର ବ୍ରାଜିଲର ଜଣେ ମଡେଲଙ୍କର ଫଟୋ ଲଗାଇ ନିଜକୁ ଆମେରିକୀୟ ଫ୍ରିଲାନ୍ସ ମଡେଲ ଭାବେ ପରିଚୟ ଦେଉଥିଲେ। ଖାସ୍‌କରି ସେ ୧୮ରୁ ୩୦ ବର୍ଷ ବୟସର ମହିଳାମାନଙ୍କୁ ଟାର୍ଗେଟ କରୁଥିଲେ। ଏକ ପ୍ରୋଜେକ୍ଟ ପାଇଁ ଭାରତ ଆସିଛନ୍ତି ବୋଲି କହି ତୁଷାର ମହିଳାମାନଙ୍କୁ ଫସାଉଥିଲେ।

ଗତ ୧୩ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପଢୁଥିବା ଦ୍ୱିତୀୟ ବର୍ଷର ଜଣେ ସ୍ନାତକୋତ୍ତର ଛାତ୍ରୀ ଠକାମିର ଶିକାର ହୋଇ ସାଇବର ଥାନାରେ ଅଭିଯୋଗ କରିବା ପରେ ଏହି ମାମଲା ସାମ୍ନାକୁ ଆସିଥିଲା। ଦିଲ୍ଲୀ ପୋଲିସର ଏକ ଟିମ୍ ଶନିବାର ପୂର୍ବ ଦିଲ୍ଲୀର ଶକରପୁର ଅଞ୍ଚଳରୁ ତୁଷାରଙ୍କୁ ଗିରଫ କରି ମାମଲାର ପର୍ଦ୍ଦାଫାଶ କରିଛି। ଗତ ୩ ବର୍ଷ ଧରି ନଏଡାର ଏକ ପ୍ରାଇଭେଟ କମ୍ପାନୀରେ ତୁଷାର ଜଣେ ଟେକ୍ନିକାଲ ରିକ୍ରୁଟର ଭାବେ କାର୍ଯ୍ୟ କରୁଥିଲେ। ☞ପୃଷ୍ଠା-୪

**ଦିନରେ ନିଯୁକ୍ତିଦାତା, ରାତିରେ ଆମେରିକୀୟ ମଡେଲ**



# ଭାଇ ମୃତ୍ୟୁର ପ୍ରତିଶୋଧ ପାଇଁ ହତ୍ୟା

■ବସୋଇ ହତ୍ୟା ମାମଲାର ଅଭିଯୁକ୍ତ ଗିରଫ
■କ୍ରାଇମ ସିନ୍ ରିକ୍ରିଏଶନ କଲା ପୋଲିସ

ପରଜଙ୍ଗ,୪।୧
(ନିଗମାନନ୍ଦ ଦଳବେହେରା)


ମୁଖ୍ୟ ଅଭିଯୁକ୍ତର ଫାଇଲ୍ ଫଟୋ।


ଅଭିଯୁକ୍ତଙ୍କୁ ଧରି ପୋଲିସ ସିନ୍ ରିକ୍ରିଏଶନ କରୁଛି।

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବସୋଇ ଗ୍ରାମରେ ନୂଆବର୍ଷ ଦିନ ଘଟିଥିବା ବୀଭତ୍ସ ହତ୍ୟା ଘଟଣାର ୪୮ ଘଣ୍ଟା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ରାକେଶ ସେଠୀଙ୍କୁ ହତ୍ୟା ପରେ ମୃତଦେହକୁ ଟାଙ୍ଗିଆରେ ହାଣି ପ୍ରାୟ ୫୦ଖଣ୍ଡ କରି ଗାଁ ଦାଣ୍ଡରେ ଫୋପାଡ଼ିଥିବା ଅଭିଯୁକ୍ତ ସରୋଜ ବିଶ୍ୱାଳ ଓରଫ ମକୁଙ୍କୁ ପୋଲିସ ଗିରଫ କରି ଶନିବାର ସିନ୍ ରିକ୍ରିଏଶନ କରିଛି। ନିଜ ୨ଭାଇଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ରାକେଶଙ୍କୁ ଅଭିଯୁକ୍ତ ସରୋଜ ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ହତ୍ୟାରେ ବ୍ୟବହୃତ ଠେଙ୍ଗା ଏବଂ ଟାଙ୍ଗିଆକୁ ଗାଁ ନିକଟସ୍ଥ ପୋଖରୀରେ ପକାଇଥିବା ଅଭିଯୁକ୍ତ କହିବା ପରେ ପୋଲିସ ଯାଞ୍ଚ ଚଳାଇଛି। ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

ପ୍ରକାଶ ଯେ, ନୂଆବର୍ଷର ପ୍ରଥମ ଦିନରେ ବସୋଇ ଗ୍ରାମ ଠାକୁରାଣୀଙ୍କ ପଣାଖୁଣ୍ଟି ନିକଟରେ ରାକେଶଙ୍କୁ ଅଭିଯୁକ୍ତ ସରୋଜ ହତ୍ୟା କରିଥିଲେ। ଏହା ପରେ ଖଣ୍ଡ ଖଣ୍ଡ କରି ହାଣି ଗାଁ ଦାଣ୍ଡରେ ପକାଇଥିଲେ। ଏହଭଳି ଦୃଶ୍ୟ ଦେଖି ଲୋକମାନେ ଭୟରେ ତାଟି କବାଟ ପକାଇ ଦେଇଥିଲେ। ପରେ ଅଭିଯୁକ୍ତ ସରୋଜ ଗାଁ ନିକଟ ଏକ ପୋଖରୀ ହୁଡ଼ାରେ ଥିବା ବୁଦାମୂଳରେ ଲୁଚି ରହିଥିଲେ। ଶୁକ୍ରବାର ରାତିରେ ଭୋକ ସମ୍ଭାଳି ନ ପାରି ନିଜ ଘରକୁ ଖାଇବାକୁ ଆସିଥିଲେ। ସେହି ସମୟରେ ଖବର ପାଇ ପରଜଙ୍ଗ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରୋଜଙ୍କୁ ଧରିବା ପାଇଁ ଢେଙ୍କାନାଳ ଏସ୍‌ପି ଅଭିନ୍ନ ସୋନକରଙ୍କ ନିର୍ଦ୍ଦେଶରେ ତିନୋଟି ଟିମ୍ ଗଠନ କରାଯାଇଥିଲା। ଶନିବାର ପୋଲିସ ବସୋଇ ଗ୍ରାମରେ ପହଞ୍ଚି କ୍ରାଇମ ସିନ୍ ରିକ୍ରିଏଶନ କରିଛି। ସରୋଜ କେମିତି ରାକେଶଙ୍କୁ ହତ୍ୟା କରିଥିଲେ ସେ ବିଷୟରେ ପୋଲିସକୁ କହିଛନ୍ତି। ଅଭିଯୁକ୍ତ ସରୋଜ ନିଜ ଦୁଇଭାଇଙ୍କ ମୃତ୍ୟୁକୁ ନେଇ ଗତ ୩ ବର୍ଷ ହେବ ମାନସିକ ଚାପରେ ରହି ଆସୁଥିଲେ। ୨୦୨୧ରେ ସାନଭାଇ ଚିରୋଜ ବିଶ୍ୱାଳଙ୍କୁ ବାଲେଶ୍ୱରରେ ହତ୍ୟା ଏବଂ ମଝିଆ ଭାଇ ମନୋଜ ବିଶ୍ୱାଳଙ୍କୁ ୨୦୨୩ରେ ବସୋଇ ଗାଁ କାଜୁ ଜଙ୍ଗଲରେ ହତ୍ୟା କରାଯାଇଥିଲା। ଉପରୋକ୍ତ ଦୁଇ ହତ୍ୟାକାଣ୍ଡରେ ମୃତ ରାକେଶ ସେଠୀଙ୍କ ସମ୍ପୃକ୍ତ ଥିଲା ବୋଲି ସେ କହିଛନ୍ତି। ତେଣୁ ଦୁଇ ଭାଇଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଏଭଳି ବୀଭତ୍ସ କାଣ୍ଡ ଘଟାଇଥିବା ସରୋଜ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ସିନ ରିକ୍ରିଏଶନ ସମୟରେ ଢେଙ୍କାନାଳ ଅତିରିକ୍ତ ଏସ୍‌ପି ପ୍ରଭାତ ବିଶ୍ୱାଳ, କାମାକ୍ଷାନଗର ଏସ୍‌ଡିପିଓ ଜ୍ଞାନରଞ୍ଜନ ମିଶ୍ର, ପରଜଙ୍ଗ ଥାନାଧିକାରୀ ପ୍ରିୟବ୍ରତ ଦାସ, ସରାଙ୍ଗ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଦଦରା ଘାଟି ଫାଣ୍ଡି ଅଧିକାରୀ ଶକ୍ତି ପ୍ରସାଦ ସାହୁ, ପରଜଙ୍ଗ ଥାନା ଏଏସ୍‌ଆଇ ରମେଶ ଚନ୍ଦ୍ର ସ୍ୱାଇଁ ଢେଙ୍କାନାଳ ସାଇଣ୍ଟିଫିକ୍ ଟିମ୍, ପରଜଙ୍ଗ ଅଗ୍ନିଶମ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ଡିପିଓ ଜ୍ଞାନରଞ୍ଜନ ମିଶ୍ର ହତ୍ୟା ମାମଲାର ତଦନ୍ତ ଭାର ଗ୍ରହଣ କରିଛନ୍ତି।

## ଯୌତୁକ ପାଇଁ ଝିଅଙ୍କୁ ହତ୍ୟା ଅଭିଯୋଗ ଆଣିଲେ ପରିବାର

### ସ୍ୱାମୀ ଅଟକ

ସେମିଳିଗୁଡ଼ା/ସୁନାବେଢ଼ା/କୋରାପୁଟ,୪।୧(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ/ଅମିତାଭ ବେହେରା)



ସେମିଳିଗୁଡ଼ା ଥାନା ବେହେରାଗୁଡ଼ା ଗାଁରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଯୌତୁକ ଟଙ୍କା ପାଇଁ ଗର୍ଭବତୀ ଥିବା ରଚନା ସାହୁ(୨୨)ଙ୍କୁ ଶାଶୁ, ଶ୍ୱଶୁର ଓ ସ୍ୱାମୀ ମିଶି ହତ୍ୟା କରିଥିବା ବାପଘର ଲୋକେ ଅଭିଯୋଗ ଆଣିଛନ୍ତି। ସେମିଳିଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛି। ଅନ୍ୟପଟେ ଶାଶୁଘର ଲୋକେ ବୋହୂ ଆତ୍ମହତ୍ୟା କରିଥିବା କହିଛନ୍ତି। ରଚନା ବେହେରାଗୁଡା ନାଗେଶ୍ୱର ଚୌଧୁରୀଙ୍କ ପୁଅ ଅନୀଲ ଚୌଧୁରୀଙ୍କୁ ଗତ ମାର୍ଚ୍ଚ ୬ରେ ବିବାହ କରିଥିଲେ। ବାହାଘର ପରଠାରୁ ଶାଶୁଘର ପକ୍ଷରୁ ରଚନାଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ମୃତ ରଚନାଙ୍କ ବାପା ଚକ୍ରଧର ଏ ନେଇ ସେମିଳିଗୁଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ. ୩/୨୫ରେ ଏକ ଯୌତୁକଜନିତ ହତ୍ୟା ମାମଲା ରୁଜୁକରିଛି। ମୃତଦେହ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। କୋରାପୁଟର ଏକ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ରଚନା ନିଜ ରୁମ୍‌ରେ ଫାଶ ଲଗାଇ ଆତ୍ମହତ୍ୟା କରିଥିବା ଶାଶୁଘର ପକ୍ଷରୁ କୁହାଯାଇଛି। ପୋଲିସ ରଚନାଙ୍କ ସ୍ୱାମୀ ଅନୀଲଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସେମିଳିଗୁଡ଼ା ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ମାଜିଷ୍ଟ୍ରେଟ ଦାୟିତ୍ୱରେ ସେମିଳିଗୁଡ଼ା ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ନାୟକ ଉପସ୍ଥିତ ଥିଲେ।

## ପୌର ସଫେଇ ସୁପରଭାଇଜରଙ୍କୁ ବିଚ୍ ରାସ୍ତାରେ ହତ୍ୟା

### ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟା ସନ୍ଦେହ


ସୁନ୍ଦରଗଡ଼,୪।୧
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସହରର ବିଚ୍ ରାସ୍ତାରେ ଶନିବାର ପୌରପାଳିକାର ଏକ ସଫେଇ ଠିକାସଂସ୍ଥାର ସୁପରଭାଇଜରଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ବାବୁଲି କାକ(୪୦)। ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଆରମ୍ଭ କରିଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିଲା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ବାବୁଲି ରାଣୀବଗିଚାସ୍ଥିତ ବିଜୁ ପଟ୍ଟନାୟକ ଛକରେ ସଫେଇ କାର୍ଯ୍ୟ ତଦାରଖ କରୁଥିବା ବେଳେ କେତେ ଜଣ ବ୍ୟକ୍ତି ଆସି ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ବାବୁଲିଙ୍କ ମୁଣ୍ଡ ଓ ବେକରେ ଗଭୀର ଆଘାତ ଲାଗିଥିଲା। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାବୁଲିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବାପରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହଙ୍କ ସମେତ ବହୁ ଲୋକ ହସ୍ପିଟାଲରେ ପହଞ୍ଚିଥିଲେ।

## ଶିରିଡ଼ି ସାଇ ମନ୍ଦିରରୁ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ଅଳଙ୍କାର ଚୋରି

■ମନ୍ଦିର ପୂଜା କାର୍ଯ୍ୟ ବନ୍ଦ
■ସନ୍ଦେହରେ ୨ଜଣଙ୍କୁ ଧରି ପୋଲିସର ଜେରା
■୨ଜଣ ପୁରୁଷ ଡ୍ରେସ୍, ଜଣେ ପିନ୍ଧିଥିଲେ ମହିଳା ଡ୍ରେସ୍

ଭଞ୍ଜନଗର,୪।୧(ବାବୁଲା ପ୍ରଧାନ)



ଦୁର୍ବୃତ୍ତମାନେ ଚୋରି କରୁଥିବାର ଦୃଶ୍ୟ।

ଗଞ୍ଜାମ ଜିଲା ଭଞ୍ଜନଗର ବାଇପାସ ରୋଡ୍‌ରେ ଥିବା ଶିରିଡ଼ି ସାଇ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ବଡ ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରରୁ ପ୍ରାୟ ୪୦ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର, ନଗଦ ୩ ଲକ୍ଷ ୩୦ ହଜାର ଟଙ୍କା ଲୁଟ କରି ନେଇଥିବା ମନ୍ଦିର କମିଟି ପକ୍ଷରୁ ଅଭିଯୋଗ ହୋଇଛି। ଖବର ପାଇ ଭଞ୍ଜନଗର ପୋଲିସ ଶନିବାର ସକାଳେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ସନ୍ଧ୍ୟାରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ମଧ୍ୟ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ଖବର ଲେଖା ହେବା ସୁଦ୍ଧା ପୋଲିସ ଦୁର୍ବୃତ୍ତଙ୍କ ସମ୍ପର୍କରେ କିଛି ସୂଚନା ପାଇଥିଲେ ମଧ୍ୟ ତଦନ୍ତରେ ବାଧା ସୃଷ୍ଟି ଆଶଙ୍କାରେ ଚୁପ୍ ରହିଛି। ଅନ୍ୟପକ୍ଷରେ ଦୁର୍ବୃତ୍ତମାନେ ଚୋରି ପୂର୍ବରୁ ମୁହଁକୁ ସମ୍ପୂର୍ଣ୍ଣ ଘୋଡ଼ାଇ ରଖିଥିଲେ। ଦୁଇଜଣ ଦୁର୍ବୃତ୍ତ ପୁରୁଷ ଡ୍ରେସ ପିନ୍ଧିଥିବା ବେଳେ ଜଣେ ଦୁର୍ବୃତ୍ତ ମହିଳା ଡ୍ରେସ ପିନ୍ଧିଥିବା ସିସିଟିଭି କ୍ୟାମେରାରୁ ଜଣାପଡ଼ିଛି।

ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିର ପଛପଟ କବାଟ ଭାଙ୍ଗି ଭିତରେ ପଶି ସାଇବାବାଙ୍କ ବ୍ୟବହାର ସମସ୍ତ ଅଳଙ୍କାର ଲୁଟି ନେଇଥିଲେ। ଶନିବାର ସକାଳେ ପୂଜାରୀ ଏବଂ କମିଟି କର୍ମକର୍ତ୍ତା ପହଞ୍ଚିବା ପରେ ମନ୍ଦିରରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ମନ୍ଦିର କର୍ମକର୍ତ୍ତା ରାଧାକାନ୍ତ ପାତ୍ର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚୋରି ଯୋଗୁ ମନ୍ଦିରର ସମସ୍ତ ପୂଜା କାର୍ଯ୍ୟ ବନ୍ଦ ରହିଛି। ଘଟଣାରେ ସମ୍ପୃକ୍ତି ସନ୍ଦେହରେ ପୋଲିସ ଶନିବାର ୨ଜଣଙ୍କୁ ଧରି ଆଣି ପଚରାଉଚରା କରୁଛି।

## ଚୋରି ପରେ ଘରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ବ୍ରହ୍ମପୁର,୪।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଶୁକ୍ରବାର ବିଳମ୍ବିତ ରାତିରେ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଏକ ବନ୍ଦ ଘରୁ ଦୁର୍ବୃତ୍ତମାନେ ଚୋରି କରିବା ପରେ ନିଆଁ ଲଗାଇ ଫେରାର ହୋଇଯାଇଛନ୍ତି। ସକାଳୁ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ଘରେ ଲାଗି ରହିଥିବା ନିଆଁକୁ ଆୟତ୍ତ କରିବା ସହ ତଦନ୍ତ କରିଛନ୍ତି। ସୂଚନାଯୋଗ୍ୟ, ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡାସିଂ ନିକଟ କଳିଙ୍ଗନଗର ଦ୍ୱିତୀୟ ଲାଇନରେ ପ୍ଲଟ୍ ନମ୍ବର ୨୧ରେ ଦେବୀ ପ୍ରସାଦ ପଟ୍ଟନାୟକଙ୍କ ଘର ରହିଛି। ଦେବୀପ୍ରସାଦଙ୍କ ପୁଅ ବମ୍ବେରେ ରହୁଥିବା ଯୋଗୁ ସମସ୍ତ ପରିବାର ସେଠାକୁ ଯାଇଥିଛନ୍ତି। ହେଲେ ଶନିବାର ଭୋରରୁ ଦେବୀପ୍ରସାଦଙ୍କ ପୁତୁରା କୌଣସି କାମରେ ତାଙ୍କ ଘର ନିକଟକୁ ଯାଇଥିବା ବେଳେ ଘର ଝରକାର ଲୁହାଗ୍ରୀଲ ଭଙ୍ଗାଯାଇଥିବା ବେଳେ ଘର ଭିତରୁ ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ତୁରନ୍ତ ବ୍ରହ୍ମପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେହିପରି ଖବରପାଇ ବୈଦ୍ୟନାଥପୁର ଥାନା ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। ନିଆଁ ଆୟତ୍ତ ପରେ ଘରର ବହୁ ଆସବ ପତ୍ର ନଷ୍ଟ ହୋଇଥିବା ଜଣାପଡ଼ିଥିଲା। ସେହି ଘରୁ ବହୁ ସାମଗ୍ରୀ ଚୋରି ହୋଇଥିବା ମଧ୍ୟ ଅନୁମାନ କରାଯାଉଛି। ଶୁକ୍ରବାର ରାତି ୨ଟାରୁ ୪ଟା ଭିତରେ ଏକାଧିକ ଦୁର୍ବୃତ୍ତ ଘରର ତାଲା ଭାଙ୍ଗି ଭିତରକୁ ପଶିବା ପରେ ଚୋରି କରିଥିଲେ। ପରେ ନିଆଁ ଲଗାଇ ଚମ୍ପଟ ମାରିଥିବା ଅନୁମାନ କରାଯାଉଛି। ତେବେ ଦେବୀପ୍ରସାଦଙ୍କ ଘରୁ ପୂର୍ବରୁ ୩ ଥର ଚୋରି ହୋଇସାରିଛି ବୋଲି ତାଙ୍କ ପୁତୁରା କହିଛନ୍ତି। ଦେବୀପ୍ରସାଦ ଓ ତାଙ୍କ ପରିବାର ଲୋକେ ଫେରିବା ପରେ ଘରୁ କ'ଣ କ'ଣ ଚୋରି ହୋଇଛି ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ଏହି ଘରୁ ବାରମ୍ବାର ଚୋରି ହେଉଥିବା ବେଳେ ଅଞ୍ଚଳରେ ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉ ନ ଥିବା ଅଭିଯୋଗ ହୋଇଛି। ତେବେ ଚୋରି ପରେ ଦୁର୍ବୃତ୍ତମାନେ ସେହି ଘରେ କାହିଁକି ନିଆଁ ଲଗାଇଲେ ତାହା ଜଣାପଡ଼ିନି। ପୋଲିସ ଚୋରି ଅଭିଯୋଗ ସହ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି।

## ନାବାଳିକାଙ୍କୁ ଦୁର୍ବ୍ୟବହାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୪।୧(ସୂର୍ଯ୍ୟକାନ୍ତ ବେହେରା)

ସ୍କୁଲ୍‌ରୁ ଫେରୁଥିବା ସମୟରେ ରାସ୍ତାରେ ପିଛା କରିବା ସହ ଏକୁଟିଆ ପାଇ ନାବାଳିକାଙ୍କୁ ଦୁର୍ବ୍ୟବହାର କରିବା ଜଣେ ବ୍ୟକ୍ତିଙ୍କୁ ମହଙ୍ଗା ପଡ଼ିଛି। ଅଭିଯୋଗ ପରେ ଖଣ୍ଡଗିରି ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଭୁବନେଶ୍ୱର ଡୁମୁଡୁମା ଅଞ୍ଚଳର ଶିଶିର କୁମାର ରାଉତ ଓରଫ୍ ମିଟୁ (୪୩)। ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ପରିବାର ଲୋକଙ୍କ ସହ ସମ୍ପୃକ୍ତ ନାବାଳିକା ଡୁମୁଡୁମା ଅଞ୍ଚଳରେ ରହୁଥିବା ବେଳେ ଅଭିଯୁକ୍ତ ମିଟୁ ଗତ ୪ ମାସ ହେବ ତାଙ୍କ ପଡ଼ୋଶୀ ଭାବେ ରହିଆସୁଛନ୍ତି। ନାବାଳିକାଙ୍କୁ ମିଟୁ ନିୟମିତ ପିଛା କରୁଥିଲେ। ଶୁକ୍ରବାର ଅପରାହ୍ନରେ ନାବାଳିକା ଜଣକ ସ୍କୁଲ୍‌ରୁ ଫେରିବା ରାସ୍ତାରେ ମିଟୁ ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ସେ ଏହାର ବିରୋଧ କରିବାରୁ ତାଙ୍କୁ ମିଟୁ ଗାଳିଗୁଲଜ କରିଥିଲେ। ଘରକୁ ଫେରି ନାବାଳିକା ନିଜ ମା'ଙ୍କୁ ସମସ୍ତ କଥା ଜଣାଇଥିଲେ। ପରେ ନାବାଳିକାଙ୍କ ପରିବାର ଲୋକେ ଘଟଣା ସମ୍ପର୍କରେ ବୁଝିବା ଲାଗି ମିଟୁଙ୍କ ଘରକୁ ଯାଇଥିବା ବେଳେ ସେଠାରେ ଉଭୟ ପକ୍ଷ ମଧ୍ୟରେ ଝଗଡ଼ା ହୋଇଥିଲା। ମିଟୁ ଉଭୟଙ୍କୁ ଗାଳିଗୁଲଜ କରିବା ସହ ଉତ୍ତକ୍ଷିପ୍ତ ହୋଇ ଏକ ଲୁହାପାଇପ୍‌ରେ ଆକ୍ରମଣ କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା।

## ୨.୪୦ ଲକ୍ଷର ଗଞ୍ଜେଇ ଜବତ, ଜଣେ ଗିରଫ

ବାଲୁଗାଁ,୪।୧(ସଂଗ୍ରାମ ପାଇକରାୟ): ବାଲୁଗାଁ ରେଳଷ୍ଟେଶନର ୧ନମ୍ବର ପ୍ଲାଟ୍‌ଫର୍ମରେ ଶନିବାର ରେଲ୍‌ୱେ ପୋଲିସ ଚଢ଼ାଉକରି ୨୪ କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ବେଗୁନିଆପଡ଼ା ଅଞ୍ଚଳର ଶଙ୍କର୍ଷଣ ପ୍ରଧାନ(୪୦)। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨.୪୦ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ମୁତାବକ, ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ବାଲୁଗାଁଠାରୁ ବ୍ରହ୍ମପୁର ମଧ୍ୟରେ ବିଭିନ୍ନ ଟ୍ରେନ୍‌ରେ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ରାକେଟ ସକ୍ରିୟ ଥିବା ବେଳେ ଏମାନଙ୍କୁ ଧରିବା ପାଇଁ ରେଲ୍‌ୱେ ପୋଲିସ ସଜାଗ ରହିଥିଲା। ଶନିବାର ପୂର୍ବାହ୍ନ ୧୦ଟାରେ ବାଲୁଗାଁ ଷ୍ଟେଶନର ୧ନଂ.ପ୍ଲାଟ୍‌ଫର୍ମରେ ଦୁଇ ବସ୍ତା ଗଞ୍ଜେଇ ଧରି ଶଙ୍କର୍ଷଣ ବିଶାଖା ଏକ୍ସପ୍ରେସ୍ ଟ୍ରେନ୍‌ରେ ସିକନ୍ଦାରବାଦ୍ ଯିବା ପାଇଁ ଛିଡ଼ା ହୋଇଥିଲେ। ଖବରପାଇ ରେଳ ସୁରକ୍ଷା ବଳ ଅଧିକାରୀ ଜିତେନ୍ଦ୍ର ମୌର୍ଯ୍ୟ ଏବଂ ଅନ୍ୟ କର୍ମଚାରୀ ଚଢ଼ାଉ କରି ସେଠାରୁ ଦୁଇ ବସ୍ତା ଗଞ୍ଜେଇ ଜବତ କରିବା ସହ ଶଙ୍କର୍ଷଣଙ୍କୁ ଗିରଫ କରିଥିଲେ। ଏନେଇ ଏକ ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୪।୧(ସୂର୍ଯ୍ୟକାନ୍ତ ବେହେରା): ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିବା ଅଭିଯୋଗରେ ଧଉଳି ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବଡ଼ଗଡ଼ ଥାନା ଅଞ୍ଚଳରେ ରହୁଥିବା ପୁରୀର ଜିତେନ୍ଦ୍ର ପ୍ରଧାନ। ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତା ଯୁବତୀ ୨୦୨୦ରେ ଅଭିଯୁକ୍ତ ଜିତେନ୍ଦ୍ରଙ୍କ ସହ ମ୍ୟାଟ୍ରିମୋନିଆଲ ସାଇଟ୍‌ରୁ ଚିହ୍ନା ପରିଚୟ ହୋଇଥିଲେ। ପରେ ଉଭୟ ପରସ୍ପର ସହ ମୋବାଇଲ ଫୋନ୍ ମାଧ୍ୟମରେ ଯୋଗାଯୋଗରେ ରହି ସମ୍ପର୍କ ବଢ଼ାଇଥିଲେ। ଭୁବନେଶ୍ୱରରେ ଚାକିରି କରିବା ପରେ ଯୁବତୀ ଜଣକ ଧଉଳି ଥାନା ଅଧୀନରେ ଏକ ଘରଭଡ଼ା ନେଇ ରହିଥିଲେ। ପରେ ଜିତେନ୍ଦ୍ର ମଧ୍ୟ ତାଙ୍କ ସହ ଉକ୍ତ ଭଡ଼ାଘରେ ଏକାଠି ରହିଥିଲେ। ଏହି ସମୟ ମଧ୍ୟରେ ଜିତେନ୍ଦ୍ର ସମ୍ପୃକ୍ତ ଯୁବତୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ଇଚ୍ଛା ବିରୋଧରେ ଏକାଧିକ ଥର ଶାରୀରିକ ସମ୍ପର୍କ ରଖିଥିଲେ। ଏହିଭଳି କିଛିଦିନ ବିତିଯିବା ପରେ ଯୁବତୀଙ୍କୁ ନୀଚଜାତି ବୋଲି କହିବା ସହ ଅଭିଯୁକ୍ତ ଆଉ ଧରାଛୁଆଁ ଦେଇ ନ ଥିଲେ। ଏଥିରେ ଅଭିଯୋଗକାରିଣୀ ମର୍ମାହତ ହୋଇ ଶେଷରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଭଉଣୀଭାଇଙ୍କୁ ଗୁଳିମାଡ଼ ଘଟଣା

## ପୂର୍ବ ଶତ୍ରୁତା ସନ୍ଦେହ, ଜଣେ ଅଟକ

ବଇଣ୍ଟା,୪।୧ (ପରିକ୍ଷିତ ସାହୁ)– ଅନୁଗୋଳ ଜିଲା କିଶୋରନଗର ଥାନା ବାମୁର ପଞ୍ଚାୟତର ଭାଙ୍ଗମୁଣ୍ଡା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଶୋଇଥିବା ଅବସ୍ଥାରେ ପ୍ରଫୁଲ୍ଲ ମିର୍ଦ୍ଧାଙ୍କ ଝିଅ ଯାଜ୍ଞସିନି ମିର୍ଦ୍ଧା (୧୫) ଓ ପୁଅ ପ୍ରକାଶ ମିର୍ଦ୍ଧା (୧୧)ଙ୍କୁ ଗୁଳିମାଡ଼ ହୋଇଥିଲା। ଏଥିରେ ଭଉଣୀଭାଇ ଗୁରୁତର ହୋଇଥିବା ବେଳେ ଘଟଣାର ତଦନ୍ତ କରୁଥିବା କିଶୋରନଗର ପୋଲିସ ଶନିବାର ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପ୍ରଫୁଲ୍ଲଙ୍କ ପରିବାର ସହ ଅଟକ ଥିବା ବ୍ୟକ୍ତିଙ୍କ ମଧ୍ୟରେ ଥିବା ପୂର୍ବ ଶତ୍ରୁତାରୁ ଏଭଳି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି।

## ଜନ୍ମିତ ମା' ବାପାଙ୍କୁ ଖୋଜିବାକୁ ସ୍ପେନ୍‌ରୁ ଓଡ଼ିଶା ଆସିଛନ୍ତି ସ୍ନେହା

### ପୋଲିସ କମିଶନରଙ୍କୁ ଭେଟି ସହଯୋଗ ଲୋଡ଼ିଲେ

ଭୁବନେଶ୍ୱର,୪।୧(ସୂର୍ଯ୍ୟକାନ୍ତ ବେହେରା)

ଓଡ଼ିଶାରେ ଜନ୍ମ ହୋଇଥିଲେ ମଧ୍ୟ ସୁଦୂର ସ୍ପେନ୍‌ରେ ଛୋଟରୁ ବଡ଼ ହୋଇଛନ୍ତି ସେ। ତଥାପି ନିଜ ମା' ବାପାଙ୍କ ମମତା ତାଙ୍କୁ ରାଜଧାନୀକୁ ଟାଣିଆଣିଛି। ପାଳିତ ବିଦେଶିନୀ ମା'ଙ୍କ ସହ ସ୍ପେନ୍‌ରୁ ଓଡ଼ିଶା ଆସିଛନ୍ତି ଜନ୍ମିତ ମା' ବାପାଙ୍କୁ ଖୋଜିବା ପାଇଁ। ସେ ହେଲେ ଓଡ଼ିଆ ଝିଅ ତଥା ବର୍ତ୍ତମାନ ସ୍ପେନ୍‌ର ନାଗରିକତ୍ୱ ନେଇ ରହୁଥିବା ୨୧ ବର୍ଷୀୟ ସେହ୍ନା। ସାଥିରେ ଅଛନ୍ତି ମା' ଜେମା। ରାଜଧାନୀ ଭୁବନେଶ୍ୱରରେ ୨ ସପ୍ତାହ ଧରି ଖୋଜି ଖୋଜି ନୟାନ୍ତ ହେବା ପରେ ଜଣେ ଓଡ଼ିଆ ଅନୁବାଦକଙ୍କ ସହାୟତାରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କୁ ଭେଟି ଗୁହାରି ଜଣାଇବା ସହ ସହଯୋଗ ଲୋଡ଼ିଛନ୍ତି।

ସୂଚନା ଅନୁଯାୟୀ, ୨୦୧୦ରେ ସ୍ପେନ୍‌ର ଜେମା ଓ ତାଙ୍କ ସ୍ୱାମୀ ଜୁଆନ ଜୋଜେ ଓଡ଼ିଶା ଆସିଥିବାବେଳେ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ସୁଭଦ୍ରା ସେବା ସଦନକୁ ଯାଇଥିଲେ। ସେଠାରେ ସେ ଅନାଥ ଥିବା ସ୍ନେହା ଓ ତାଙ୍କ ସାନଭାଇଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ। ଏନେଇ ଏହି ସ୍ପେନୀୟ ଦମ୍ପତି ଆବଶ୍ୟକ କାଗଜପତ୍ର ମଧ୍ୟ ପ୍ରସ୍ତୁତ କରିଥିଲେ। ଇତିମଧ୍ୟରେ ସ୍ନେହା ୨୧ ବର୍ଷରେ ଉପନୀତ ହେବା ସହ ସ୍ପେନ୍‌ରେ ପାଠ ପଢ଼ୁଛନ୍ତି। ତେବେ ସ୍ନେହା ବଡ଼ ହେବା ପରେ ଯେତେବେଳେ ତାଙ୍କ ମା' ବାପା ଓଡ଼ିଶାର ବୋଲି ଜାଣିବାକୁ ପାଇଲେ, ସେତେବେଳେ ସେ ସେମାନଙ୍କୁ ଭେଟିବାକୁ ଇଚ୍ଛା ପ୍ରକାଶ କଲେ। ସେଥିରେ ରାଜି ହୋଇଥିଲେ ପାଳିତ ମା' ଜେମା। ତେଣୁ ସେ ତାଙ୍କୁ ସାଥିରେ ନେଇ ଓଡ଼ିଶା ଆସିଛନ୍ତି। ତାଙ୍କ ପାଖରେ ଥିବା ତଥ୍ୟରୁ ଏହା ଜଣାପଡୁଛି ଯେ, ସ୍ନେହାଙ୍କ ବାପାଙ୍କ ନାମ ସନ୍ତୋଷ କୁମାର ଦାସ ଓ ମା' ହେଉଛନ୍ତି ବନଲତା ଦାସ। ସେମାନଙ୍କ ନିଜ ଘର କଟକ ଜିଲା ବଡ଼ମ୍ବା ନରସିଂହପୁର ଅଞ୍ଚଳରେ ଏବଂ ଉଭୟ ଭୁବନେଶ୍ୱରରେ ୨୦୦୦ ମସିହାରୁ ରହିଆସୁଥିଲେ। ଦାରିଦ୍ର୍ୟ କାରଣରୁ ୨୦୦୫ରେ ଏହି ଦମ୍ପତି ତାଙ୍କ ନିଜ ଝିଅ ଓ ପୁଅକୁ ଅନାଥ ଆଶ୍ରମରେ ଛାଡ଼ିଦେଇଥିଲେ। ସେବେଠାରୁ ତାଙ୍କର କିଛି ଖୋଜଖବର ନାହିଁ। ତେବେ ସ୍ନେହା ପୋଲିସ କମିଶନରଙ୍କୁ ଭେଟିବା ପରେ ତାଙ୍କ ମା'ବାପାଙ୍କୁ ଖୋଜି ଆଣିବା ପାଇଁ କମିଶନର ପ୍ରତିଶ୍ରୁତି ଦେଇଛନ୍ତି। ଏପରିକି ଏଥିପାଇଁ ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ପୋଲିସ କମିଶନର ସିଂ ସୂଚନା ଦେଇଛନ୍ତି।


**NATIONAL COMPETITIVE BIDDING THROUGH e-Procurement**

Tel.No.06752222092, e-mail id- eerwpuri@gmail.com

No.O-1092: TCN No.TENDER ONLINE-08 OF 2024-25

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 1 No. of work for the year 2024-25 in the District of Puri. 1. Total no. of works:1 no., 2. Tender cost of packages: Amount varies from Rs.66.57 lakhs. 3. Class of Contractor: As per DTCN. 4. Period of completion: 2 (Two) Calendar Months. 5. Period of availability of tenders on-line / Date and time of bidding on-line/ last date of seeking clarification/ Date of Opening of tender papers.

| Procurement Officer | Bid Identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Puri | Online-08 | 08.01.2025 at 11.00 A.M. | 17.01.2025 upto 5.00 P.M. | 15.01.2025 upto 01.30 P.M. | 18.01.2025 at 12.00 Noon Office of the S.E., R.W. Division, Puri | Will be intimated to qualified bidders through the website later |

6. Other details can be seen in the bidding documents, which is available in website "https://tendersodisha.gov.in."

OIPR-25065/11/0011/2425 Sd./- Superintending Engineer, R.W.Division, Puri

**GOVERNMENT OF ODISHA** No.O-1024
**OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR**

Letter No.40592, Dated 24.12.24, Email i.d.: crew_bbsr@yahoo.com
"e" Procurement Notice for Bridge Works in Odisha
(Online-02 (Bridge)/ 2024-25, Dt.24.12.2024)

1.Name of the Work: Construction of bridge work. 2. Total No.of Works: 05 (Five) Nos. 3. Estimated Cost: Rs.1120.56 to 2832.69 Lakh. 4. Class of Contractor: "A" Class, "Special" & "Super" Class as applicable. 5. Period of Completion: As mentioned in Column 7 of TCN. 6. Other details:

| Procurement Officer | Bid Identification No. | No. of Bridge Works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha, Bhubaneswar | Online-02 (Bridge) /2024-25 | 05 (Five) Nos. | 06.01.2025 at 11.00 A.M. | 22.01.2025 Upto 5.00 P.M. |

Other details can be seen in the bidding documents, which will be available in website www.tendersorissa.gov.in.

Sd./-Chief Engineer (Buildings & Bridges)
Rural Works, Odisha, Bhubaneswar
OIPR-25191/11/0001/2425

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, DEOGARH**

E-mail Id- eerw_deogarh@yahoo.co.in

No.O-1051 E-Procurement Notice
BID IDENTIFICATION NO.SERWDGH-Online-07/2024-25

1. **No. of Building Works:-** (15 Nos.)
2. **Estimated Cost:-** Rs.32.29 Lakhs to Rs.36.86 Lakhs
3. **Mode of Submission of tender:-** Tender shall be submitted online in www.tendersodisha.gov.in
4. **Availability of tender for online bidding:- 06.01.2025, 10.00 A.M. to 17.01.2025 upto 5.00 P.M.**
5. **Date and time of opening of tender:- 18.01.2025, 11.00 A.M.**
6. Other details can be seen from the website:- **www.tendersodisha.gov.in.**
7. Corrigendum/ Addendum if any shall only be published in the above website.

Sd./-
Additional Chief Engineer
S.E. (I/C) R.W. Division, Deogarh
OIPR-25087/11/0007/2425

**OFFICE OF THE SUPERINTENDING ENGINEER (AGRIL.), NORTHERN ZONE, SAMBALPUR, ODISHA**

Govt. of Odisha

E-mail ID - senzsambalpur@gmail.com
"e" -Procurement Notice No - 10 /Agril, Date - 01.01 2025
Bid Identification No. : 03/Agril./NZ/2024-25 dt.01.01.2025

No.L-132 : The Superintending Engineer (Agril.), Northern Zone, Sambalpur, Odisha on behalf of Governor of Odisha, invites percentage rate bids in double cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in", for the work as detailed below(Composite Tender)

| | | | |
|---|---|---|---|
| 1. | Nature/Type of the work | : | 1 no. Precast RCC Boundary Wall & 1 no. Seed Storage Godown |
| 2. | Estimated Cost put to Tender | : | Varies from Rs. 96.52 Lakhs to Rs. 398.88 Lakhs |
| 3. | EMD Amount | : | Varies from Rs. 96523.00 to Rs.398882.00 |
| 4. | Bid Cost | : | Rs. 10,000/- as Mentioned in Column - 07 |
| 5. | Period of completion | : | 06(Six) Calendar Months Mentioned in Column - 08 |
| 6. | No. of work (Tender) | : | 02 no. |
| 7. | Class of Contractor | : | 'B' & "A" class with valid License as Mentioned in Column - 06 |
| 8. | Date & Time of availability of bid document in the portal | : | 04.01.2025 at 10.A.M. to Dt.20.01.2025 at 5.00 P.M. |
| 9. | Last date / Time for receipt of bids in the portal | : | Dt.20.01.2025 at 5.00 P.M. |
| 10 | Date of submission of original documents in the tender box | : | Dt. 06.01.2025 at 10 A.M. to Dt.21.01.2025 at 5.00 P.M. (Working days) only |
| 11 | Date & time of opening of online bids | : | Dt. 22.01.2025 at 11.00 A.M. & onwards |
| 12 | Name and address of the officer inviting Bid | : | Superintending Engineer (Agril.), Northern Zone, Remed Chowk, Sambalpur, Odisha, Pin-768006 |

NB. The Bidders have to participate in ONLINE bidding only in the e- Procurement website: https://tendersodisha.gov.in with matching class DSC. Any addendum / corrigendum / cancellation of tender / other details of the DTCN can also be seen in the said website. Authority reserves the right to reject/ accept any or all of the tenders, increase/decrease the quantities of works without assigning any reasons thereof.

Sd./- Superintending Engineer (Agril.)
Northern Zone, Sambalpur
OIPR-01495/11/0003/2425

**ମଣିଷ ଉଭୟ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବା ଲାଗି ପ୍ରତିଦିନ ନିଜ ଜୀବନଚର୍ଯ୍ୟାରେ ଯୋଗକୁ ସାମିଲ କରିବା ଉପକାରୀ ବୋଲି ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ ମଧ୍ୟ ମତ ଦେଇସାରିଛି। ତେଣୁ କେବଳ ଭାରତ ନୁହେଁ, ଅନ୍ୟ ଦେଶରେ ବି ଯୋଗର ଚାହିଦା ବୃଦ୍ଧିପାଉଛି। ଆଉ ଏହାକୁ ଆଖିଆଗରେ ରଖି ଅଧିକାଂଶ ଯୁବପିଢ଼ି ଫିଟ୍ ରହିବା ପାଇଁ ନିଜେ ଯୋଗ କରିବା ସହ ଏହି ଗ୍ରୋଇଂ ସେକ୍ଟରରେ ବିଭିନ୍ନ କୋର୍ସ କରି କ୍ୟାରିୟର ଗଢ଼ିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି...**



# ଯୋଗମୁହାଁ ଯୁବପିଢ଼ି

ପୃଥିବୀର ସବୁଠୁ ସମୃଦ୍ଧ ତଥା ପ୍ରାଚୀନ ପରମ୍ପରା ମଧ୍ୟରେ ଭାରତୀୟ ଜ୍ଞାନ ପରମ୍ପରା ସବୁଠୁ ଊର୍ଦ୍ଧ୍ୱରେ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଏହା ବେଦ, ପୁରାଣ, ଉପନିଷଦଠୁ ଆରମ୍ଭ କରି ଦର୍ଶନ, କଳା, ବିଜ୍ଞାନ, ଗଣିତ, ଯୋଗ ଏବଂ ଆୟୁର୍ବେଦ ଚିକିତ୍ସା ପର୍ଯ୍ୟନ୍ତ ବିସ୍ତୃତ। ଯାହାକୁ ବର୍ତ୍ତମାନର ମଡର୍ନ ଶିକ୍ଷା ବ୍ୟବସ୍ଥାରେ ପୁନର୍ଜୀବିତ କରି ନୂଆ ପିଢ଼ିଙ୍କୁ ଏହା ସହିତ ପରିଚୟ କରାଯିବାର ଉଦ୍ୟମ କରାଯାଉଛି। ଆଉ ଏଥିପାଇଁ ପାଠ୍ୟକ୍ରମରେ ଏହିସବୁ ଶିକ୍ଷାକୁ ମଧ୍ୟ ସାମିଲ କରାଯାଉଛି ଏବଂ ଏଥିରେ କ୍ୟାରିୟର ଅପ୍ସନ ମଧ୍ୟ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ତେବେ ଏହା ମଧ୍ୟରୁ ଯୋଗ ଶିକ୍ଷା ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ବଢୁଥିବା ଦେଖିବାକୁ ମିଳୁଛି।



**କେଉଁଠି ଏବଂ କ'ଣ ରହିଛି କୋର୍ସ:** ଭାରତୀୟ ପରମ୍ପରାରେ ଯୋଗ ଏବଂ ଧ୍ୟାନର ମହତ୍ତ୍ୱକୁ ପ୍ରାଚୀନ କାଳରୁ ବେଶ୍ ଗୁରୁତ୍ୱ ଦିଆଯାଇଛି। ଏଥିରେ ମାନସିକ, ଶାରୀରିକ ତଥା ଆତ୍ମିକ ସନ୍ତୁଳନ ରକ୍ଷା କରିବାର ଏକ ପ୍ରମୁଖ ସାଧନା ବୋଲି ଗ୍ରହଣ କରାଯାଇଛି। ତେଣୁ ଆଜିର ବ୍ୟସ୍ତବହୁଳ ଜୀବନରେ ଅନେକଙ୍କଠାରେ ଦେଖାଦେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବା ଲାଗି ଯୋଗ ସବୁଠୁ ବଡ଼ ମହୌଷଧି ବୋଲି ଗ୍ରହଣ କରାଯାଉଛି। ବର୍ତ୍ତମାନ ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ବିଶ୍ୱବିଦ୍ୟାଳୟରେ ଯୋଗ ଶିକ୍ଷା ଭଳି ସମୃଦ୍ଧ ଭାରତୀୟ ପରମ୍ପରାକୁ ସଂରକ୍ଷଣ ସହିତ ଏହାର ପ୍ରସାର ପ୍ରଚାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଦିନକୁ ଦିନ ଏହାର ବଢୁଥିବା ଡିମାଣ୍ଡକୁ ଆଖିଆଗରେ ରଖି ଅନେକେ ଏଥିରେ ବିଭିନ୍ନ କୋର୍ସ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ବର୍ତ୍ତମାନ ଯୁବପିଢ଼ିଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ବନାରସ୍ ହିନ୍ଦୁ ୟୁନିଭର୍ସିଟି(ବିଏଚ୍‌ୟୁ), ଇନ୍ଦିରା ଗାନ୍ଧୀ ନ୍ୟାଶନାଲ୍ ଓପନ୍ ୟୁନିଭର୍ସିଟି(ଇଗ୍ନୁ), ୟୁନିଭର୍ସିଟି ଅଫ୍ ପତଞ୍ଜଳି, ସ୍ୱାମୀ ବିବେକାନନ୍ଦ ସୁଭର୍ତି ୟୁନିଭର୍ସିଟି, ଶ୍ରୀ ଶ୍ରୀ ୟୁନିଭର୍ସିଟି, ଉତ୍କଳ ୟୁନିଭର୍ସିଟି, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୟୋଗିକ୍ ସାଇନ୍ସ ଆଣ୍ଡ ରିସର୍ଚ୍ଚ ସମେତ ଭାରତର ଅଧିକାଂଶ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଅନେକ ଛୋଟ ବଡ଼ ସଂସ୍ଥାନଗୁଡ଼ିକରେ ଯୋଗ କୋର୍ସ କରିବାର ବ୍ୟବସ୍ଥା ଉପଲବ୍ଧ ରହିଛି। ଯୋଗରେ ଡିପ୍ଲୋମା, ବ୍ୟାଚେଲର୍ ଏବଂ ମାଷ୍ଟର ଡିଗ୍ରୀ କୋର୍ସ ସହିତ ଅନେକ ଶର୍ଟଟର୍ମ ସ୍ପେଶିଆଲାଇଜେଶନ୍ କୋର୍ସ କରିବାର ସୁବିଧା ରହିଛି।







**କ୍ୟାରିୟର ଅପ୍ସନ:** ବର୍ତ୍ତମାନ ଅଧିକାଂଶ ସ୍କୁଲରେ ଯୋଗ ଶିକ୍ଷାଦାନ କରାଯିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ତେଣୁ ଯୋଗ ଶିକ୍ଷକ ଶିକ୍ଷୟିତ୍ରୀ ନିୟୋଜିତ ହେବା ସବୁଜ ସଂକେତ। ସେହିପରି ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଦପ୍ତରରେ ଏବେ ଯୋଗ ପ୍ରଶିକ୍ଷକଙ୍କ ନିଯୁକ୍ତି ହେଉଛି। ଜଣେ ଚାହିଁଲେ ଟ୍ରେନର ଭାବେ ବିଭିନ୍ନ ସ୍ଥାନରେ ଯୋଗ ଶିକ୍ଷା ଦେଇପାରିବେ। ଅନ୍‌ଲାଇନ୍‌ରେ ମଧ୍ୟ ଏବେ ଜଣେ ଚାହିଁଲେ ଯୋଗ ଟ୍ରେନିଂ ଦେଇ ଖୁବ୍ ଭଲ ରୋଜଗାର କରିପାରିବେ। କେବଳ ଏତିକି ନୁହେଁ ବର୍ତ୍ତମାନ ବିଦେଶରେ ଯୋଗର ଡିମାଣ୍ଡ ଖୁବ୍ ବଢ଼ିଛି ଏବଂ ସେମାନେ ଟ୍ରେନର ଭାବେ ଭାରତୀୟ ଯୋଗଗୁରୁଙ୍କୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଆଉ ଏହା ଆଗକୁ ଆମ ଦେଶର ଯୁବପିଢ଼ିଙ୍କ ପାଇଁ ଏକ ଭଲ କ୍ୟାରିୟର ଅପ୍ସନ ହୋଇପାରିବ ସେଥିରେ ସନ୍ଦେହ ନାହିଁ।

—ପୌର୍ଣ୍ଣମାସୀ

## ଫିଟ୍ ରଖିବା ସହ ଦେଉଛି କ୍ୟାରିୟର ଗଢ଼ିବାର ସୁଯୋଗ



**ଅଭିଷେକ ମହାନ୍ତି(ଯୋଗଗୁରୁ, ଭୁବନେଶ୍ୱର):** ଯୋଗ ଏକ ସୁସ୍ଥ ଜୀବନର ଅଭିନ୍ନ ଅଂଶ, ଏ କଥା ନିଜେ ଅନୁଭବ କରିଛି। ଯେତେ ଅଣ ସଂକ୍ରାମକ ରୋଗ ଅଛି ସେସବୁର ଏଲୋପାଥିକ ଚିକିତ୍ସା ନାହିଁ। ତାହା କେବଳ ଯୋଗ ମାଧ୍ୟମରେ ନିୟନ୍ତ୍ରଣ ଏବଂ ଉପଶମ ହୋଇପାରିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯୋଗ ହେଉଛି କ୍ରୋଧ, ଅବସାଦ ଭଳି ମାନସିକ ରୋଗର ମହୌଷଧି। ମଣିଷ ଉଭୟ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବା ଲାଗି ପ୍ରତିଦିନ ନିଜ ଜୀବନଚର୍ଯ୍ୟାରେ ଯୋଗକୁ ସାମିଲ କରିବା ଉପକାରୀ ବୋଲି ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ ମଧ୍ୟ ମତ ଦେଉଛି। କଲେଜରେ ପଢ଼ିବା ବେଳେ ମୋତେ ଜଣ୍ଡିସ୍ ହୋଇଥିଲା। ଦୀର୍ଘ ଦିନ ପରେ ଯଦିଓ ସୁସ୍ଥ ହୋଇଥିଲି ହେଲେ ଏକ ପ୍ରକାର ଡିପ୍ରେଶନକୁ ଚାଲିଯାଇଥିଲି। ଜଣେ ବନ୍ଧୁଙ୍କ ପରାମର୍ଶରେ ଯୋଗ ଆରମ୍ଭ କରିଥିଲି। ପ୍ରଥମେ ରବିଶଙ୍କର ଜୀଙ୍କ ଶ୍ରୀ ଶ୍ରୀ ୟୁନିଭର୍ସିଟିରେ ସୁଦର୍ଶନ କ୍ରିୟା ଅଭ୍ୟାସ ପରେ ଏକ ଅଦ୍ଭୁତ ପରିବର୍ତ୍ତନ ଅନୁଭବ କଲି। ସେଠାରେ ଯୋଗରେ ବ୍ୟାଚେଲର ଡିଗ୍ରୀ ହାସଲ କରିବା ପରେ ଇନ୍ଦିରା ଗାନ୍ଧୀ ନ୍ୟାଶନାଲ୍ ଓପନ୍ ୟୁନିଭର୍ସିଟି(ଇଗ୍ନୁ)ରେ ପାୱାର ଯୋଗରେ ଏକ ସ୍ପେଶାଲ କୋର୍ସ କରି ଏଥିରେ କ୍ୟାରିୟର ଗଢ଼ିବାକୁ ମନସ୍ଥ କଲି। ବର୍ତ୍ତମାନ ଜଣେ ଯୋଗଗୁରୁ ଭାବେ ଉଭୟ ଅଫଲାଇନ୍ ଏବଂ ଅନ୍‌ଲାଇନ୍‌ରେ ପ୍ରଶିକ୍ଷଣ ଦେବା ସହ ବିଭିନ୍ନ ମିଡିଆ ହାଉସ୍‌ରେ ଯୋଗ ଭିଡିଓ କରୁଛି। ତେବେ ଏ କ୍ଷେତ୍ରରେ କ୍ୟାରିୟର ଗଢ଼ିବା ପ୍ରଶ୍ନ ଉଠିଲେ ମୁଁ କହିବି, ଯୋଗ ଏବେ ଏକ ଗ୍ରୋଇଙ୍ଗ ସେକ୍ଟରରେ ଅନ୍ତର୍ଭୁକ୍ତ ହେଲାଣି। ଆଜିର ଯୁବତୀଯୁବକମାନେ ଏଥିରେ କ୍ୟାରିୟର ଗଢ଼ିଲେ ବେଶ୍ ଭଲ ଭାବେ ରୋଜଗାର କରିପାରିବେ ଏବଂ ସର୍ବୋପରି ନିଜେ ଫିଟ୍ ମଧ୍ୟ ରହିପାରିବେ।

### ୟୁଥ୍ କ୍ଲବ୍

## ବସ୍ତି ଶିଶୁଙ୍କ ମୁହଁରେ ହସ ଫୁଟାଉଛି ସାତ୍ତ୍ୱିକ ସୋଲ୍

ବେଳାଭୂମି ସଫେଇ ଅଭିଯାନ ମାଧ୍ୟମରେ ଜଳବାୟୁ ନିୟନ୍ତ୍ରଣ ବାର୍ତ୍ତା ଦେବାଠୁ ଆରମ୍ଭ କରି ବସ୍ତି ଅଞ୍ଚଳ ଶିଶୁଙ୍କ ମୁହଁରେ ହସ ଫୁଟାଇବା ଲକ୍ଷ୍ୟ ନେଇ ଆଜକୁ ଦୀର୍ଘ ୬ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି ବ୍ରହ୍ମପୁରରେ ଥିବା ସାତ୍ତ୍ୱିକ ସୋଲ ଫାଉଣ୍ଡେଶନର ସଦସ୍ୟମାନେ। ୨୦୧୯ ମସିହାରେ ସତ୍ୟବ୍ରତ ସାମଲଙ୍କ ଦ୍ୱାରା ମାତ୍ର ୫ ଜଣ ସଦସ୍ୟଙ୍କୁ ନେଇ ପ୍ରତିଷ୍ଠା ହୋଇଥିବା ଏହି ଫାଉଣ୍ଡେଶନ୍‌ରେ ବର୍ତ୍ତମାନ ସଦସ୍ୟ ସଂଖ୍ୟା ୬୦। ପ୍ରତିଷ୍ଠା ପରେ ସର୍ବପ୍ରଥମେ ପାରାଦୀପ ବେଳାଭୂମି ସଫେଇ କାର୍ଯ୍ୟ କରି ପରିବେଶ ପ୍ରଦୂଷଣ ରୋକିବା ଦିଗରେ ସଚେତନତା କାର୍ଯ୍ୟ କରାଯାଇଥିଲା। ଏହାପରେ ଅନେକ ସଚେତନତାମୂଳକ କାର୍ଯ୍ୟ କରିବା ପରେ ୨୦୨୧ ମସିହାରେ ଫାଉଣ୍ଡେଶନଟି ପଞ୍ଜୀକରଣ ହୋଇଥିଲା। ବର୍ତ୍ତମାନ ଏହାର କାର୍ଯ୍ୟ କେବଳ ବ୍ରହ୍ମପୁର ବା ଗଞ୍ଜାମ ଜିଲାରେ ସୀମିତ ନାହିଁ ବରଂ ରାଜ୍ୟର କଟକ, ଜଗତସିଂହପୁର, ଯାଜପୁର ଓ ଖୋର୍ଦ୍ଧା ଭଳି ୧୮ଟି ଜିଲା ସହିତ ଦେଶର ୧୨ଟି ରାଜ୍ୟରେ ଏହି ଫାଉଣ୍ଡେଶନ କାର୍ଯ୍ୟ କରୁଛି। କୋଭିଡ ସମୟରେ ରୋଗୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା, ଅକ୍ସିଜେନ ଯୋଗାଣ, ରୋଗୀ ସେବା କାର୍ଯ୍ୟ କରିଥିଲେ। ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ସଚେତନତାକୁ ନେଇ ଏହି ଅନୁଷ୍ଠାନ ପକ୍ଷରୁ ଅଧିକ କାର୍ଯ୍ୟ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୭୦୦ରୁ ଊର୍ଦ୍ଧ୍ୱ ବେଳାଭୂମି ସଫେଇ ଅଭିଯାନ କାର୍ଯ୍ୟ ସରିଛି। ଏଥିସହ ୨୦୦ରୁ ଊର୍ଦ୍ଧ୍ୱ ବୃକ୍ଷ ରୋପଣ ମଧ୍ୟ କରାଯାଇଛି। ୟୁନିସେଫ, ୟୁଏନଇପି, ସୈନ୍ୟବାହିନୀ, ଏନ୍‌ସିସି, ଏନ୍ଏସ୍ଏସ୍, ସ୍କାଉଟଙ୍କ ସହ ମିଳିତ ଭାବେ ଏହି ଫାଉଣ୍ଡେଶନ ବିଭିନ୍ନ ସଚେତନତା କାର୍ଯ୍ୟ କରିଆସୁଛି। ବ୍ରହ୍ମପୁର ସହରର ୪ଟି ବସ୍ତିର ପିଲାଙ୍କ ସହ ରାଜ୍ୟର ଅନ୍ୟ ୧୮ଟି ଜିଲାରେ ରହିଥିବା ବସ୍ତିର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ମାଗଣାରେ ପାଠ ପଢାଯାଉଛି। ରାଜ୍ୟରେ କିଶୋରୀ ଝିଅଙ୍କୁ ପ୍ରାୟ ୧୦,୦୦୦ ସାନିଟାରି ପ୍ୟାଡ୍ ବଣ୍ଟନ କରାଯାଇଛି ବୋଲି ଫାଉଣ୍ଡେଶନର ଜିଲା କୋଅର୍ଡିନେଟର ଭାରତ ଗୌରବ ଦାଶ କହିଛନ୍ତି। ସହରରେ ରହିଥିବା ବିଭିନ୍ନ ପୋଖରୀ ସଫେଇ ପାଇଁ ଯୋଜନା କରାଯାଇଛି। ୱାଟର ସାଇକେଲ ନିର୍ମାଣ କରାଯାଇଛି। ଆଗାମୀ ଦିନରେ ପୋଖରୀ ଭିତରେ ରହିଥିବା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଚିହ୍ନଟ ସହ ସଫେଇ ପାଇଁ ଏକ ମେଶିନ ନିର୍ମାଣ କରିବାକୁ ଯୋଜନା ରଖିଛନ୍ତି। ୫୦୦୦ ପ୍ଲାଷ୍ଟିକ ବୋତଲ ଠିପିରେ ଖଲିକୋଟ ବିଶ୍ୱବିଦ୍ୟାଳୟରେ ୱାଲ ନିର୍ମାଣ କରି ୨୦୨୩ ମସିହାରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ହାସଲ କରିଛନ୍ତି ଏହି ଅନୁଷ୍ଠାନର ସଦସ୍ୟମାନେ। ସେହିପରି ଆମ୍ବପୁଆ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ୬୦୦୦ ପ୍ଲାଷ୍ଟିକ ବୋତଲ ଠିପିରେ ଡିଭାଇନ ୱାଲ୍ ତଥା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ନିର୍ମାଣ କରି ଇନଫ୍ଲୁଏନସର ଅଫ ୱାର୍ଲ୍ଡ ରେକର୍ଡ ୨୦୨୪ ମସିହାରେ ହାସଲ କରିଛନ୍ତି। ଏଥିସହ ପ୍ରତିଭା ଯୋଜନାରେ ବସ୍ତିରେ ଶିଶୁଙ୍କୁ ନୃତ୍ୟ ଶିକ୍ଷା ଯୋଗାଇ ଦେଉଛନ୍ତି। ଏଭଳି ସମାଜଧର୍ମୀ କାର୍ଯ୍ୟ ପାଇଁ ଅନୁଷ୍ଠାନକୁ ବ୍ରହ୍ମପୁରରେ ମହିଳା ଦିବସରେ ଓ ପୁରୀରେ ରାଜ୍ୟ ସ୍ତରୀୟ ପୁରସ୍କାର ମିଳିଛି। ୨୦୨୩ ମସିହାରେ ଧରିତ୍ରୀ ଖବରକାଗଜର ୟୁଥ୍ କନ୍‌କ୍ଲେଭରେ ୟୁଥ ଲିଡର ଭାବେ ପୁରସ୍କୃତ ହୋଇଛି। ୨୦୨୪ ଧରିତ୍ରୀ ୟୁଥ କନ୍‌କ୍ଲେଭରେ ଲିଡର ମିଟରେ ଆୟୋଜକ ଭାବେ ରହିଥିଲେ। ଏଥିସହ ଫାଉଣ୍ଡେଶନର ସଦସ୍ୟମାନେ ଜାତୀୟ ସ୍ତରରେ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଏଥିସହ କଟକ ଓ ପାରାଦୀପ ଭଳି ବାଲିଯାତ୍ରାରେ ସମ୍ମର୍ଦ୍ଧିତ ହୋଇଛନ୍ତି। ଆଗାମୀ ଦିନରେ ସହରର ୧୦୦୦ ଜଣ ଯୁବକଙ୍କୁ ଫାଉଣ୍ଡେସନର ସଦସ୍ୟ ପାଇଁ ଯୋଜନା ରଖାଯାଇଛି ସଦସ୍ୟମାନେ ମତ ପ୍ରକାଶ କରିଛନ୍ତି।




—ସ୍ମୃତିରଞ୍ଜନ ମହାଲିକ

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ଓମ୍‌କାରେଶ୍ୱର ଫ୍ଲୋଟିଂ ସୋଲାର ପ୍ରୋଜେକ୍ଟ ........... ରାଜ୍ୟରେ ଶୁଭାରମ୍ଭ କରାଯାଇଛି ?
୨– ମାଇଆ ସାନ୍ଦୁ ନିକଟରେ ..........ର ନୂଆ ପ୍ରେସିଡେଣ୍ଟ ଭାବେ ଯୋଗ ଦେଇଛନ୍ତି ?
୩– ଫ୍ରାଙ୍କ୍ ରୁବିଓ ଜଣେ ........... ?
୪– କାରାଇଭେଟି ପକ୍ଷୀ ଅଭୟାରଣ୍ୟ .............. ରାଜ୍ୟରେ ଅବସ୍ଥିତ ?
୫– କାବେରି ଇଞ୍ଜିନ୍ .......... ଅନୁଷ୍ଠାନ ପକ୍ଷରୁ ନିର୍ମାଣ କରାଯାଇଛି ?

## ଗତ ଥରର ଉତ୍ତର

୧ ଥିରୁଭାନନ୍ତପୁରମ୍
୨ ଏସ୍. ଜୟଶଙ୍କର
୩ ହିମାଚଳ ପ୍ରଦେଶ
୪ କ୍ରିକେଟ
୫ ସୈଦ୍ ଅମୀର୍ ଅଲି

## ଉତ୍ତରଦାତା


ସଞ୍ଜୟ କୁମାର ଦଳାଇ
ଭଦ୍ରକ


ଶେଖ୍ ୟାକୁବ୍
ଗୋପ



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର


ଅମିତ ସାମଲ
ଯାଜପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସର୍ବାଧିକ ବେତନ ପାଇଥିବା କ୍ରୀଡ଼ାବିତ୍ ୨୦୨୪



୧– କ୍ରିଷ୍ଟିଆନୋ ରୋନାଲ୍ଡୋ..... ୨୬୦ମିଲିୟନ୍ ଡଲାର୍
୨– ଜନ୍ ରାମ୍ ..... ୨୧୮ ମିଲିୟନ୍ ଡଲାର୍
୩– ଲିଓନେଲ୍ ମେସି ..... ୧୩୫ ମିଲିୟନ୍ ଡଲାର୍
୪– ଲିବ୍ରୋନ୍ ଜେମ୍ସ ..... ୧୨୮.୨ମିଲିୟନ୍ ଡଲାର୍
୫– ଜିଆନିସ୍ ଆଣ୍ଟେଟୋକୋମ୍ପୋ ..... ୧୧୧ ମିଲିୟନ୍ ଡଲାର୍
୬– କିଲିଆନ୍ ବାପ୍ପେ ..... ୧୧୦ ମିଲିୟନ୍ ଡଲାର୍
୭– ନେମାର୍..... ୧୦୮ ମିଲିୟନ୍ ଡଲାର୍
୮– କରିମ୍ ବେଞ୍ଜେମା ..... ୧୦୬ ମିଲିୟନ୍ ଡଲାର୍
୯– ଷ୍ଟିଫେନ୍ କରୀ ..... ୧୦୨ ମିଲିୟନ୍ ଡଲାର୍
୧୦– ଲାମାର୍ ଜ୍ୟାକସନ୍ ..... ୧୦୦.୫ ମିଲିୟନ୍ ଡଲାର୍

### ୟୁଥ୍ ଆଲର୍ଟ

## ସାପ କାମୁଡ଼ିଲେ

**ପୃଥିବୀରେ ଅନେକ ପ୍ରକାର ସାପ ଦେଖାଯାଆନ୍ତି, ଯାହା ମଧ୍ୟରୁ ପ୍ରାୟ ୨୦ ପ୍ରତିଶତ ସାପ ବିଷାକ୍ତ। ଏଭଳି ବିଷଧର ସାପ କାମୁଡିଲେ କେବେ କେବେ ମଣିଷର ଜୀବନ ମଧ୍ୟ ଚାଲିଯାଏ। ତେଣୁ ଏଭଳି ପରିସ୍ଥିତି ଉପୁଜିଲେ ଜୀବନ ରକ୍ଷା କରିବା ଲାଗି କେଉଁ ଦିଗ ପ୍ରତି ବିଶେଷ ଧ୍ୟାନ ରଖିବା ଆବଶ୍ୟକ, ଜାଣିରଖନ୍ତୁ...**



- ସାପ କାମୁଡ଼ିଲେ ସର୍ବପ୍ରଥମେ କୌଣସି ଦେଶୀ ଚିକିତ୍ସା କରିବା ପରିବର୍ତ୍ତେ ରୋଗୀକୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇବା ନିହାତି ଆବଶ୍ୟକ। କାରଣ ଯେତେ ଶୀଘ୍ର ଚିକିତ୍ସା ଆରମ୍ଭ ହେବ ସେତେ ଶୀଘ୍ର ରୋଗୀ ଆରୋଗ୍ୟ ହୋଇପାରିବ।
- ତତ୍‌କ୍ଷଣାତ୍ ସାପ କାମୁଡା ସ୍ଥାନକୁ କୌଣସି ଆଣ୍ଟିସେପ୍ଟିକ୍ ଲୋଶନ୍ କିମ୍ବା ସୋପ୍ ଲଗାଇ ଧୋଇଦିଅନ୍ତୁ।
- ସାପ କାମୁଡିଲେ ଭୟରେ ମଣିଷର ହୃଦ୍ ସ୍ପନ୍ଦନ ଖୁବ୍ ଜୋର୍‌ରେ ବଢିଯାଇଥାଏ, ଯଦ୍ୱାରା ଶରୀରରେ ରକ୍ତସଞ୍ଚାଳନ ତୀବ୍ର ହେବା ଦ୍ୱାରା ବିଷ ସାରା ଦେହରେ ଖେଳିଯିବା କାରଣରୁ ଚିକିତ୍ସା କଷ୍ଟକର ହୋଇପଡେ। ତେଣୁ ସାପ କାମୁଡିଲେ ହଠାତ୍ ଡରି ନ ଯାଇ ମନକୁ ସ୍ଥିର ରଖି ଡାକ୍ତରଖାନା ଯାଇ ଚିକିତ୍ସା କରାଇଲେ ମୃତ୍ୟୁ ଆଶଙ୍କାକୁ ଏଡାଇଦିଆ ଯାଇପାରେ।
- ଅନେକ ସମୟରେ କାହାକୁ ସାପ କାମୁଡ଼ିଲେ ଲୋକେ ବିଷ ରୋଗୀର ଶରୀରରେ ଖେଳି ନ ଯିବା ପାଇଁ କେବଳ ପ୍ରଭାବିତ ଅଙ୍ଗକୁ ଖୁବ୍ ଜୋର୍‌ରେ ବାନ୍ଧି ଦିଅନ୍ତି। ହେଲେ ବିଶେଷଜ୍ଞଙ୍କ ମତରେ ଏପରି କରିବା ଦ୍ୱାରା ଉକ୍ତ ଅଙ୍ଗରେ ଦୀର୍ଘ ସମୟ ରକ୍ତ ସଞ୍ଚାଳନ ନ ହୋଇ ପାରିବା କାରଣରୁ ତାହା ସ୍ଥାୟୀ ରୂପେ ଅକାମୀ ହୋଇଯିବା କିମ୍ବା ପାରାଲିସିସ୍ ଭଳି ରୋଗ ମଧ୍ୟ ଦେଖାଦେଇଥାଏ।
- ଆୟୁର୍ବେଦ ବିଶେଷଜ୍ଞଙ୍କ ମତ ଅନୁଯାୟୀ କାହାକୁ ସାପ କାମୁଡ଼ିଲେ ତୁରନ୍ତ ଘିଅ ଖୁଆଇ କିଛି ସମୟ ମଧ୍ୟରେ ବାନ୍ତି କରାଇଦେଲେ ଅଧିକ ବିଷ ଶରୀର ଭିତରକୁ ଯାଇପାରି ନ ଥାଏ। ସେହିପରି ଉଷୁମ ଖାଦ୍ୟ ମଧ୍ୟ ବାରମ୍ବାର ଖୁଆଇ ବାନ୍ତି କରାଇପାରିଲେ ମଧ୍ୟ ଭଲ। ହେଲେ ଚା କିମ୍ବା କଫି ଏ ସମୟରେ ପିଇବାକୁ ଆଦୌ ଦେବା ଠିକ୍ ନୁହେଁ। କାରଣ ତାହା ବିଷକୁ ଶୀଘ୍ର ଶରୀରରେ ମିଶାଇବାରେ ସାହାଯ୍ୟ କରିଥାଏ।
- ଜଣଙ୍କୁ ସାପ କାମୁଡ଼ିଲେ କେହି କେହି ପାଟି ଲଗାଇ ଉକ୍ତ ସ୍ଥାନରୁ ରକ୍ତ ସହ ବିଷ ଶୋଷିବାକୁ ଚେଷ୍ଟା କରନ୍ତି। ହେଲେ ମେଡିକାଲ୍ ସାଇନ୍ସ ଅନୁଯାୟୀ ଏହା ଆଦୌ ନିରାପଦ ନୁହେଁ।



# ୭ରୁ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଫର୍ମ ପୂରଣ

କଟକ,୪।୧(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ନିମନ୍ତେ ଫର୍ମ ପୂରଣ ଆସନ୍ତା ୭ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ଜରିଆରେ ହେବ। ସରକାରୀ ସ୍ୱୀକୃତିପ୍ରାପ୍ତ ସମସ୍ତ ଓଡ଼ିଆ ମାଧ୍ୟମ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ୟୁଜିଏମ୍‌ଇ, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ/ପ୍ରଧାନ ଶିକ୍ଷକଙ୍କୁ ଏନେଇ ବୋର୍ଡ ପକ୍ଷରୁ ଅବଗତ କରାଯାଇଛି। ଷଷ୍ଠ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଷ୍ଟେଜ୍-୧ ପରୀକ୍ଷା ଏବଂ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଷ୍ଟେଜ୍-୨ ପରୀକ୍ଷାର ବ୍ୟବସ୍ଥା ହୋଇଛି। ପ୍ରାଥମିକ, ଉଚ୍ଚ ପ୍ରାଥମିକ, ୟୁଜିଏମ୍‌ଇ ସ୍କୁଲ ଛାତ୍ରୀଛାତ୍ରଙ୍କ ଷ୍ଟେଜ୍-୧ ପରୀକ୍ଷାର ଫର୍ମ ପୂରଣ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ଏବଂ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଷ୍ଟେଜ୍-୧ ଓ ଷ୍ଟେଜ୍-୨ ପରୀକ୍ଷା ଫର୍ମ ପୂରଣ ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କ ଜରିଆରେ କରାଯିବ। ଅନ୍‌ଲାଇନ ଆବେଦନ ପାଇଁ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ଲିଙ୍କ୍ ଆବେଦନ ସମୟସୀମା ମଧ୍ୟରେ ଉପଲବ୍ଧ ହେବ। ମେଧାବୃତ୍ତି ପରୀକ୍ଷା ନିମନ୍ତେ କୌଣସି ଦେୟ ଦାଖଲ କରିବାକୁ ପଡ଼ିବ ନାହିଁ। ଆବେଦନ କରିବାର ନିୟମାବଳୀ ଏବେ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଛି। ପରୀକ୍ଷାର ଧାର୍ଯ୍ୟ ତାରିଖ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ଜରିଆରେ ଅବଗତ କରାଯିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ଦୁର୍ଘଟଣା ରୋକିବ...

ପାଇଁ ସେ ପରାମର୍ଶ ଦେଇଛନ୍ତି। ସଚେତନତା କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବୀ କରିବାକୁ ମୁଖ୍ୟମନ୍ତ୍ରୀ ସଭାସ୍ଥଳରୁ ଶ୍ରୀରାମ ମନ୍ଦିର ଯାଏ ଅନ୍ୟ ଅତିଥିମାନଙ୍କ ସହ ପଦଯାତ୍ରା କରିଥିଲେ। ଯାହା ଛାତ୍ରୀଛାତ୍ର, ଯାନ ଚାଳକ ତଥା ସାଧାରଣ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଭରି ଦେଇଥିଲା। ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୧୦ ବର୍ଷରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୪୭ ହଜାରରୁ ଅଧିକ ଜୀବନ ଯାଇଛି। ଏହା ଅତ୍ୟନ୍ତ ଚିନ୍ତାଜନକ। ସଡ଼କ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା କମ୍ କରିବାକୁ ସମସ୍ତଙ୍କୁ ଉଦ୍ୟମ କରିବାକୁ ହେବ। ସମୟ ଆସିଯାଇଛି, ସଡ଼କ ସୁରକ୍ଷାକୁ ଜନ ଅଭିଯାନରେ ପରିଣତ କରିବାକୁ ହେବ। ସୁରକ୍ଷିତ ଘରକୁ ଫେରନ୍ତୁ ସ୍ଲୋଗାନ ସହ ସମସ୍ତଙ୍କୁ ସଡ଼କ ସୁରକ୍ଷା ନିୟମ ମାନି ସୁରକ୍ଷିତ ଭାବରେ ଘରକୁ ଫେରିବାକୁ ସେ ନିବେଦନ କରିଛନ୍ତି। ଏହି ସଚେତନତା ବାର୍ତ୍ତାକୁ ପ୍ରତି ସହର, ପ୍ରତି ଗାଁ ଓ ଘରେ ଘରେ ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏହି ଅଭିଯାନରେ ସମାଜର ସବୁ ବର୍ଗର ବ୍ୟକ୍ତି, ଅନୁଷ୍ଠାନ, ସଙ୍ଗଠନ ଯୋଡ଼ି ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଦୁର୍ଘଟଣା ରୋକିବା ପାଇଁ ରାଜ୍ୟର ସବୁ ବସ୍‌ରେ ସ୍ମାର୍ଟ ଡିଭାଇସ୍ ସଂଲଗ୍ନ କରାଯିବ ବୋଲି ସେ କହିଛନ୍ତି।

ଏହି ଅବସରରେ ସଡ଼କ ସୁରକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ୨୦୦୦ ନୂତନ ଟ୍ରାଫିକ୍ ପୋଲିସ୍ ପଦବୀ ସୃଷ୍ଟି କରାଯିବା ସହିତ ଚଳିତବର୍ଷ ୫୦୦ ଟ୍ରାଫିକ୍ ପୋଲିସ୍ ପଦବୀ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିସହିତ ଜନସାଧାରଣଙ୍କୁ ସୁଲଭ ଓ ସୁବିଧା ଜନକ ଯାତ୍ରା ପ୍ରଦାନ ଉଦ୍ଦେଶ୍ୟରେ 'ଓଡ଼ିଶା ଯାତ୍ରୀ ଆପ୍' ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ଏହି ଆପ୍ ମାଧ୍ୟମରେ ଜନସାଧାରଣ ଗୋଟିଏ କ୍ଲିକରେ ନିଜର ଗନ୍ତବ୍ୟ ସ୍ଥଳ ପାଇଁ ସହଜରେ ଅଟୋ ଓ ଟ୍ୟାକ୍ସି ପାଇପାରିବେ। ଏହି ବ୍ୟବସ୍ଥା ଉଭୟ ଚାଳକ ଓ ଯାତ୍ରୀଙ୍କ ପାଇଁ ଲାଭଦାୟକ। ପଦଯାତ୍ରା ସମୟରେ ଗୁରୁଦ୍ୱାର ନିକଟରେ ମୁଖ୍ୟମନ୍ତ୍ରୀ ଏକ ନିଃଶୁଳ୍କ ଅସ୍ଥାୟୀ ଚକ୍ଷୁ ପରୀକ୍ଷା କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଶ୍ରୀରାମ ମନ୍ଦିର ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ, ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ରକ୍ଷା କରୁଥିବା ଗୁଡ୍ ସମରିଟାନ୍‌ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି, ସ୍ମାର୍ଟ ଡିଭାଇସ୍ ପାଇଁ ଆଇଆଇଟି ମାଡ୍ରାସ୍ ସହ ରାଜ୍ୟ ସରକାରଙ୍କ ଆଲୋଚନା ଜାରି ରହିଛି। ଏହି ଉପକରଣ ସଂଯୋଗ କରାଯିବା ଦ୍ୱାରା ଡ୍ରାଇଭରଙ୍କ ଆଖିର ଗତିବିଧିକୁ ଟ୍ରାକ୍ କରାଯାଇପାରିବ। ଡ୍ରାଇଭର ଗାଡ଼ି ଚଳାଇବାବେଳେ ଶୋଇପଡ଼ିଲେ ସଙ୍ଗେ ସଙ୍ଗେ ସତର୍କ କରାଇବ। ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସ ନାୟକ, ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର୍ ଖୁରାନିଆ, ପରିବହନ ଆୟୁକ୍ତ ଅମିତାଭ ଠାକୁର, ଓଏସଆରଟିସି ସିଏମ୍‌ଡି ଦୀପ୍ତେଶ ପଟ୍ଟନାୟକ, କ୍ରୁଟ୍ ଏମ୍‌ଡି ଏନ୍. ତିରୁମାଲା ନାଏକ, ସିନେ ତାରକା ସବ୍ୟସାଚୀ ମିଶ୍ରଙ୍କ ସମେତ ଅନେକ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ।

## ଡେଟିଂ ଆପ୍‌ରେ...

ସେ ଦିନରେ ଉକ୍ତ କମ୍ପାନୀ ପାଇଁ କାର୍ଯ୍ୟ କରୁଥିବାବେଳେ ରାତିରେ ଆମେରିକୀୟ ମଡେଲ ସାଜି ବୁମ୍ବଲ, ସ୍ନାପଚାଟ ଆଦି ଡେଟିଂ ଆପ୍‌ଗୁଡ଼ିକରେ ମହିଳାମାନଙ୍କୁ ବ୍ଲାକ୍‌ମେଲିଂ କରୁଥିଲେ। ପୋଲିସ ତୁଷାର ବ୍ୟବହାର କରୁଥିବା ସ୍ମାର୍ଟ ଫୋନକୁ ଜବତ କରିଛି, ଯେଉଁଥିରେ ସେ ଫେକ୍ ଆଇଡି ଚଳାଇ ମହିଳାମାନଙ୍କୁ ବ୍ଲାକମେଲିଂ କରୁଥିଲେ। ସେହିପରି ଅଭିଯୁକ୍ତଙ୍କ ନିକଟରୁ ୧୩ଟି ବ୍ୟାଙ୍କର କ୍ରେଡିଟ୍ କାର୍ଡ ଏବଂ ତାଙ୍କ ମୋବାଇଲରୁ ବିଭିନ୍ନ ଆପତ୍ତିଜନକ ଡେଟା ମଧ୍ୟ ପୋଲିସ ଜବତ କରିଛି। ମହିଳାମାନଙ୍କ ସହ ବନ୍ଧୁତା ସ୍ଥାପନ ପାଇଁ ତୁଷାର ଏକ ଭର୍ଚୁଆଲ ଇଣ୍ଟରନ୍ୟାଶନାଲ ମୋବାଇଲ ନମ୍ବର ବ୍ୟବହାର କରୁଥିଲେ ବୋଲି ଦିଲ୍ଲୀ ପୋଲିସ କହିଛି। ସେ ବିଭିନ୍ନ ଡେଟିଂ ଏବଂ ମେସେଜିଂ ପ୍ଲାଟ୍‌ଫର୍ମଗୁଡ଼ିକରେ ନିଜର ଫେକ୍ ପ୍ରୋଫାଇଲ ପ୍ରସ୍ତୁତ କରି ମହିଳାମାନଙ୍କୁ ଫସାଉଥିଲେ। କେବଳ ବୁମ୍ବଲ ଆପ୍ ମାଧ୍ୟମରେ ୫୦୦ରୁ ଅଧିକ ଏବଂ ସ୍ନାପ୍‌ଚାଟ ଏବଂ ହ୍ୱାଟ୍ସଆପ୍ ଆପ୍ଲିକେଶନ ମାଧ୍ୟମରେ ୨୦୦ରୁ ଅଧିକ ମହିଳାଙ୍କ ସହ ଚାର୍ଟିଂ କରିଥିବା ନେଇ ତୁଷାର ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି। ଘଟଣାକୁ ନେଇ ତଦନ୍ତ ଜାରି ରହିଛି।

## ରାଜଗୋପାଳ ଚିଦାମ୍ବରମ୍‌ଙ୍କ...

ଚିଦାମ୍ବରମ୍ ଚେନ୍ନାଇର ପ୍ରେସିଡେନ୍ସି କଲେଜ ଏବଂ ଆଇଆଇଟି ବେଙ୍ଗାଲୁରୁରୁ ଶିକ୍ଷା ଗ୍ରହଣ କରିଥିଲେ। ୧୯୭୪ର ପ୍ରଥମ ଆଣବିକ ପରୀକ୍ଷାରେ ତାଙ୍କର ସମନ୍ୱିତ ଭୂମିକା ରହିଥିଲା। ୧୯୯୮ରେ ରାଜସ୍ଥାନର ପୋଖରାନ୍‌ଠାରେ ଦ୍ୱିତୀୟ ଆଣବିକ ପରୀକ୍ଷା ବେଳେ ସେ ଆଣବିକ ଶକ୍ତି ବିଭାଗ ଟିମ୍‌ର ନେତୃତ୍ୱ ନେଇଥିଲେ। ତାଙ୍କ ଅବଦାନ ଭାରତକୁ ବିଶ୍ୱସ୍ତରରେ ଏକ ଆଣବିକ ଶକ୍ତିରେ ପରିଣତ କରିଥିଲା। ଜଣେ ବିଶ୍ୱଶ୍ରେଣୀୟ ବୈଜ୍ଞାନିକ ଭାବେ ହାଇପ୍ରେସର ଫିଜିକ୍ସ, କ୍ରିଷ୍ଟାଲୋଗ୍ରାଫି ଏବଂ ମ୍ୟାଟେରିଆଲ୍ସ ସାଇନ୍ସରେ ତାଙ୍କ ଗବେଷଣା ବୈଜ୍ଞାନିକ ସମୁଦାୟଙ୍କୁ ଏହି କ୍ଷେତ୍ରଗୁଡ଼ିକ ବୁଝିବାରେ ଉଲ୍ଲେଖନୀୟ ଅଗ୍ରଗତି କରିଥିଲା। ଏହିସବୁ କ୍ଷେତ୍ରରେ ତାଙ୍କ କାର୍ଯ୍ୟ ଭାରତରେ ଆଧୁନିକ ମ୍ୟାଟେରିଆଲ୍ସ ସାଇନ୍ସର ଭିତ୍ତିପ୍ରସ୍ତର ପକାଇଥିଲା।

୬ ଦଶନ୍ଧିର କ୍ୟାରିୟର ମଧ୍ୟରେ ଚିଦାମ୍ବରମ୍ ବହୁ ସମ୍ମାନଜନକ ପଦବୀରେ ରହିଥିଲେ। ସେ ୨୦୦୧ରୁ ୨୦୧୮ ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା ରହିଥିଲେ। ଏଥିସହ ସେ ୧୯୯୦ରୁ ୧୯୯୩ ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶକ, ୧୯୯୩ରୁ ୨,୦୦୦ ଅଣୁଶକ୍ତି ଆୟୋଗର ଅଧ୍ୟକ୍ଷ ଏବଂ ଭାରତ ସରକାରଙ୍କ ସଚିବ ରହିଥିଲେ। ଏହା ବ୍ୟତୀତ ସେ ୧୯୯୪-୯୫ରେ ଅନ୍ତର୍ଜାତୀୟ ଅଣୁ ଶକ୍ତି ସଂସ୍ଥା (ଆଇଏଇଏ)ର ବୋର୍ଡ ଅଫ୍ ଗଭର୍ନର୍ସ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ।

ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ଶୋକବ୍ୟକ୍ତ କରି ଏକ୍ସ'ରେ ଲେଖିଛନ୍ତି, ଚିଦାମ୍ବରମ୍ ଭାରତୀୟ ଆଣବିକ କାର୍ଯ୍ୟକ୍ରମର ମୁଖ୍ୟ ବିନ୍ଧାଣି ଥିଲେ ଏବଂ ଭାରତର ବିଜ୍ଞାନ ଓ ରଣନୀତି ସାମର୍ଥ୍ୟକୁ ସୁଦୃଢ଼ କରିବାରେ ତାଙ୍କର ଐତିହାସିକ ଅବଦାନ ରହିଥିଲା। ସାରା ଦେଶ ତାଙ୍କୁ କୃତଜ୍ଞତାର ସହ ମନେରଖିବ ଏବଂ ତାଙ୍କ ଉଦ୍ୟମଗୁଡ଼ିକ ଆଗାମୀ ପିଢ଼ିଙ୍କୁ ପ୍ରେରଣା ଦେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ କରିଥିବା ୨ଟି ପରମାଣୁ ପରୀକ୍ଷା ପାଇଁ ଚିଦାମ୍ବରମ୍ ସ୍ମରଣୀୟ ହୋଇ ରହିବେ ବୋଲି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଜିତେନ୍ଦ୍ର ସିଂ କହିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏହି ମେଧାବୀ ବୈଜ୍ଞାନିକଙ୍କ ପ୍ରତି ରାଷ୍ଟ୍ର ଋଣୀ। ତାଙ୍କ ମହାନ୍ ଅବଦାନ ସବୁଦିନ ପାଇଁ ଆମ ହୃଦୟରେ ରହିବ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି।

# ଧରାପଡ଼ିଲା ବାହାର ରାଜ୍ୟର ୧୧ଲକ୍ଷ ଟଙ୍କାର ମଦ, ୨ ଗିରଫ

ବାଲେଶ୍ୱର, ୪।୧(ବାଞ୍ଛାନିଧି ଦେ)

ଓଡ଼ିଶାକୁ ବାହାର ରାଜ୍ୟର ମଦ ଚୋରା ଚାଲାଣ ହେଉଥିବା ବେଳେ ବାଲେଶ୍ୱର ଅବକାରୀ ବିଭାଗ ଦ୍ୱାରା ୧୧ଲକ୍ଷ ଟଙ୍କାର ମଦ ଜବତ କରାଯାଇଛି। ୧୬ ନମ୍ବର ଜାତୀୟ ରାଜପଥର ଫୁଲାଡ଼ି ନହରପାଟଣା ରାସ୍ତାରେ ଚଢ଼ାଉ କରାଯାଇ ଗୋଆ ରାଜ୍ୟର ମଦ ଜବତ ହୋଇଛି। ଏହି ମଦ ଟିକସ ଫାଙ୍କି ଯାଉଥିବା ବେଳେ ଏହାର ମୂଲ୍ୟ ୧୧ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଅଧୀକ୍ଷକ ସୁଶାନ୍ତ ପାଢ଼ୀ ସୂଚନା ଦେଇଛନ୍ତି। ଏଥିସହ ଦୁଇ ଜଣ ମଦ ବେପାରୀଙ୍କୁ ଗିରଫ କରାଯିବା ସହ ମଦ ବୋଝେଇ ଭ୍ୟାନକୁ ମଧ୍ୟ ଜବତ କରାଯାଇଛି। ଗିରଫ ମଦ ବେପାରୀ ହେଉଛନ୍ତି ଝାରସୁଗୁଡ଼ା ବ୍ରଜରାଜନଗର ଅଞ୍ଚଳର ଜୟରାମ ଶାହା(୪୫) ଏବଂ ସୁନୀଲ ସିଂ(୪୪)। ଏନେଇ ଏକ ମାମଲା (ନଂ.୧୨୦/୨୪-୨୫) ରୁଜୁ ହୋଇ ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁସାରେ, ଗୋଆରୁ ବେଆଇନ ମଦ ଝାଡ଼ଖଣ୍ଡ ହୋଇ ଓଡ଼ିଶାକୁ ଆସିଥିଲା। ମଦର ଟିକସ ଫାଙ୍କି ସେମାନେ ଆଣୁଥିଲେ। ଖବର ପାଇ ଅବକାରୀ ଅଧୀକ୍ଷକ ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ଅବକାରୀ ଅଧୀକ୍ଷକ ସିଏଚ୍ ତିରୁପତିଙ୍କ ନେତୃତ୍ୱରେ ମୋବାଇଲ ଅବକାରୀ ଓ ସଦର ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ବିଳମ୍ବିତ ରାତିରେ ୧୬ନମ୍ବର ଜାତୀୟ ରାଜପଥ ଫୁଲାଡ଼ି ନହରପାଟଣାଠାରେ ଗାଡ଼ିକୁ ଅଟକାଇ ତଦନ୍ତ କରିଥିଲେ। ପିକଅପ୍ ଭ୍ୟାନ୍‌ରେ ମୋଟ୍ ୧୦୮୦ଲିଟର ମଦ ଥିବା ଜଣାପଡ଼ିଥିଲା। ୧୨୦ଟି ପେଟି ଥିବା ବେଳେ ସେଥିରେ ୧୪୪୦ଟି ମଦ ବୋତଲ ରହିଥିଲା। ଯାହାର ମୂଲ୍ୟ ୧୧ଲକ୍ଷ ଟଙ୍କା ହେବ। ସେମାନେ ଏହି ମଦକୁ ବାଲେଶ୍ୱର ଆଣି ଏଠାରୁ ବାହାରକୁ ଚୋରାଚାଲାଣ ହୋଇଥାନ୍ତା। ଏହି ଚଢ଼ାଉରେ ଅବକାରୀ ସଦର ଆଇଆଇସି ଦିପ୍ତୀମୟୀ ସାହୁ, ମୋବାଇଲ ଆଇଆଇସି ହରିହର ସିଂ, ମୋବାଇଲ ସ୍କାଡ୍ ସବଇନ୍ସପେକ୍ଟର ଭକ୍ତଚରଣ ସ୍ୱାଇଁ, ସଦର ଓଆଇସି ପ୍ରଜ୍ଞାପ୍ରିୟା ନାୟକ ପ୍ରମୁଖ ସାମିଲ ଥିଲେ।

## ଟ୍ରାକ୍ଟର ଓଲଟି ୨ ଭଉଣୀଙ୍କ ମୃତ୍ୟୁ

### ଟ୍ରାକ୍ଟର ଡାଲାରେ ବସି ବାପାଙ୍କ ପାଇଁ ଖାଇବାକୁ ନେଇ ଯାଉଥିଲେ

ଯାଜପୁରରୋଡ୍,୪।୧(ପବିତ୍ର ରଞ୍ଜନ ମହାନ୍ତି)



ରାଣୀ ହାଁସଦା ଓ ଦୁଲାରୀ ହାଁସଦା

ଯାଜପୁର ଜିଲା ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଯୋଡ଼ାବର ଅଞ୍ଚଳରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ଟ୍ରାକ୍ଟର ଓଲଟି ପଡ଼ିବାରୁ ଡାଲାରେ ବସି ବାପାଙ୍କ ପାଇଁ ଖାଇବାକୁ ନେଇ ଯାଉଥିବା ୨ ଭଉଣୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସେମାନେ ହେଲେ ରମ୍ପାସ ମାଝୀ ସାହିର ରାଜୁ ହାଁସଦାଙ୍କ ଝିଅ ରାଣୀ ହାଁସଦା(୧୬) ଓ ଦୁଲାରୀ ହାଁସଦା(୧୫)। ରାଣୀ ନବମ ଓ ଦୁଲାରୀ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ।

ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ୧ନଂ. ୱାର୍ଡର ଯୋଡ଼ାବାର ଗ୍ରାମ ନିକଟ ଏକ ଧାନ ବିଲରେ ରାଜୁ କାର୍ଯ୍ୟ କରୁଥିଲେ। ରାଜୁଙ୍କ ୨ ଝିଅ ଦୁଲାରୀ ଓ ରାଣୀ ଟ୍ରାକ୍ଟର ଡାଲାରେ ବସି ଆସୁଥିବାବେଳେ ଟ୍ରାକ୍ଟରଟି ଅଧାବାଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଦୁଇ ଭଉଣୀ ଟ୍ରାକ୍ଟର ତଳେ ଚାପିହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଯାଜପୁର ରୋଡ୍ ପୋଲିସ ପହଞ୍ଚି ଟ୍ରାକ୍ଟର ନଂ.ଓଡି୩୪ଏସ ୭୫୪୩କୁ ଜବତ କରିଥିଲା। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ପହଞ୍ଚି ରେଡ୍‌କ୍ରସ ପାଣ୍ଠିରୁ ସେମାନଙ୍କ ପରିବାରକୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ସ୍ଥାନୀୟ କାଉନସିଲର ବିଜୟ କୁମାର ଜେନା ଓ ଅନୁପ ନାୟକ ମଧ୍ୟ ପହଞ୍ଚି ସହାୟତା ରାଶି ପ୍ରଦାନ କରିଛନ୍ତି। ଏନେଇ ଥାନାରେ ନଂ.୪୧୨୫ରେ ଏକ ମାମଲା ରୁଜୁ ହୋଇଛି। ମୃତାଙ୍କ ପରିବାର ଲୋକେ କ୍ଷତିପୂରଣ ଦାବି କରିଛନ୍ତି।

## ଜାଡ଼ରେ ଥରୁଛି ଜି. ଉଦୟଗିରି

### ସର୍ବନିମ୍ନ ତାପମାତ୍ରା ୪.୬ ଡିଗ୍ରୀ

ଜି.ଉଦୟଗିରି,୪।୧(ଶିଶିର ପଟ୍ଟନାୟକ)

କନ୍ଧମାଳ ଜିଲା ଜି.ଉଦୟଗିରି ସହର କ୍ରମାଗତ ୪ ଦିନ ଧରି ରାଜ୍ୟର ଥଣ୍ଡା ସହର ଭାବେ ଚିହ୍ନଟ ହୋଇଛି। ଶନିବାର ଦିନର ସର୍ବନିମ୍ନ ତାପମାତ୍ରା ୪.୬ ଡିଗ୍ରୀ ରେକର୍ଡ କରାଯାଇଛି। ଗୁରୁବାର ଓ ଶୁକ୍ରବାର ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ସେଲ୍‌ସିୟସ ରହିଥିଲା। କ୍ରମାଗତ ଶୀତ ବଢୁଥିବା ଯୋଗୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେତେ ଜରୁରୀ ନ ଥିଲେ ଅତି ବୟସ୍କ ବ୍ୟକ୍ତି ଓ ଶ୍ୱାସରୋଗୀ ଶୀତରେ ଘରୁ ନ ବାହାରିବା ପାଇଁ ଡାକ୍ତର ସତ୍ୟନାରାୟଣ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ଶୀତ ସାଙ୍ଗକୁ ଘନ କୁହୁଡ଼ି ସହ କୋହଲା ପବନ ଯୋଗୁ ଜୀବନଯାତ୍ରା ପ୍ରଭାବିତ ହେଉଛି। ରାସ୍ତା କଡ଼ର ଛୋଟଛୋଟ ବ୍ୟବସାୟୀ ବିଶେଷ ଭାବେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



DSPL-296





# ପାଣି ପଞ୍ଚାୟତ ପକ୍ଷ ୨୦୨୫

## ରାଜ୍ୟସ୍ତରୀୟ ଉଦ୍‌ଯାପନ ସମାରୋହ

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**୫ ଜାନୁଆରୀ, ୨୦୨୫ ପୂର୍ବାହ୍ନ ୧୧.୩୦**

ବିଜୁ ପଟ୍ଟନାୟକ ଖେଳ ପଡ଼ିଆ, ବରମୁଣ୍ଡା, ଭୁବନେଶ୍ୱର



- ରାଜ୍ୟସ୍ତରୀୟ ପ୍ରଦର୍ଶନୀ
- ସହଭାଗୀ ସେଚ ପରିଚାଳନା ଉପରେ କ୍ଷୁଦ୍ର ଚଳଚିତ୍ର
- ବୃତ୍ତଚିତ୍ର "ସ୍ରୋତ - ଜଳ ପରିଚାଳନା ପରିବର୍ତ୍ତନ ଧାରାରେ ମହିଳାଙ୍କ ନେତୃତ୍ୱ"
- ସେଚ ସହଭାଗିତା ୩.୦ ର ଉନ୍ମୋଚନ ଓ ପୁରସ୍କାର ବିତରଣ
- "ଜଳବାୟୁ ସହନଶୀଳ କୃଷି ଓ ଜଳର ଯଥୋଚିତ ବ୍ୟବହାର ପାଇଁ ପାଣି ପଞ୍ଚାୟତର ପ୍ରସ୍ତୁତି" - ଆଲୋଚନା ଚକ୍ର

OIPR-32001/13/0003/2425

dowr.odisha.gov.in | x.com/OdishaWater | **ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର** | facebook.com/odishawater | instagram.com/odisha_water



DSPL-295

ODISHA MARITIME BOARD

ODISHA NEW OPPORTUNITIES

UTKARSH ODISHA
MAKE IN ODISHA CONCLAVE'25
BHUBANESWAR | 28th - 29th JAN | 2025



Shri Narendra Modi
Prime Minister



Shri Mohan Charan Majhi
Chief Minister, Odisha

# Odisha Maritime Board

invites for

2 Sectoral Sessions

on

## Port Sector and Multimodal Logistics

**29 JANUARY 2025 | 02:30 PM - 04:30 PM**
JANATA MAIDAN, BHUBANESWAR

- Hub for Ship-Building & Repair
- Develop Cruise and Container Terminals
- Develop Marina and Multipurpose Harbour
- Empower Port-Dependent Industries with Captive Jetties

OIPR- 02001/13/0008/2425

Scan to Register

INVEST IN ODISHA, INVEST IN FUTURE

Or visit us at https://mio.investodisha.gov.in/

Investment Intention Form | Schedule a Meeting

Follow us on @InvestInOdisha /InvestOdisha

COMMERCE & TRANSPORT DEPARTMENT

Kharavel Bhawan, Gopabandhu Marg, Keshari Nagar, Bhubaneswar, 751001
0674-2536857 | ctsec.or@nic.in | www.ct.odisha.gov.in

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଜାନୁଆରୀ ୫/୨୦୨୫ Bhubaneswar, Sunday, January 5/ 2025

# ପାହାଡ଼ରୁ ଖସିଲା ଆର୍ମି ଟ୍ରକ୍: ୪ ଯବାନ ମୃତ

**ଶ୍ରୀନଗର, ୪।୧**

ଜମ୍ମୁ-କଶ୍ମୀରର ବାନ୍ଦିପୁର ଜିଲା ସଦର ପୁର ପାୟେନ ଅଞ୍ଚଳର ପାହାଡ଼ିଆ ରାସ୍ତାରେ ଶନିବାର ଏକ ସେନା ଟ୍ରକ୍ ଯାଉଥିବାବେଳେ ନିୟନ୍ତ୍ରଣ ହରାଇ ଖାଇରେ ଖସିଯାଇଛି। ଏହି ଦୁର୍ଘଟଣାରେ ଭାରତୀୟ ସେନାର ୪ ଜଣ ଯବାନଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଯବାନ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ ଯବାନମାନଙ୍କୁ ସ୍ଥାନୀୟ ଆର୍ମି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୋଡ଼ ବଦଳାଇବା ସମୟରେ ଆର୍ମି ଟ୍ରକ୍ ତୀବ୍ର ଗତିରେ ଥିବାରୁ ଏହା ନିୟନ୍ତ୍ରଣ ହରାଇ ପାହାଡ଼ ତଳକୁ ଖସି ପଡ଼ିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଦୁର୍ଘଟଣା ସ୍ଥଳରେ ସୁରକ୍ଷା ବଳ ଓ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ।



ପଞ୍ଜାବ ସିଙ୍ଗୁର ଜିଲାର ଖନୌରି ସୀମାରେ ଶନିବାର ଅନୁଷ୍ଠିତ କିଷାନ ମହାପଞ୍ଚାୟତରେ ଚାଷୀମାନେ ସାମିଲ ହୋଇଛନ୍ତି।

# କୃଷକ ଆନ୍ଦୋଳନ ଅଚଳାବସ୍ଥା ଦୂର ପାଇଁ କେନ୍ଦ୍ରର ସହାୟତା ଲୋଡ଼ିଲା ପଞ୍ଜାବ

**ନୂଆଦିଲ୍ଲୀ,୪।୧**

କୃଷକମାନଙ୍କ ବିଭିନ୍ନ ଦାବିକୁ ନେଇ ପଞ୍ଜାବ-ହରିୟାଣା ସୀମାରେ ଆନ୍ଦୋଳନ ଜାରି ରହିଥିବାବେଳେ ଅଚଳାବସ୍ଥା ଦୂର ପାଇଁ ପଞ୍ଜାବ ସରକାର କେନ୍ଦ୍ରର ସହାୟତା ଲୋଡ଼ିଛନ୍ତି। ପଞ୍ଜାବ ସରକାର କେନ୍ଦ୍ରକୁ ଚିଠି ଲେଖି କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ହସ୍ତକ୍ଷେପ ଚାହିଁଛନ୍ତି। ଏହା ବ୍ୟତୀତ ନଭେମ୍ବର ୨୬ରୁ କୃଷକ ନେତା ଜଗଜିତ ସିଂ ଡାଲେୱାଲ ଆମରଣ ଅନଶନରେ ବସିଥିବାବେଳେ ଏହା ଉପରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀକୁ ନେଇ ରାଜ୍ୟ କୃଷିମନ୍ତ୍ରୀ ଗୁରମିତ୍ ସିଂ ଖୁଡିଆନ୍ କେନ୍ଦ୍ରର ଦୃଷ୍ଟିଆକର୍ଷଣ କରିଛନ୍ତି। ଗତ ମାସ ୨୦ରେ ଏହି ଚିଠି ଲେଖାଯାଇଥିଲାବେଳେ ଚଳିତ ସପ୍ତାହରେ ମନ୍ତ୍ରଣାଳୟର ହସ୍ତଗତ ହୋଇଛି। ଆମରଣ ଅନଶନରେ ବସିଥିବା ଡାଲେୱାଲଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସର୍ବୋଚ୍ଚ ଅଦାଲତ ଉଦ୍‌ବେଗ ପ୍ରକାଶ କରିବା ସହ ଆବଶ୍ୟକ ହେଲେ ତାଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରାଇବା ପାଇଁ ପଞ୍ଜାବ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ଅନଶନ ଘଟଣାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ମନ୍ତ୍ରଣାଳୟ ପଦକ୍ଷେପ ନେବ ବୋଲି କେନ୍ଦ୍ର କୃଷିମନ୍ତ୍ରୀ କହିଥିଲେ।

# ପରସ୍ପରକୁ ମାରିଲେ କଲରାପତରିଆ, ବାଇକ୍ ଚାଳକ

**ଲକ୍ଷ୍ନୌ, ୪।୧**

ଉତ୍ତରପ୍ରଦେଶର ମୁରାଦାବାଦ ଜିଲା ଠାକୁରଦ୍ୱାରା ଥାନାସ୍ଥିତ ଏକ ହାଇୱେରୁ ଶନିବାର ବିଳମ୍ବିତ ରାତିରେ ସାଜିଦ ଅଲି(୨୯) ଭୁଲ ବଶତଃ ଏକ କଲରାପତରିଆକୁ ଗାଡ଼ି ମଡ଼ାଇ ଦେଇଥିଲେ। କଲରାପତରିଆ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଆହତ ଅବସ୍ଥାରେ କଲରାପତରିଆଟି ସାଜିଦଙ୍କୁ ଆକ୍ରମଣ କରିଥିଲା। ଆକ୍ରମଣରେ ସାଜିଦ ଗୁରୁତର ହୋଇଥିଲେ। ଲଗାତର ଭାବେ ମୁଣ୍ଡରୁ ରକ୍ତସ୍ରାବ ଯୋଗୁ କଲରାପତରିଆର ମୃତ୍ୟୁ ଘଟିଥିଲା। ରବିବାର ଭୋର ସମୟରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରୁ କଲରାପତରିଆର ମୃତଦେହ ସହ ସାଜିଦଙ୍କୁ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଦେଖିଥିଲେ। ହସ୍ପିଟାଲ ନିଆଯାଉଥିବାବେଳେ ସାଜିଦଙ୍କ ମୃତ୍ୟୁ ଘଟିଥିଲା। ଉଭୟ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ସନ୍ଦେହରେ ଖବରଦାତାଙ୍କ ସମ୍ପର୍କୀୟ ଭାଇ

## ଦୁର୍ନୀତି ପଦାରେ ପକାଇବାରୁ ମାରିଦେଲେ

**ନୂଆଦିଲ୍ଲୀ,୪।୧(ପି.ଟି.)**

ଛତିଶଗଡ଼ର ୨୮ ବର୍ଷୀୟ ଖବରଦାତା ମୁକେଶ ଚନ୍ଦ୍ରାକରଙ୍କ ମୃତଦେହ ଏକ ପାଇଖାନା ଟାଙ୍କିରୁ ମିଳିବା ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ହତ୍ୟା ମାମଲାରେ ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ମୁକେଶଙ୍କ ସମ୍ପର୍କୀୟ ଭାଇ ରିତେଶ ଚନ୍ଦ୍ରାକର ବୋଲି ଜଣାପଡ଼ିଛି।

ବସ୍ତର ଅଞ୍ଚଳର ଗଙ୍ଗାଲୁରରୁ ହିରୋଲି ୧୨୦ କୋଟି ଟଙ୍କାର ସଡ଼କ ନିର୍ମାଣ ପ୍ରକଳ୍ପରେ ଦୁର୍ନୀତିକୁ ମୁକେଶ ତାଙ୍କ ଅନୁସନ୍ଧାନମୂଳକ ଖବର ଜରିଆରେ ପଦାରେ ପକାଇଥିଲେ। ଏହି ପ୍ରକଳ୍ପ ପାଇଁ ପ୍ରାରମ୍ଭିକ ଟେଣ୍ଡର ୫୦ କୋଟି ଟଙ୍କା ହୋଇଥିବାବେଳେ କାର୍ଯ୍ୟ ପରିସରରେ କୌଣସି ପରିବର୍ତ୍ତନ କରା ନ ଯାଇ ଏହାକୁ ୧୨୦ କୋଟି ଟଙ୍କାକୁ ବଢ଼ାଇ ଦିଆଯାଇଥିଲା। ଠିକାଦାର ସୁରେଶ ଚନ୍ଦ୍ରାକର ଏହି କାର୍ଯ୍ୟର ଠିକା ନେଇଥିଲେ। ତେବେ ମୁକେଶଙ୍କ ରିପୋର୍ଟ ପରେ ରାଜ୍ୟ ସରକାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ମୁକେଶଙ୍କ ଭାଇ ରିତେଶ ତାଙ୍କୁ ଜାନୁଆରୀ ୧ରେ ଠିକାଦାରଙ୍କ ସହ ଭେଟ କରାଇବା ବ୍ୟବସ୍ଥା କରିଥିଲେ। ଏହା ପରେ ମୁକେଶଙ୍କ ଫୋନ୍ ସୁଇଚ୍ ଅଫ୍ ହୋଇଯିବା ସହ ସେ ନିଖୋଜ ଥିବା ତାଙ୍କ ବଡ଼ଭାଇ ୟୁକେଶ ଚନ୍ଦ୍ରାକର ଥାନାରେ ଜଣାଇଥିଲେ। ଏହାର ଦୁଇଦିନ ପରେ ପାଇଖାନା ଟାଙ୍କିରୁ ମୁକେଶଙ୍କ ମୃତଦେହ ମିଳିଥିଲା। ପୋଲିସ ରିତେଶ ଏବଂ ତାଙ୍କ ପରିବାରର ଅନ୍ୟତମ ସଦସ୍ୟ ଦିନେଶ ଚନ୍ଦ୍ରାକରଙ୍କୁ ଗିରଫ କରିଥିବାବେଳେ ଠିକାଦାର ସୁରେଶ ଫେରାର ହୋଇଯାଇଛନ୍ତି।

ମୁକେଶଙ୍କ ସହ ରିତେଶଙ୍କର ଭଲ ସମ୍ପର୍କ ରହିଆସିଥିଲା। ତେବେ ସେ ଠିକାକାର୍ଯ୍ୟରେ ଦୁର୍ନୀତି ଖବର ପଦାରେ ପକାଇବା ପରେ ଉଭୟଙ୍କ ମଧ୍ୟରେ ତିକ୍ତତା ଦେଖାଦେଇଥିଲା। ଅନୁସନ୍ଧାନମୂଳକ ଖବର ପରେ ମୁକେଶଙ୍କ ପରିବାରକୁ ସିଧାସଳଖ ଧମକ ମିଳି ନ ଥିଲେ ମଧ ଉତ୍ତେଜନା ଦେଖାଦେଇଥିଲା। ଛତିଶଗଡ଼ ସରକାର ତୁରନ୍ତ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଦାବି କରିଛନ୍ତି।



ମୁକେଶ ଚନ୍ଦ୍ରକର

## ଖବରଦାତା ହତ୍ୟାକୁ ଏଡିଟର୍ସ ଗିଲ୍ଡର ନିନ୍ଦା

ଛତିଶଗଡ଼ର ଟିଭି ଖବରଦାତା ମୁକେଶ ଚନ୍ଦ୍ରାକରଙ୍କୁ ହତ୍ୟା ଘଟଣାକୁ ଦି ପ୍ରେସ୍ ଆସୋସିଏଶନ ଏବଂ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ଶନିବାର ନିନ୍ଦା କରିଛି। ରାଜ୍ୟ ସରକାର ମାମଲାର ଉପଯୁକ୍ତ ତଦନ୍ତ କରିବା ପାଇଁ ଉଭୟ ଗଣମାଧ୍ୟମ ସଂଗଠନ ଦାବି କରିଛନ୍ତି।

ମୁକ୍ତବୃତ୍ତି ଖବରଦାତା ମୁକେଶ ଏକ ସଡ଼କ ନିର୍ମାଣ କାର୍ଯ୍ୟରେ ଅନିୟମିତତାକୁ ପଦାରେ ପକାଇଥିଲେ। ବିଜାପୁର ସହରର ସ୍ଥାନୀୟ ଠିକାଦାରଙ୍କ ଜମିରେ ଥିବା ପାଇଖାନା ଟାଙ୍କିରୁ ଶୁକ୍ରବାର ତାଙ୍କ ମୃତଦେହ ମିଳିଥିଲା। ଯୁବ ସାମ୍ବାଦିକଙ୍କ ମୃତ୍ୟୁ ଗଭୀର ଚିନ୍ତାର ବିଷୟ। ଏହା ପଛରେ ଆପରାଧିକ କାର୍ଯ୍ୟ ରହିଥିବା ସନ୍ଦେହ କରାଯାଉଛି। ଛତିଶଗଡ଼ ସରକାର ତଦନ୍ତରେ କୌଣସି ସୁଯୋଗ ହାତଛଡ଼ା ନ କରି ଅପରାଧୀଙ୍କୁ କାଠଗଡ଼ାକୁ ଆଣନ୍ତୁ ବୋଲି ଏଡିଟର୍ସ ଗିଲ୍ଡ ଆହ୍ୱାନ ଦେଇଛି। ଫିଲ୍ଡରୁ ଖବର ସଂଗ୍ରହ କରୁଥିବା ଏବଂ ଅନୁସନ୍ଧାନକାରୀ ସାମ୍ବାଦିକତାରେ ସମ୍ପୃକ୍ତ ଖବରଦାତାମାନଙ୍କ ସୁରକ୍ଷା ଦିଗରେ ଛତିଶଗଡ଼ ସରକାର ପଦକ୍ଷେପ ନେବାକୁ ଉଭୟ ସଂଗଠନ ନିବେଦନ କରିଛନ୍ତି। ଖବରଦାତାମାନେ ଯେପରି ନିର୍ଭୟରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରିବେ ସେଥିପାଇଁ ଦୃଢ଼ ସୁରକ୍ଷା ଜରୁରୀ ବୋଲି ଦି ପ୍ରେସ୍ ଆସୋସିଏଶନ କହିଛି। ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆ ଏବଂ ଇଣ୍ଡିଆନ୍ ୱୋମେନ୍ ପ୍ରେସ୍ କର୍ ଖବରଦାତାଙ୍କୁ ହତ୍ୟା ଘଟଣାକୁ ନିନ୍ଦା କରିବା ସହ ଅପରାଧୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଆହ୍ୱାନ ଦେଇଛନ୍ତି। ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ମାମଲାକୁ ନିଜ ଆଡ଼ୁ ଗ୍ରହଣ କରି ରାଜ୍ୟ ସରକାର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛି।

## ଅତୁଲ ସୁଭାଷ ଆତ୍ମହତ୍ୟା ମାମଲା

# ସ୍ତ୍ରୀ, ଶାଶୁ, ଶାଳକଙ୍କୁ ଜାମିନ

**ନୂଆଦିଲ୍ଲୀ,୪।୧**

ବେଙ୍ଗାଲୁରୁର ଇଞ୍ଜିନିୟର ଅତୁଲ ସୁଭାଷ ଆତ୍ମହତ୍ୟା ମାମଲାରେ ସ୍ଥାନୀୟ ସିଭିଲ୍ କୋର୍ଟ ତାଙ୍କ ସ୍ତ୍ରୀ ନିକିତା ସିଂଘାନିଆ, ଶାଶୁ ନିଶା ଓ ଶାଳକ ଅନୁରାଗ ସିଂଘାନିଆଙ୍କୁ ଶନିବାର ଜାମିନ ମଞ୍ଜୁର କରିଛନ୍ତି। ଜାମିନ ପାଇଁ ସେମାନେ ସେସନ୍ସ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କେଉଁ ଆଧାରରେ ଅଦାଲତ ଜାମିନ ଦେଇଛନ୍ତି ଓ ଜାମିନ ସର୍ତ୍ତାବଳୀ କ'ଣ ରହିଛି, ତାହା ଅର୍ଡର ଦେଖିବା ପରେ ଜଣାପଡ଼ିବ ବୋଲି ସରକାରୀ ଓକିଲ ପୋନ୍ନନା କହିଛନ୍ତି। ତଦନ୍ତ ଶେଷ ନ ହୋଇ ଅଭିଯୁକ୍ତମାନଙ୍କୁ ଜାମିନ ଦିଆଯାଇଥିବାରୁ ଆମେ ଏଥିରେ ଖୁସି ନୋହୁଁ। ଜାମିନ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରାଯିବ ବୋଲି ଓକିଲ ସୂଚନା ଦେଇଛନ୍ତି। ଛାଡ଼ପତ୍ର ପାଇଁ ନିକିତା ଓ ତାଙ୍କ ପରିବାର ୩ କୋଟି ଟଙ୍କା ଦାବି କରି ଚାପ ପକାଇଆସୁଥିବାବେଳେ ଏଥିରେ ଅତିଷ୍ଠ ହୋଇ ଅତୁଲ ଆତ୍ମହତ୍ୟା କରିଥିଲେ। ଡିସେମ୍ବର ୯ରେ ତାଙ୍କ ଆପାର୍ଟମେଣ୍ଟରୁ ମୃତଦେହ ମିଳିବା ସହ ୯୦ ମିନିଟର ଭିଡିଓ ଏବଂ ୪୦ ପୃଷ୍ଠାର ସୁଇସାଇଡ୍ ନୋଟ୍ ମିଳିଥିଲା।

# ଆମେରିକା ହାଉସ୍‌ରେ ୬ ଭାରତୀୟ ବଂଶୋଦ୍ଭବ ଶପଥ ନେଲେ

**ୱାଶିଂଟନ,୪।୧**

ଆମେରିକାର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ୬ ଜଣ ଭାରତୀୟ-ଆମେରିକୀୟ ଆଇନପ୍ରଣେତା ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଆମେରିକା କଂଗ୍ରେସରେ ଭାରତୀୟ ବଂଶୋଦ୍ଭବଙ୍କ ସଂଖ୍ୟା ସର୍ବାଧିକ ହୋଇଛି। ବରିଷ୍ଠ କଂଗ୍ରେସ ସଦସ୍ୟ ଆମି ବେରା ଉକ୍ତ ଘୋଷଣାକୁ ସାମାଜିକ ଗଣମାଧ୍ୟମରେ ଶେୟାର କରିଛନ୍ତି। ୧୧୯ତମ ଆମେରିକା କଂଗ୍ରେସରେ ଶପଥ ନେଇଥିବା ଅନ୍ୟ ଆଇନ ପ୍ରଣେତାମାନେ ହେଲେ ରୋ ଖାନ୍ନା, ରାଜା କ୍ରିଷ୍ଣମୂର୍ତ୍ତି, ପ୍ରମିଳା ଜୟପାଲ, ଶ୍ରୀ ଥାନେଦାର ଏବଂ ସୁହାସ୍ ସୁବ୍ରମଣ୍ୟମ୍। ବେରା କହିଛନ୍ତି, ୧୨ ବର୍ଷ ପୂର୍ବେ ସେ କଂଗ୍ରେସକୁ ନିର୍ବାଚିତ ହେବାବେଳେ ଏକମାତ୍ର ଭାରତୀୟ-ଆମେରିକୀୟ ଥିଲେ। ଆମେରିକା ଇତିହାସରେ ସେ ତୃତୀୟ କଂଗ୍ରେସ ସଦସ୍ୟ ଥିଲେ। ଶୁକ୍ରବାର ଶପଥ ନେଇଥିବା ୬ ଭାରତୀୟ ବଂଶୋଦ୍ଭବ ପ୍ରତିନିଧିଙ୍କ ଫଟୋକୁ ବେରା ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି।



ଆମେରିକା ହାଉସ୍‌ରେ ଶପଥ ନେଇଥିବା ଭାରତୀୟ ବଂଶୋଦ୍ଭବ କଂଗ୍ରେସ ସଦସ୍ୟ।

# ମାଇକ୍ ଜନ୍‌ସନ୍ ହାଉସ୍ ସ୍ପିକର ନିର୍ବାଚିତ

**ୱାଶିଂଟନ,୪।୧(ପି.ଟି.)**

ରିପବ୍ଲିକାନ୍ କଂଗ୍ରେସ ସଦସ୍ୟ ମାଇକ୍ ଜନ୍‌ସନ ଶୁକ୍ରବାର ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସର ସ୍ପିକର ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ମାତ୍ର ୩ ଭୋଟ ବ୍ୟବଧାନରେ ସେ ବିଜୟୀ ହୋଇଥିଲେ। ହାଉସ୍‌ରେ ରିପବ୍ଲିକାନ୍ ପାର୍ଟିର ୨୧୯ ସଦସ୍ୟ ଥିବାବେଳେ ଡେମୋକ୍ରାଟରୁ ୨୧୫ ସଦସ୍ୟ ରହିଛନ୍ତି। ପ୍ରାୟ ୧୦୦ ବର୍ଷ ମଧ୍ୟରେ ଏହା ସବୁଠୁ କମ୍ ସଂଖ୍ୟାଗରିଷ୍ଠତା। ୫୨ ବର୍ଷୀୟ ଲୁଇସିଆନା ପ୍ରତିନିଧି ଜନ୍‌ସନ୍‌ଙ୍କୁ ୨୧୮ ଭୋଟ ମିଳିଥିବାବେଳେ ଡେମୋକ୍ରାଟିକ୍ ପାର୍ଟିର ହାକିମ୍ ଜେଫ୍ରିସ୍ ୨୧୫ ଭୋଟ ପାଇଥିଲେ। ଜନ୍‌ସନ୍ ପୁନଃ ନିର୍ବାଚିତ ହୋଇଥିବାରୁ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ମହାକାଶରେ ଝୁଡ଼ୁଙ୍ଗ ଗଜାହେଲା

## ଇସ୍ରୋର ବଡ଼ ସଫଳତା

**ନୂଆଦିଲ୍ଲୀ,୪।୧**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ମହାକାଶର ମାଇକ୍ରୋଗ୍ରାଭିଟି ସ୍ଥିତିରେ ମାତ୍ର ୪ ଦିନ ମଧ୍ୟରେ ଝୁଡ଼ୁଙ୍ଗ ମଞ୍ଜିକୁ ଗଜା କରିବାରେ ସଫଳ ହୋଇଛି। ଇସ୍ରୋର ପିଏସ୍‌ଏଲ୍‌ଭି-ସି୬୦ ପିଓଇଏମ୍-୪ ମିଶନ ବେଳେ ଏହି ଉଲ୍ଲେଖନୀୟ ସଫଳତା ମିଳିଛି। ଏଥିପାଇଁ କମ୍ପାକ୍ଟ ରିସର୍ଚ୍ଚ ମଡ୍ୟୁଲ ଫର୍ ଅର୍ବିଟାଲ ପ୍ଲାଣ୍ଟ ଷ୍ଟଡିଜ୍ (ସିଆର୍‌ଓପିଏସ୍)କୁ ବ୍ୟବହାର କରାଯାଇଥିଲା। ମହାକାଶ ସ୍ଥିତିରେ କିଭଳି ଉଦ୍ଭିଦ ବଢ଼ିପାରିବ, ସେଥିପାଇଁ ଭିଏସ୍‌ଏସ୍‌ସି ଏହି ସିଆର୍‌ଓପିଏସ୍ ପେଲୋଡ୍‌କୁ ବିକଶିତ କରିଛି। ମଞ୍ଜି ଅଙ୍କୁରୋଦ୍‌ଗମ ଏବଂ ମାଇକ୍ରୋଗ୍ରାଭିଟି ପରିବେଶରେ ଉଦ୍ଭିଦ ବଞ୍ଚିରହିବା ଉପରେ ଗବେଷଣା ପାଇଁ ବିକଶିତ ଏହି ପେଲୋଡ୍ ଏକ ସ୍ୱୟଂକ୍ରିୟ ସିଷ୍ଟମ ଭଳି କାର୍ଯ୍ୟ କରିଥାଏ। ପୃଥିବୀ ବାହାରେ କୃଷି ଉପରେ ଅଧ୍ୟୟନ ନିମନ୍ତେ ଏକ ବନ୍ଦ ବାକ୍ସରେ ଠିକ୍ ତାପମାତ୍ରା ନିୟନ୍ତ୍ରଣରେ ୮ଟି ଝୁଡ଼ୁଙ୍ଗ ମଞ୍ଜି ରଖାଯାଇଥିଲା। ସିଷ୍ଟମରେ ଅତ୍ୟାଧୁନିକ ପର୍ଯ୍ୟବେକ୍ଷଣ ଉପକରଣ ସ୍ୱରୂପ ଉଚ୍ଚ କ୍ଷମତାବିଶିଷ୍ଟ କ୍ୟାମେରା, ଅମ୍ଳଜାନ ଓ ଉଦ୍‌ଯାନ ସ୍ତର ମାପିବାକୁ ସେନ୍‌ସର, ଆର୍ଦ୍ରତା ଡିଟେକ୍ଟର, ତାପ ପର୍ଯ୍ୟବେକ୍ଷଣ ଓ ମୃତ୍ତିକା ଆର୍ଦ୍ରତା ମାପ ଉପକରଣ ରହିଛି।



## ଫୁର୍‌ସତ୍


# ଫୁଟ୍‌ବଲ ମ୍ୟାଚ୍ ପାଇଁ ୧୪ ହଜାର କି.ମି. ସାଇକେଲ ଯାତ୍ରା

## ମା'ଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣକଲେ ମଙ୍ଗୋଲିଆ ଯୁବକ

**ଲଣ୍ଡନ:** ଅନ୍ୟ କ୍ରୀଡ଼ାଗୁଡ଼ିକଠାରୁ ଫୁଟ୍‌ବଲର ଯଥେଷ୍ଟ ମାତ୍ରାରେ ଅଧିକ ପ୍ରଶଂସକ ରହିଛନ୍ତି। ବିଶ୍ୱବ୍ୟାପୀ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ସବୁବେଳେ ଫୁଟ୍‌ବଲ୍‌ର କ୍ରେଜ୍ ମଧ୍ୟ ଲାଗି ରହିଥାଏ। ସମ୍ପ୍ରତି ବ୍ରିଟେନ୍‌ରେ ଇଂଲିଶ ପ୍ରିମିୟର ଲିଗ୍ (ଇପିଏଲ୍) ଜାରି ରହିଛି। ଇପିଏଲ୍‌ରେ ସବୁଠାରୁ ଲୋକପ୍ରିୟ ଟିମ୍ ଭାବେ ମାଞ୍ଚେଷ୍ଟର ୟୁନାଇଟେଡ୍ ପରିଚିତ ଥିବାବେଳେ ଏହି ଟିମ୍‌କୁ ସମର୍ଥନ କରିବା ପାଇଁ ଜଣେ ପ୍ରଶଂସକ ମଙ୍ଗୋଲିଆରୁ ସାଇକେଲ ଚଳାଇ ୧୪ ହଜାର କିଲୋମିଟର ଦୂର ବ୍ରିଟେନ୍‌ରେ ଆସି ପହଞ୍ଚିଛନ୍ତି। ସେ ବ୍ରିଟେନ୍‌ର ମାଞ୍ଚେଷ୍ଟରସ୍ଥିତ ଓଲ୍ଡ ଟ୍ରାଫୋର୍ଡ ଫୁଟ୍‌ବଲ୍ ଷ୍ଟାଡିୟମରୁ ନିଜର ଏକ ଫଟୋ ଶେୟାର କରି ତାଙ୍କର ଅଭିଜ୍ଞତା ସମ୍ପର୍କରେ ସମସ୍ତଙ୍କୁ ଜଣାଇଛନ୍ତି।

ମଙ୍ଗୋଲିଆର ଏହି ଫୁଟ୍‌ବଲ୍ ପ୍ରଶଂସକଙ୍କ ନାମ ହେଉଛି ଓଚିରଭାନି ଓଚିରୁ ବାଟବୋଲ୍ଡ। ସେ ଏକ୍ସ'ରେ ଏକ ପୋଷ୍ଟ କରି ଲେଖିଛନ୍ତି, ତାଙ୍କର ଏବଂ ତାଙ୍କ ମା'ଙ୍କର ଇପିଏଲ୍‌ରେ ପ୍ରିୟ ଫୁଟ୍‌ବଲ ଦଳ ହେଉଛି ମାଞ୍ଚେଷ୍ଟର ୟୁନାଇଟେଡ୍। ଦିନେ ନା ଦିନେ ସେ ତାଙ୍କ ମା'ଙ୍କୁ ଷ୍ଟାଡିୟମରେ ମାଞ୍ଚେଷ୍ଟର ୟୁନାଇଟେଡ୍‌ର ମ୍ୟାଚ୍ ଦେଖାଇବେ ବୋଲି ପିଲାଦିନେ ପ୍ରତିଶ୍ରୁତି ଦେଇଥିଲେ। ଏବେ ସେ ଏହି ପ୍ରତିଶ୍ରୁତି ପୂରଣ କରିଛନ୍ତି। ଏଥିପାଇଁ ସେ ମଙ୍ଗୋଲିଆରୁ ସାଇକେଲ ଯୋଗେ ୧୪ ହଜାର କି.ମି. ଦୂର ଅତିକ୍ରମ କରି ବ୍ରିଟେନ୍‌ରେ ପହଞ୍ଚିଛନ୍ତି। ଏହି ଯାତ୍ରାରେ ତାଙ୍କୁ ଅନେକ କିଛି ସମସ୍ୟାର ସାମ୍ନା କରିବାକୁ ପଡ଼ିଥିଲେ ମଧ୍ୟ ମା'ଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିଥିବାରୁ ସେ ବହୁତ ଖୁସି ଅଛନ୍ତି ବୋଲି ଓଚିରୁ କହିଛନ୍ତି। ଓଲ୍ଡ ଟ୍ରାଫୋର୍ଡ ଫୁଟ୍‌ବଲ ଷ୍ଟାଡିୟମରେ ପାରମ୍ପରିକ ପୋଷାକ ପିନ୍ଧି ଓଚିରୁ ଏବଂ ତାଙ୍କ ମା' ଅନେକ ଫଟୋ ମଧ୍ୟ ଉଠାଇଛନ୍ତି।

୨୦୨୩ ମେ'ରେ ଓଚିରୁ ମଙ୍ଗୋଲିଆର ନିଜ ଘରୁ ଏହି ଯାତ୍ରା ପାଇଁ ସାଇକେଲ ଚଳାଇ ବାହାରିଥିଲେ। ସେତେବେଳେ ଓଚିରୁ ଏକ ପୋଷ୍ଟ ମାଧ୍ୟମରେ ଏହି ଘୋଷଣା କରିବା ସହ କହିଥିଲେ, ମାଞ୍ଚେଷ୍ଟର ୟୁନାଇଟେଡ୍ ତାଙ୍କ ପ୍ରିୟ ଦଳ ହୋଇଥିବାବେଳେ ୱେନ୍ ରୁନି ହେଉଛନ୍ତି ତାଙ୍କ ପ୍ରିୟ ଖେଳାଳି। ଛୋଟ ଥିବା ସମୟରେ ଫୁଟ୍‌ବଲର ହୋଇ ମାଞ୍ଚେଷ୍ଟର ୟୁନାଇଟେଡ୍ ପାଇଁ ଖେଳିବାକୁ ସେ ସ୍ୱପ୍ନ ଦେଖିଥିଲେ। କିନ୍ତୁ କଷ୍ଟସାଧ ପରିସ୍ଥିତି ଯୋଗୁ ଏହା ସମ୍ଭବ ହୋଇପାରିଲା ନାହିଁ। ଜଣେ ଫୁଟ୍‌ବଲ୍ ଏଜେଣ୍ଟ ତାଙ୍କୁ ପ୍ରତାରଣା କରିଥିଲେ। ଏହା ତାଙ୍କ ଜୀବନର ସବୁଠୁ ବଡ଼ ଦୁଃଖ ଥିଲା ବୋଲି ଓଚିରୁ କହିଥିଲେ।



# କିଆରାଙ୍କୁ ନେଇ ଗୁଜବ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କିଆରା ଆଡ଼ଭାନୀ ସମ୍ପ୍ରତି ନିଜର ଆଗାମୀ ଫିଲ୍ମ 'ଗେମ୍ ଚେଞ୍ଜର'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହି ଫିଲ୍ମରେ ସେ ସାଉଥ ସୁପରଷ୍ଟାର ରାମଚରଣଙ୍କ ବିପକ୍ଷରେ ନଜରକୁ ଆସିବେ। ତେବେ କିଆରା ଅସୁସ୍ଥ ଅଛନ୍ତି ଏବଂ ଶନିବାର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା। କିଆରାଙ୍କ ଟିମ୍ ପକ୍ଷରୁ ଏହି ରିପୋର୍ଟଗୁଡ଼ିକୁ ଖଣ୍ଡନ କରାଯାଇଛି।

ଶୁକ୍ରବାର 'ଗେମ୍ ଚେଞ୍ଜର'ର ଟ୍ରେଲର ଲଞ୍ଚ ଇଭେଣ୍ଟ ଥିବା ବେଳେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ନାୟିକା କିଆରାଙ୍କୁ ଦେଖିବାକୁ ମିଳି ନ ଥିଲା। କିଆରା ଅସୁସ୍ଥ ଅଛନ୍ତି ଏବଂ ତାଙ୍କୁ ଶନିବାର ସକାଳେ ମୁମ୍ବାଇର ଏକ ହସ୍ପିଟାଲରେ ଭର୍ତ୍ତିକରାଯାଇଛି ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ଖବର ଶୁଣିବା ପରେ କିଆରାଙ୍କ ଅନେକ ପ୍ରଶଂସକ ଏବଂ ବଲିଉଡ୍‌ର ବହୁ ତାରକା ତାଙ୍କୁ ନେଇ ଚିନ୍ତିତ ହୋଇଥିଲେ। ତେବେ କିଆରାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇନାହିଁ ବୋଲି ତାଙ୍କ ଟିମ୍ ପକ୍ଷରୁ ଶନିବାର ସ୍ପଷ୍ଟୀକରଣ ରଖାଯାଇଛି। ଏକ ବିବୃତି ଜାରିକରି କିଆରାଙ୍କ ଟିମ୍ ପକ୍ଷରୁ କୁହାଯାଇଛି, କିଆରା ଲଗାତର ଭାବେ କାର୍ଯ୍ୟ କରି ଚାଲିଥିବାରୁ ଏବେ ସାମାନ୍ୟ ଥକ୍କାପଣ ଅନୁଭବ କରୁଛନ୍ତି। ତେଣୁ ଡାକ୍ତର ତାଙ୍କୁ କିଛିଦିନ ପାଇଁ ବିଶ୍ରାମ ନେବାକୁ ପରାମର୍ଶ ଦେଇଛନ୍ତି।

'ଗେମ୍ ଚେଞ୍ଜର' ଏକ ରାଜନୈତିକ ବିଷୟବସ୍ତୁକୁ ନେଇ ଆଧାରିତ ଫିଲ୍ମ ହୋଇଥିବାବେଳେ ଏଥିରେ ଜଣେ ଆଇଏଏସ୍ ଅଧିକାରୀ କିପରି ଭ୍ରଷ୍ଟ ନେତାମାନଙ୍କ ସହ ମୁକାବିଲା କରନ୍ତି ଏବଂ ଶେଷରେ ସେମାନଙ୍କ ବିରୋଧରେ ନିର୍ବାଚନ ଲଢ଼ନ୍ତି ତାହା ଦର୍ଶାଯାଇଛି। ଏସ୍. ଶଙ୍କରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଆସନ୍ତା ୧୦ ତାରିଖରେ ରିଲିଜ୍ ହେବ।



Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ